ବର୍ଷ-୨୬, ସଂଖ୍ୟା-୧୫୬
ଭୁବନେଶ୍ୱର
୧୦, ଜୁନ ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 156
Bhubaneswar
10, June, 2026, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଦୀଘା ଜଗନ୍ନାଥ ମନ୍ଦିରରୁ ହଟିବ 'ଧାମ' ଶବ୍ଦ

## ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା, ମୋହନ କଲେ ସ୍ୱାଗତ

ଭୁବନେଶ୍ୱର,୯।୬(ମହାଭରତ): ପଶ୍ଚିମବଙ୍ଗର ଦୀଘାଠାରେ ନିର୍ମିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ନାମକରଣକୁ ନେଇ ଚାଲିଆସୁଥିବା ଦୀର୍ଘଦିନର ବିବାଦର ଅନ୍ତ ଘଟିଛି। ପୁରୀ ଶ୍ରୀକ୍ଷେତ୍ରର ଗାରିମା ଓ ସନାତନ ସଂସ୍କୃତିର ସମ୍ମାନ ରକ୍ଷା କରି ଦୀଘା ମନ୍ଦିରର ନାମରୁ 'ଧାମ' ଶବ୍ଦ ହଟାଇବା ପାଇଁ ପଶ୍ଚିମବଙ୍ଗ ସରକାର ଘୋଷଣା କରିଛନ୍ତି। ଖୁବଶୀଘ୍ର ପଶ୍ଚିମବଙ୍ଗ ସରକାର ଏହି ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଇବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁରୋଧ ଓ ଲିଖିତ ଆପତ୍ତି ଏବଂ ପୁରୀ ସାଂସଦ ସମ୍ବିତ ପାତ୍ରଙ୍କ ପ୍ରୟାସ ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଯାହାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ସୋସିଆଲ ମିଡିଆ ମାଧ୍ୟମରେ ସ୍ୱାଗତ କରଛନ୍ତି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀ କହିଛନ୍ତି ଯେ, ଓଡିଶାର ମୁଖ୍ୟମନ୍ତ୍ରୀ ତଥା ବନ୍ଧୁ ମୋହନ ଚରଣ ମାଝୀଙ୍କ ପକ୍ଷରୁ ଦୀଘା ଜଗନ୍ନାଥ ମନ୍ଦିରରୁ 'ଧାମ' ଶବ୍ଦ ହଟାଇବା ପାଇଁ ଅନୁରୋଧ ଆସିଥିଲା। ଏହି ପ୍ରସ୍ତାବ ସନାତନ ସଂସ୍କୃତିର ଅନୁକୂଳ ଅଟେ। ରାଜ୍ୟର ପୂର୍ବ ସରକାର ଏହି ପ୍ରକଳ୍ପର ନାମ ସହିତ 'ଧାମ' ଶବ୍ଦ ଯୋଡି ସନାତନ ପରମ୍ପରା ଓ କୋଟିକୋଟି ଜଗନ୍ନାଥ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଥିଲେ। ପୂର୍ବ ସରକାରଙ୍କ ଏହି ନିଷ୍ପତ୍ତି ଠିକ୍ ନଥିଲା ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଚିଠିକୁ ଗ୍ରହଣ କରି ତୁରନ୍ତ ସେଠାରୁ 'ଧାମ' ଶବ୍ଦ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ସରକାରୀ ନଥିପତ୍ର ଓ





ରେଗୁଲେସନ ଅନୁଯାୟୀ ଏହି ପ୍ରକଳ୍ପଟି ବାସ୍ତବରେ ଏକ ସାଂସ୍କୃତିକ କେନ୍ଦ୍ର ଭାବେ ଅନୁମୋଦିତ ହୋଇଥିଲା । ଏଣୁ ଏବେ ଏହି ସମ୍ପୂର୍ଣ୍ଣ ପରିସରକୁ 'ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ସାଂସ୍କୃତିକ କେନ୍ଦ୍ର' ଭାବେ ନାମିତ କରାଯିବ ଓ ସେଠାରୁ 'ଧାମ' ଶବ୍ଦକୁ ସମ୍ପୂର୍ଣ୍ଣ ରୂପେ ବାଦ୍ ଦିଆଯିବ। ମନ୍ଦିର ପରିସର ମଧ୍ୟରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା, ରୀତିନୀତି, ଭଜନ-କୀର୍ତ୍ତନ ଓ ପ୍ରସାଦ ସେବନ ସନାତନ ଧର୍ମର ପରମ୍ପରା ଅନୁଯାୟୀ ସମ୍ପୂର୍ଣ୍ଣ ସାତ୍ତ୍ୱିକତା ଓ ନିଷ୍ଠାର ସହ ଚାଲିବ। ଭଗବାନ ଶ୍ରୀଜଗନ୍ନାଥ କେବଳ ଓଡିଶାର ନୁହନ୍ତି, ବରଂ ସାରା ପୃଥିବୀର କୋଟି କୋଟି ଭକ୍ତଙ୍କର ଆରାଧ୍ୟ ହୋଇଥିବାରୁ ଏହି ନିଷ୍ପତ୍ତି ସମସ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ନିଆଯାଇଛି । ଏହା ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଥିବା ଭାତୃଭାବ ଓ ସାଂସ୍କୃତିକ ସୌହାର୍ଦ୍ଦ୍ୟକୁ ଆହୁରି ସୁଦୃ କରିବ ବୋଲି ଶ୍ରୀ ଅଧିକାରୀ କହିଛନ୍ତି।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସମଗ୍ର ବିଶ୍ୱର ପ୍ରାଣବିନ୍ଦୁ ଓ ଆମ ସାଂସ୍କୃତିକ ଆଧ୍ୟାତ୍ମିକ ଅସ୍ମିତାର ସର୍ବଶ୍ରେଷ୍ଠ ପ୍ରତୀକ। ଶାସ୍ତ୍ରୀୟ ଓ ପୌରାଣିକ ମାନ୍ୟତା ଅନୁଯାୟୀ, ପବିତ୍ର ଶ୍ରୀକ୍ଷେତ୍ର ପୁରୀ ହିଁ ସନାତନ ଧର୍ମର ଅନନ୍ୟ ଓ ଅଦ୍ୱିତୀୟ 'ଜଗନ୍ନାଥ ଧାମ' ଅଟେ। ପଶ୍ଚିମବଙ୍ଗର ପୂର୍ବତନ ସରକାରଙ୍କ ସଙ୍କୁଚିତ ରାଜନୈତିକ ଆଭିମୁଖ୍ୟ ଓ ସନାତନ ପରମ୍ପରା ପ୍ରତି ଥିବା ଅଜ୍ଞତାକାରଣରୁ ଦୀଘା ପ୍ରକଳ୍ପ ପାଇଁ 'ଜଗନ୍ନାଥ ଧାମ' ନାମର ଅପପ୍ରୟୋଗ କରିଥିଲେ । ଯାହାକି ବିଶ୍ୱବ୍ୟାପୀ ଶ୍ରୀଜଗନ୍ନାଥ ଶ୍ରଦ୍ଧାଳୁଙ୍କ ଧାର୍ମିକ ବିଶ୍ୱାସକୁ ଗଭୀର ଭାବେ ଆଘାତ କରିଥିଲା । ପୂର୍ବ ସରକାରଙ୍କ ସେହି ଦୂରଦୃଷ୍ଟିହୀନ ନୀତିକୁ ବଦଳାଇ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ସମ୍ବେଦନଶୀଳ ପ୍ରସଙ୍ଗର ମହତ୍ତ୍ୱକୁ ଉପଲବ୍ଧି କରିଥିବାରୁ ଏବଂ ଦୀଘା ପ୍ରକଳ୍ପରୁ 'ଧାମ' ଶବ୍ଦ ପ୍ରତ୍ୟାହାର କରିବାକୁ ଐତିହାସିକ ନିଷ୍ପତ୍ତି ନେଇଥିବାରୁ ସମଗ୍ର ଓଡିଶାବାସୀଙ୍କ ପକ୍ଷରୁ ତାଙ୍କୁ ଆନ୍ତରିକତା ସାଧୁବାଦ ଜଣାଇଛନ୍ତି। ଓଡିଆ ଅସ୍ମିତାର ସୁରକ୍ଷା ଓ ମହାପ୍ରଭୁଙ୍କ ଗୌରବକୁ ଅକ୍ଷୁଣ୍ଣ ରଖିବା ପାଇଁ ଓଡିଶା ସରକାର ସଦାସର୍ବଦା ଦୃଢ଼ତା ସହ ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ପଷ୍ଟ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ପଶ୍ଚିମବଙ୍ଗର ତତକାଳୀନ ମମତା ବାନାର୍ଜୀଙ୍କ ସରକାର ଦୀଘାରେ ଜଗନ୍ନାଥ ମନ୍ଦିରର ନାମକୁ 'ଜଗନ୍ନାଥ ଧାମ' ଭାବେ ନାମକରଣ କରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିଲେ । ଓଡିଶା ସରକାରଙ୍କ ଆପତ୍ତି ସତ୍ତ୍ୱେ ସେ ଏହି ନାମକରଣର ସଂଶୋଧନ କରିନଥିଲେ।

# ପିଓକେରେ ପାକିସ୍ତାନ ସେନାର ନରସଂହାର

ନୂଆଦିଲ୍ଲୀ,୯।୬: ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରେ ପାକ ସେନାର ନରସଂହାର। ବିକ୍ଷୋଭକାରୀଙ୍କ ଉପରକୁ ଆଖିବୁଜା ଗୁଳି ମାଡ କରିଛି ପାକିସ୍ତାନ ସେନା। ଏଥିରେ ୩୦ ଜଣ ବିକ୍ଷୋଭକାରୀ ପ୍ରାଣ ହରାଇଥିବା ବେଳେ ୨୦୦ରୁ ଅଧିକ ଗୁଳି ମାଡରେ ଆହତ ହୋଇଛନ୍ତି।ଯୁଗ୍ମ ଆବାମୀ ଆକ୍ସନ କମିଟି (ଜେଏଏସି) ନାମକ ସଂଗଠନର ଆନ୍‌ଦୋଳନ ବେଳେ ପାକିସ୍ତାନ ସେନା ଏପରି ନରସଂହାର। ପିଓକେର ଆର୍ଥିକ ସ୍ଥିତି ଓ ରାଜନୀତିକ ପାତରଅନ୍ତର ବିରୋଧରେ ଜେଏଏସି ଆନ୍‌ଦୋଳନ ଡାକରା ଦେଇଥିଲା।ପ୍ରଥମେ ସରକାର ଏଥିପାଇଁ ଅନୁମତି ଦେଇ ନଥିଲେ। ତଥାପି ହଜାର ହଜାର ଲୋକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିନା ଅନୁମତିରେ ବିକ୍ଷୋଭ ହେଉଥିବାରୁ ପାକିସ୍ତାନ ସେନା ଲୋକଙ୍କୁ ଉପରକୁ ଗୁଳି ମାଡ କରିଛି। ମିଳିଥିବା ସୂଚନା ଅନୁସାରେ, ଜେଏଏସିକୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିକ୍ଷୋଭ ପାଇଁ ଅନୁମତି ମିଳି ନଥିଲା। ତେବେ ଶୁକ୍ରବାର ରାୱାଲାକୋଟରେ ଜଣେ ବ୍ୟବସାୟୀଙ୍କୁ ସୁରକ୍ଷାକର୍ମୀ ଗୁଳି ମାରିବା ପରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ରବିବାର ରାୱାଲାକୋଟରେ ସୁରକ୍ଷାକର୍ମୀ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଦେଖା ଯାଇଥିଲା।

ରାୱାଲାକୋଟର କମିଶନର ସରଦାର ୱାହିଦ ଖାନଙ୍କ କହିବା କଥା ଯେ ଜେଏଏସି ସମର୍ଥକମାନେ ଗୋଟିଏ ହସ୍ପିଟାଲର ଶବ ବ୍ୟବଚ୍ଛେଦ ରୁମ୍ ଆଗରେ ଏକାଠି ହୋଇଥିଲେ। ସେଠାରେ ପୁଲିସ୍ ଗୁଳିରେ ପ୍ରାଣ ହରାଇଥିବା ବ୍ୟବସାୟୀଙ୍କୁ ରଖାଯାଇଥିଲା। ହସ୍ପିଟାଲରେ ଭିଡ ଜମିବାରୁ ସୁରକ୍ଷାକର୍ମୀ ଏହାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ହେଲେ ବିକ୍ଷୋଭକାରୀମାନେ ରାଇଫଲ, ପେଟ୍ରୋଲ ବୋମା ଓ ଅନ୍ୟ ମାରଣା ଅସ୍ତ୍ରରେ ସେମାନଙ୍କୁ ଟାର୍ଗେଟ କରିଥିଲେ। ଏହାର ଜବାବ ମଧ୍ୟ ସୁରକ୍ଷାକର୍ମୀମାନେ ଦେଇଥିଲେ। ଏହି ସଂଘର୍ଷରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଅନେକ ଲୋକଙ୍କୁ ଗିରଫ କରାଯାଇଥିବା ମଧ୍ୟ ୱାହିଦ ସୂଚନା ଦେଇଛନ୍ତି।

ଏହାକୁ ନେଇ ସୋମବାର ପୂରା ପିଓକରେ ବିକ୍ଷୋଭ ଦେଖିବାକୁ ମିଳିଥିଲା। ଏହି ସମୟରେ ପରକିସ୍ତାନ ସେନା ପକ୍ଷରୁ ଗୁଳି ମାଡ କରାଯାଇଥିଲା। ଏଥିରେ ୩୦ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। କିନ୍ତୁ ଏହି ସଂଖ୍ୟା ଯଥେଷ୍ଟ ଅଧିକ ବୋଲି ସ୍ଥାନୀୟ ଲୋକ ଓ ଜେଏଏସିର ସମର୍ଥକମାନେ ଦାବି କରିଛନ୍ତି।

# ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ କଳଙ୍କ ନୁହେଁ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ୯।୬(ମହାଭାରତ): ବିବାହ ପୂର୍ବରୁ ଶାରୀରିକ ସମ୍ପର୍କକୁ ନେଇ ବଡ ନିଷ୍ପତ୍ତି ଦେଇଛନ୍ତି ସୁପ୍ରିମକୋର୍ଟ। ସର୍ବ ?ାଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ଅବିବାହିତ ବୟସ୍କଙ୍କ ମଧ୍ୟରେ ସହମତିରେ ଶାରୀରିକ ସମ୍ପର୍କକୁ " ନୈତିକ ପତନ" (କଳଙ୍କ) ବୋଲି ବିବେଚନା କରାଯାଇପାରିବ ନାହିଁ ଏବଂ ଏହାକୁ ଜଣେ ବ୍ୟକ୍ତିଙ୍କ ଚରିତ୍ର ବିଷୟରେ ନକାରାତ୍ମକ ନିଷ୍କର୍ଷ ବାହାର କରିବା ପାଇଁ ବ୍ୟବହାର କରାଯାଇପାରିବ ନାହିଁ।



ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ ଦୁଇଜଣ ଅବିବାହିତ ବୟସ୍କଙ୍କ ମଧ୍ୟରେ ସହମତିରେ ଶାରୀରିକ ସମ୍ପର୍କକୁ ଜଣେ ବ୍ୟକ୍ତିଙ୍କ ଚରିତ୍ର ଉପରେ ପ୍ରଶ୍ନ ଉଠାଇବା ପାଇଁ ଆଧାର ଭାବରେ ବ୍ୟବହାର କରାଯାଇପାରିବ ନାହିଁ। ଖଣ୍ଡପୀଠ ଏହି ନିଷ୍ପତ୍ତି ଏପରି ଏକ ମାମଲାରେ ଦେଇଛନ୍ତି ଯେଉଁଥିରେ ତେଲଙ୍ଗାନା ରାଜ୍ୟ ପୁଲିସ ନିଯୁକ୍ତି ବୋର୍ଡ ଏକ ବିଫଳ ପ୍ରେମ ସମ୍ପର୍କ ସହିତ ଜଡିତ ଏକ ପୁରୁଣା ଅପରାଧିକ ମାମଲା ଆଧାରରେ ପ୍ରାର୍ଥୀଙ୍କ ନିଯୁକ୍ତିକୁ ବାତିଲ କରିଥିଲା।

ବିଚାରପତି ମନମୋହନ ଏବଂ ବିଚାରପତି ମନୋଜ ମିଶ୍ରଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ କେବଳ ବିବାହ ପାଇଁ ନୁହେଁ ବୋଲି ସମ୍ପର୍କକୁ ଅବୈଧ ବୋଲି ବିବେଚନା କରାଯାଇପାରିବ ନାହିଁ। କୋର୍ଟ କହିଛନ୍ତି ଯେ ପ୍ରତ୍ୟେକ ସମ୍ପର୍କ ନିଶ୍ଚିତ ଭାବରେ ବିବାହରେ ପରିଣତ ହେବା ଉଚିତ୍ ନୁହେଁ, ଏବଂ ଏହା ଉଭୟ ପକ୍ଷର ପ୍ରତାରଣାମୂଳକ ଆଚରଣ ନୁହେଁ। ଏପରି କୌଣସି ଆଇନ ନାହିଁ ଯାହା ଦୁଇଜଣ ଅବିବାହିତ ବୟସ୍କଙ୍କୁ ସେମାନଙ୍କ ପସନ୍ଦର ସହମତିରେ ସମ୍ପର୍କ ରଖିବାରୁ ନିଷେଧ କରେ।କେବଳ କାରଣ ଏହି ସମ୍ପର୍କ ବିବାହରେ ପରିଣତ ହୋଇନାହିଁ, ଏହା ବିଶ୍ୱାସ କରିବାର କୌଣସି ଆଧାର ନାହିଁ ଯେ ଗୋଟିଏ ପକ୍ଷ ଅନ୍ୟ ଜଣଙ୍କୁ ପ୍ରତାରଣା କରିଛି। ସୁପ୍ରିମକୋର୍ଟ କହିଛନ୍ତି ଯେ ଆବେଦନକାରୀ ଏବଂ ପୀଡିତା ପଡ଼ ?ଶୀ ଥିଲେ ଏବଂ ଚାରି ବର୍ଷ ଧରି ସମ୍ପର୍କ ରଖିଥିଲେ। ଯଦି କୌଣସି ଅଭିଯୋଗ ପ୍ରମାଣିତ ନହୁଏ, ତେବେ ଜଣେ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷ ବୋଲି ଧରାଯାଏ।

କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ବିବାହର ପ୍ରତିଶ୍ରୁତି ସହିତ ଦୁଷ୍କର୍ମ ମାମଲାରେ ଲୋକ ଅଦାଲତରେ ହୋଇଥିବା ଆପୋଷ ବୁଝାମଣାର ଅର୍ଥ ନୁହେଁ ଯେ ଅଭିଯୁକ୍ତ ତାଙ୍କ ଦୋଷ ସ୍ୱୀକାର କରିଛନ୍ତି। କୋର୍ଟ କହିଛନ୍ତି ଯେ ଜଣେ ନିଯୁକ୍ତିଦାତା କେବଳ ଏକ ଫୌଜଦାରୀ ମାମଲା ଆପୋଷରେ ଶେଷ ହୋଇଛି ବୋଲି କୌଣସି ନକାରାତ୍ମକ ନିଷ୍କର୍ଷ ବାହାର କରିପାରିବେ ନାହିଁ, ଯଦି ନାହିଁ ଯେ ଅଭିଯୋଗକାରୀଙ୍କୁ ଆପୋଷରେ ଚାପ ପକାଇବାର ପ୍ରମାଣ ନାହିଁ।ବିବାହ ପୂର୍ବ ସମ୍ପର୍କ ପ୍ରସଙ୍ଗରେ, ସୁପ୍ରିମକୋର୍ଟ କହିଛନ୍ତି ଯେ ଏପରି ସମ୍ପର୍କ କ୍ରମଶଃ ସାଧାରଣ ହେବାରେ ଲାଗିଛି ଏବଂ ଯେଉଁଠାରେ ଦୁଇଜଣ ପ୍ରାପ୍ତବୟସ୍କଙ୍କ ମଧ୍ୟରେ ସମ୍ପର୍କ ବହୁତ ସମୟ ପର୍ଯ୍ୟନ୍ତ ରହିଥାଏ, ସେଠାରେ ବୈଧ ସମ୍ମତିର ଅନୁମାନ କରାଯାଏ। କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଆବେଦନକାରୀ ଏବଂ ଅଭିଯୋଗକାରୀ ପଡ଼ ?ଶୀ ଥିଲେ ଏବଂ ପରସ୍ପରକୁ ବହୁ ବର୍ଷ ଧରି ଜାଣିଥିଲେ। କୋର୍ଟ କହିଛନ୍ତି ଯେ ସମାଧାନ ପାଇଁ ବଳ, ଧମକ କିମ୍ବା ଚାପ ବ୍ୟବହାର କରିବା ପାଇଁ ରେକର୍ଡରେ କୌଣସି ପ୍ରମାଣ ନାହିଁ।

# ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରୟାସରେ ବିକାଶର ଶିଖର ଛୁଇଁଛି ଓଡ଼ିଶା

## ସୁଭଦ୍ରାରୁ ସେମିକଣ୍ଡକ୍ଟର ସବୁଠି ସରକାରଙ୍କ ସଫଳତା

ଭୁବନେଶ୍ୱର,୯।୬(ମହାଭାରତ): ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାରକୁ ୨ ବର୍ଷ । ସାମ୍ବାଦିକ ସମ୍ମିଳନୀରେ ସଫଳତା ବଖାଣିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଗଣତାନ୍ତ୍ରିକ ଭାବେ ନରେନ୍ଦ୍ର ମୋଦି ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାରେ ରେକର୍ଡ କରିବାକୁ ଯାଉଛନ୍ତି । ଭାରତ ରାଜନୀତିର ଏହି ସ୍ୱର୍ଣ୍ଣିମ ଅଧ୍ୟାୟ ଇତିହାସରେ ଲିପିବଦ୍ଧ ହୋଇ ରହିବ । ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଦୃଢ଼ ଶାସନକୁ ୧୨ ବର୍ଷ ପୁରିଛି । କେନ୍ଦ୍ର ଓ ରାଜ୍ୟର ମିଳିତ ପ୍ରୟାସରେ ଓଡ଼ଶାର ପ୍ରଗତି ଶିଖର ଛୁଇଁଛି । ଗତ ୨ ବର୍ଷରେ ବିଶ୍ୱ ରାଜନୀତିକ ଅସ୍ଥିରତାର ସାମ୍ନା କରିଛି। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମୋଦିଙ୍କ ସଂକଳ୍ପ ଯୋଗୁଁ ଦେଶର ବିକାଶର ଗତି କମିନାହିଁ । କୋଭିଡ ସମୟରେ ଭ୍ୟାକ୍ସିନ ପ୍ରସ୍ତୁତ କରିବା ଓ ଅନ୍ୟ ଦେଶକୁ ସହାୟତା ବଢ଼ାଇଥିଲେ । ବିଶ୍ୱର ୫ ଦୁର୍ବଳ ଅର୍ଥନୀତି ଭିତରେ ଗଣା ଯାଉଥିଲା କିନ୍ତୁ ଏବେ ଚିତ୍ର ଭିନ୍ନ । ଆତଙ୍କବାଦ ଆକ୍ରମଣ ସ୍ଥିତି ବଦଳିଛି । ବୈଶ୍ୱିକ ସଙ୍କଟ ସତ୍ତ୍ବେ ଭାରତୀୟ ଅର୍ଥନୀତିରେ ଅଭିବୃଦ୍ଧି ହୋଇଛି । ଦେଶର ଭିତ୍ତିଭୂମି ଏହାର ଜ୍ୱଳନ୍ତ ଉଦାହରଣ । ଆତଙ୍କବାଦୀ ଦମନ କ୍ଷେତ୍ରରେ ଭାରତ ଅପେକ୍ଷାକୃତ ସଫଳତା ହାସଲ କରିଛି ବୋଲି ମୋହନ ମାଝୀ କହିଛନ୍ତି ।

ସେ ଆହୁର ମଧ୍ୟ କହିଛନ୍ତି, ଦେଶରେ



୨୬୭ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ହେଉଛି । ସେହିଭଳି ପେଟ୍ରୋଲ ଡିଜେଲ ଉତ୍ପାଦନ ବଢିଛି । ପଶ୍ଚିମ ଏସିଆର ଏଭଳି ସ୍ଥିତି ଭିତରେ ଭାରତ ସଙ୍କଟ ଦେଇ ଗତି କରି ନାହିଁ । ସେମି କଣ୍ଡକ୍ଟର କ୍ଷେତ୍ରରେ ଭାରତକୁ ବଡ ସଫଳତା ମିଳିଛି । ମୋଦିଙ୍କ ୧୨ ବର୍ଷ 'ଏଜ୍ ଅଫ୍ ଅବସୋଲ୍ୟୁଟ ଟ୍ରାନ୍ସଫର୍ମସନ' । ପୂର୍ବରୁ କେନ୍ଦ୍ର ଓ ରାଜ୍ୟର ସମନ୍ୱୟ ଅଭାବ ଯୋଗୁଁ ଅନେକ ଯୋଜନାରୁ ଓଡ଼ିଶା ବଞ୍ଚିତ ହେଉଥିଲା । ଏବେ ଡବଲ ଇଞ୍ଜିନ ସରକାରର ପ୍ରତି ଯୋଜନାର ସୁଫଳ ମିଳିଛି । ଯୋଗାଯୋଗ ଓ ଭିତ୍ତିଭୂମି ସୁଦୃଢ଼ ହୋଇଛି । ରେଳବାଇରେ ଚାଲିତ ବର୍ଷ ୧୦ ହଜାର ୯୦୦ କୋଟି ମିଳିଛି । ୯୦ ହଜାର କୋଟିର ରେଳ ପ୍ରକଳ୍ପ ଆଗେଇ ଚାଲିଛି । ଜମି ଅଧିଗ୍ରହଣ ଠାରୁ ସବୁ ସୁବିଧା ଯୋଗେଇ ଦେଇଛନ୍ତି ରାଜ୍ୟ ସରକାର । ସାଗରମାଳା ଓ ପିଏମ ଗତି ଶକ୍ତି ବାହୁଦା ଠାରେ ସାଟେଲାଇଟ ବନ୍ଦର ପ୍ରତିଷ୍ଠା ହେଉଛି । ୨୧ ହଜାର କୋଟି ଟଙ୍କା ନିବେଶ ହେବ । କେନ୍ଦ୍ର ସରକାରଙ୍କ ସହଯୋଗ ଯୋଗୁଁ ସମ୍ଭବ । କେନ୍ଦ୍ରାପଡ଼ାରେ କ୍ୟାପଟିଭ ଜେଟି ଓ ପୁରୀରେ କ୍ରୁଜ ଟର୍ମିନାଲ ଓ ୱାଟର ୱେ ବିକାଶ କରଯାଉଛି ।

ଏହାଛଡ଼ା ଉଡ଼ାଣ ଯୋଜନାରେ ଅନେକ ପ୍ରକଳ୍ପ ହାତକୁ ନିଆଯାଇଛି । ପୁରୀରେ ଆନ୍ତର୍ଜାତୀୟ ବିମାନ ବନ୍ଦର ହେବା ପାଇଁ ଜମି ଅଧିଗ୍ରହଣ ଶେଷ ହୋଇଛି । ଜାତୀୟ ରାଜପଥ ପାଇଁ ୮୦ ହଜାର କୋଟି ମିଳିଛି ୮ ହଜାର ୩୦୧ କୋଟି ବ୍ୟୟରେ କୋଷ୍ଟାଲ ହାଇୱେ ଓ ୮ ହଜାର ୩୦୦ କୋଟି ବ୍ୟୟରେ କ୍ୟାପିଟାଲ ରିଜିଅନ ରୋଡ ହେଉଛି । ଈଉଚଚରଜ ପାଇଁ କେନ୍ଦ୍ର ସରକାର ୫ ହଜାର କୋଟି ଅନୁମୋଦନ କରୁଛନ୍ତି । ଅନ୍ୟପଟେ ନକ୍ସଲ କାର୍ଯ୍ୟକଳାପ ବନ୍ଦ ହୋଇଛି । ଅନେକ ବିକାଶ ମୂଳକ କାମ ଆଗଉଛି । ପିଏମ କିସାନ ଯୋଜନାରେ ୨୯ ଲକ୍ଷ ହିତାଧିକାରୀରୁ ଏବେ ୩୪ ଲକ୍ଷ୍ୟରୁ ଅଧିକ ହିତାଧିକାରୀ ପାଉଛନ୍ତି । ରାଜ୍ୟରେ ଯେତେ ଚିନିକଳ, ସୂତାକଳ ବନ୍ଦ ହୋଇ ରହିଥିଲା, କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଯୋଗୁଁ ଏବେ ବରଗଡ଼ ଓ ବଡ଼ମ୍ବା ଚିନିକଳ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ପିଏମ ମାତୃ ବନ୍ଦନା ଯୋଜନାରେ ପୁଅ ଜନ୍ମ କ୍ଷେତ୍ରରେ ୧୦ ହଜାର ଓ ଝିଅ ଜନ୍ମ କ୍ଷେତ୍ରରେ ୧୨ ହଜାର ଦିଆଯାଉଛି । ଲକ୍ଷପତି ଦିଦି ସୃଷ୍ଟି କ୍ଷେତ୍ରରେ ଓଡ଼ିଶା ରେକର୍ଡ ସୃଷ୍ଟି କରିଛି । ଏହା ୨୫ ଲକ୍ଷ ଟାର୍ଗେଟ ପୂରଣ ହେବ ନେଇ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର । ସାମାଜିକ ସୁରକ୍ଷା କ୍ଷେତ୍ରରେ ଆଦିବାସୀ ଅଞ୍ଚଳକୁ ଫୋକସ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

# ବିସ୍ଫୋରଣ ପରେ ଜଳିଲା ବାଣ ଗୋଦାମ, ୭ ଜୀବନ୍ତ ଦଗ୍ଧ

ନୂଆଦିଲ୍ଲୀ,୯।୬: ରାଜସ୍ଥାନର ଜୟପୁରରେ ବଡ ଅଘଟଣ। ଏଠାରେ ଥିବା ଗୋଟିଏ ବେଆଇନ ବାଣ ଗୋଦାମରେ ବିସ୍ଫୋରଣ ପରେ ଘଟିଛି ଭୟଙ୍କର ଅଗ୍ନିକାଣ୍ଡ। ଏଥିରେ ୭ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବେଆଇନ ବାଣ ଗୋଦାମଟି ଜୟପୁରର ତଲାଇ କୋଲନୀର ଗୋଟିଏ ଘରେ ଚାଲିଥିଲା।ଏଠାରେ ବିଭିନ୍ନ ପ୍ରକାରର ବାଣ ଗଚ୍ଛିତ ହୋଇ ରହିଥିଲା। ସେହିପରି ବାଣ ଭିଡା କାମ ବି ଚାଲିଥିଲା। ଏତିକି ବେଳେ ବିସ୍ଫୋରଣ ହେବାରୁ ପୂରା ଗୋଦାମରେ ନିଆଁ ଲାଗି ଯାଇଥିଲା। ଏଥିଯୋଗୁ ସେଠାରେ କାମ କରୁଥିବା ଶ୍ରମିକମାନେ ଫସି ଯାଇଥିଲେ। ନିଆଁରେ ପୋଡି ହୋଇ ୭ ଜଣ ଶ୍ରମିକ ଆଖି ବୁଜିଛନ୍ତି। ୭ ଜଣ ଲୋକ ପୋଡି ହୋଇ ପ୍ରାଣ ହରାଇଥିବା କଥାକୁ ଏସିପି ବିନୋଦ ଶର୍ମା ନିଶ୍ଚିତ କରିଛନ୍ତି। ତାଙ୍କ କହିବା କଥା ଯେ ଘଟଣା ପରେ ୭ ଜଣଙ୍କ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିଲା।ଏସ୍‌ଏମସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୫ ଜଣ ପ୍ରାଣ ହରାଇଥିବା ବେଳେ ଜଣେ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ଆଖି ବୁଜିଥିଲେ। ସେହିପରି ଆଉ ଜଣେ ଗୋଟିଏ ଘରୋଇ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି।

# ୧୦ ପ୍ରସ୍ତାବରେ ବାଜିଲା କ୍ୟାବିନେଟ୍ ମୋହର

ଭୁବନେଶ୍ୱର,୯।୬(ମହାଭାରତ): ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ୫୫୦୦ଏକର ଜମିର 'ସ୍ୱତନ୍ତ୍ର ଲ୍ୟାଣ୍ଡ ବ୍ୟାଙ୍କ' ପ୍ରତିଷ୍ଠା ହେବ। ଏଣିକି ଗରିବ ଲୋକଙ୍କୁ 'ପିଏମ୍ ଆବାସ' ଘର କ୍ରୟବେଳେ ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ୍ ଶୁଳ୍କ ରିହାତି ଭଳି ସୁବିଧା ମିଳିବ। ରାଜ୍ୟ କ୍ୟାବିନେଟ୍ ଆଜି ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସମେତ ମୋଟ ୫ଟି ବିଭାଗର ୧୦ଟି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆଜିର କ୍ୟାବିନେଟ୍ ବୈଠକରେ ଶିଳ୍ପ ବିଭାଗର ୨ଟି, ଗୃହ ଓ ନଗର ଉନ୍ନୟନ ବିଭାଗର ୪ଟି, ଜଳସମ୍ପଦ ବିଭାଗର ୨ଟି, ରାଜସ୍ୱ ବିଭାଗ ଓ ପର୍ଯ୍ୟଟନ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ସାମିଲ ରହିଛି।

ପର୍ଯ୍ୟଟନର ବିକାଶ ପାଇଁ 'ଲ୍ୟାଣ୍ଡ ବ୍ୟାଙ୍କ' ପ୍ରତିଷ୍ଠା ସମେତ ଜଳସେଚନ ଓ ପାନୀୟ ଜଳ ପ୍ରକଳ୍ପର ସମ୍ପ୍ରସାରଣ , ସହରାଂଚଳ ବର୍ଜ୍ୟଜଳ ବିଶୋଧନ ,ଶିଳ୍ପାଂଚଳରେ ମହିଳା ଶ୍ରମିକମାନଙ୍କ ପାଇଁ ହଷ୍ଟେଲ ନିର୍ମାଣ, ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଘର କ୍ରୟ ସମୟରେ ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ୍ ଶୁଳ୍କ ଛାଡ ଭଳି ନିଷ୍ପତ୍ତି ସାମିଲ ରହିଛି।

ବିକଶିତ ଓଡିଶା ୨୦୩୬ ଓ ୨୦୪୭ର ଲକ୍ଷ୍ୟ ହାସଲ କରିବା ସହ ଏସିଆର ଏକ ପ୍ରମୁଖ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ଓଡିଶାକୁ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ପର୍ଯ୍ୟଟନ ଶିଳ୍ପ ପାଇଁ 'ସ୍ୱତନ୍ତ୍ର ଲ୍ୟାଣ୍ଡ ବ୍ୟାଙ୍କ' ସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଛି। ପର୍ଯ୍ୟଟନ କ୍ଷେତ୍ରରେ ପୂର୍ବ ପ୍ରସ୍ତୁତ, ଜବରଦଖଲମୁକ୍ତ ଓ ସଂଲଗ୍ନ ଜମିର ଅଭାବକୁ ଦୂର କରିବା ପାଇଁ ଏହି ସ୍ୱତନ୍ତ୍ର ଲ୍ୟାଣ୍ଡ ବ୍ୟାଙ୍କ କାର୍ଯ୍ୟ କରିବ, ଯାହା ମାଧ୍ୟମରେ ପ୍ରାୟ ୫୫୦୦ ଏକର ସରକାରୀ ଓ ବେସରକାରୀ ଜମି ଚିହ୍ନଟ କରାଯିବ। ଏଥିରେ ଚିଲିକା, କୋଣାର୍କ, ପୁରୀ (ଶାମୁକା), ଧଉଳି, ହୀରାକୁଦ, ସାତକୋଶିଆ, ଶିମିଳିପାଳ, ଭିତରକନିକା, ଦାରିଙ୍ଗବାଡି, ଦେଓମାଳି, ବୌଦ୍ଧ ସର୍କିଟ, ଜିରାଙ୍ଗ, ତଳସାରି ଓ ତାମ୍ପରା-ଆର୍ଯ୍ୟପଲ୍ଲୀ ଭଳି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ସାମିଲ କରାଯାଇଛି।



୨୦୨୬-୨୭ ରୁ ୨୦୩୦-୩୧ ପର୍ଯ୍ୟନ୍ତ ପାଂଚବର୍ଷର ଅବଧି ମଧ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ପାଇଁ ବାର୍ଷିକ ୩୦୦କୋଟି ଟଙ୍କା ହିସାବରେ ମୋଟ ୧୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ହୋଟେଲ, ରିସର୍ଟ, ଇକୋ-ଟୁରିଜମ୍ ଓ କନଭେନ୍ସନ ସେଣ୍ଟର ଭଳି ଭିତ୍ତିଭୂମିରେ ଘରୋଇ ନିବେଶ ବୃଦ୍ଧି ପାଇବା ସହ ସ୍ଥାନୀୟ ଯୁବକ, କାରିଗର ଓ ଛୋଟ ଉଦ୍ୟୋଗୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଯୋଜନାର ସଫଳ ରୂପାୟନ ପାଇଁ ପର୍ଯ୍ୟଟନ ବିଭାଗ ନୋଡାଲ ବିଭାଗ ଭାବେ ଇଡକୋ, ଓଟିଡିସି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ସାଧାରଣ ପ୍ରଶାସନ ବିଭାଗ ସହ ମିଶି କାର୍ଯ୍ୟ କରିବ।ସେହିପରି ଜଳସମ୍ପଦ ବିଭାଗର ଦୁଇଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ନୟାଗଡ ଜିଲ୍ଲାର ଦଶପଲ୍ଲା, ନୂଆଗାଁ, ନୟାଗଡ, ଖଣ୍ଡପଡା ଓ ଓଡଗାଁ ବ୍ଲକର ସାମଗ୍ରିକ ବିକାଶ ପାଇଁ ୧୯୪.୦୭କୋଟି ଟଙ୍କାର 'ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ'ର ସ୍ପିଲୱେ ନିର୍ମାଣ ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ମରୁଡି ପ୍ରବଣ ଅଂଚଳର ୨୩୩୦୦ ହେକ୍ଟର ଚାଷୋପଯୋଗୀ ଜମି ଜଳସେଚନ ସୁବିଧା ପାଇବା ସହ ନୟାଗଡ ଜିଲ୍ଲାର ୩୦୯ଟି ଗାଁର ଚାଷୀମାନେ ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ ।ସମ୍ବଲପୁର ସହର ଓ ଆଖପାଖ ଅଞ୍ଚଳରେ ପାନୀୟ ଜଳର ମୁଖ୍ୟ ଉତ୍ସ ସାଜିଥିବା ୧୯୬୦ ଦଶକର ପୁରୁଣା ଜରାଜୀର୍ଣ୍ଣ ଅଯୋଧ୍ୟା ସାଗରର ମରାମତି ବୈଷୟିକ ଦୃଷ୍ଟିରୁ ସମ୍ଭବ ନ ହେବାରୁ, ଏହାର ତଳଭାଗରେ ଏକ ନୂତନ 'ଅନ୍ତଃ ନଦୀ ଜଳାଶୟ' (ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର) ନିର୍ମାଣ ନିମନ୍ତେ ୪୪୦.୩୩କୋଟି ଟଙ୍କାର ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି।

ଏହି ପ୍ରକଳ୍ପ ମାଧ୍ୟମରେ ସମ୍ବଲପୁର ସହରକୁ ସୁନିଶ୍ଚିତ ପାନୀୟ ଜଳ ମିଳିବା ସହ ସମଲେଶ୍ୱରୀ ମନ୍ଦିର ପାଇଁ ଏକ ନୂତନ ଆଳତି ଘାଟ ଓ ନୌଚାଳନା ଭଳି ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରାଯିବ।

ସେହିପରି ଖୋର୍ଦ୍ଧାର କାଳିବେଟି ଶିଳ୍ପାଂଚଳରେ ମହିଳା ଶ୍ରମିକମାନଙ୍କ ପାଇଁ ଏକ ହଷ୍ଟେଲ ନିର୍ମାଣ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ୨୧୦.୩୬କୋଟି ଟଙ୍କାର ଏହି ପ୍ରକଳ୍ପଟି ଇଡକୋ ମାଧ୍ୟମରେ ସମ୍ପୂର୍ଣ୍ଣ ହେବା ସହ ୪ହଜାର ମହିଳା ଶ୍ରମିକଙ୍କ ପାଇଁ ଏଠାରେ ରହିବାର ବ୍ୟବସ୍ଥା ହେବ।

କଟକ ଜିଲ୍ଲାର ବାରଙ୍ଗ ତହସିଲ ଅଂଚଳର ଚକ୍ରଧରପୁର ମୌଜାରେ ଏନଡିଆରଏଫର ତୃତୀୟ ବାଟାଲିୟନ(ମୁଣ୍ଡଳୀ)କୁ ଆପ୍ରୋଚ୍ ରୋଡ୍ ନିର୍ମାଣ ପାଇଁ ପ୍ରଦାନ କରାଯାଇଥିବା ୦.୭୦ଏକର ସୀକାରୀ ଜମିର ମୂଲ୍ୟ ଓ ସୁଧବାବଦ ମୋଟ ୧୩.୦୭କୋଟି ଟଙ୍କା ଛାଡ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି।

ଏହି ସବୁ ପ୍ରସ୍ତାବ ବ୍ୟତୀତ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମୋଟ ୪ଟି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରୀ ୨.୦ ଓ ରାଜ୍ୟର ଅନ୍ୟାନ୍ୟ ଯୋଜନା ଅଧୀନରେ ସହରାଂଳର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ (ଇଡବ୍ଲୁଏସ)ର ହିତାଧିକାରୀମାନଙ୍କ ପାଇଁ ୬୦ ବର୍ଗ ମିଟର ପର୍ଯ୍ୟନ୍ତ ଆବାସର ଘର କ୍ରୟ ସମୟରେ ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ୍ ଶୁଳ୍କକୁ ୧% ରୁ କମ୍ ଅର୍ଥାତ୍ ୦.୬% ରୁ ୦.୭% କୁ ହ୍ରାସ କରି ରିହାତି ପ୍ରଦାନ କରାଯାଇଛି । ଯାହା ବର୍ତ୍ତମାନର ୬% ରୁ ୭% ହାର ତୁଳନାରେ ପ୍ରାୟ ଦଶଭାଗରୁ ଭାଗେ ହେବ ଓ ଗରିବ ପରିବାରକୁ ବଡ ଆର୍ଥିକ ଆଶ୍ୱସ୍ତି ଦେବ। ଭୁବନେଶ୍ୱରର ଗାଙ୍ଗୁଆ ନାଳର ଅଶୋଧିତ ବର୍ଜ୍ୟଜଳ ଯୋଗୁଁ ଦୟା ନଦୀରେ ବୃଥିବା ପ୍ରଦୂଷଣକୁ ରୋକିବା ପାଇଁ ଦୟା ନଦୀ ଓ ଗାଙ୍ଗୁଆ ନାଳର ସଙ୍ଗମ ସ୍ଥଳରେ ଏକ ୬୦ ଏମଏଲଡି କ୍ଷମତା ସମ୍ପନ୍ନ ବର୍ଜ୍ୟ ଜଳ ବିଶୋଧନ କେନ୍ଦ୍ର (ଏସଟିପି) ନିର୍ମାଣକୁ ମଞ୍ଜୁରୀ ଦିଆଯାଇଛି। ଏମଏସ୍ ଇଷ୍ଟ ଇଣ୍ଡିଆ ଉଦ୍ୟୋଗ ଲିମିଟେଡ୍, ନୋଏଡା ଦ୍ୱାରା ୧୦୦.୮୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପର କାର୍ଯ୍ୟ ୨୦୨୬ ମଇ ପହିଲାରୁ ଆରମ୍ଭ ହୋଇ ୨୦୨୮ ଏପ୍ରିଲ ୩୦ ସୁଦ୍ଧା ଶେଷ ହେବ। ବିଡିଏ ଅଧୀନରେ ଥିବା ଟାଉନ ପ୍ଲାନିଂ ସ୍କିମ୍ (୧, ୨ ଏବଂ ୩) ଅଞ୍ଚଳରେ ନିରବିଚ୍ଛିନ୍ନ ପାନୀୟ ଜଳ ଯୋଗାଇବା ପାଇଁ ୨୪ଘଣ୍ଟିଆ ଜଳଯୋଗାଣ ପ୍ରକଳ୍ପର ଟେଣ୍ଡର ଅନୁମୋଦିତ ହୋଇଛି। ମେସର୍ସ ଶିଭମ୍ କନ୍ଦେଭ୍ ଓ ଶ୍ରୀହରି ଇନଫ୍ରା ପ୍ରୋଜେକ୍ଟସ ମିଳିତ ଭାବେ ୧୧୨.୩୧ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପଟି ୨୦୨୮ ଏପ୍ରିଲ ସୁଦ୍ଧା ଶେଷ କରିବେ। ଏଥିରେ ୮ଟି ଉଚ୍ଚ କ୍ଷମତାସମ୍ପନ୍ନ ଜଳଭଣ୍ଡାର ଓ ସ୍କାଡା ଅଟୋମେସନ ବ୍ୟବସ୍ଥା ରହିବ। ସେହିପରି ସହରାଂଚଳର ନଦୀତଟ ଓ ଜଳାଶୟଗୁଡିକୁ ପୁନର୍ଜୀବିତ କରି ସୁନ୍ଦର ସାର୍ବଜନୀନ ସ୍ଥାନରେ ପରିଣତ କରିବା ପାଇଁ 'ଜଳତଟ ବିକାଶ ଯୋଜନା' (ୱାଟରଫ୍ରଣ୍ଟ ଡେଭେଲପମେଣ୍ଟ ସ୍କିମ) ଅନୁମୋଦିତ ହୋଇଛି। ୫୦୦ କୋଟି ଟଙ୍କାର ବ୍ୟୟବରାଦରେ ପାଞ୍ଚ ବର୍ଷ ମଧ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି।

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



..... ପରଦା ଖବର .....

## ବଟୱାରା ୧୯୪୭ ର ମୋଶନ ପୋଷ୍ଟର ରିଲିଜ

ଆମିର ଖାନ୍ ପ୍ରଡକ୍ସନ ଆଗାମୀ ଫିଲ୍ମ ବଟୱାରା ୧୯୪୭ ର ମୋଶନ ପୋଷ୍ଟର ରିଲିଜ୍ କରି ସମସ୍ତଙ୍କୁ ବଡ଼ ଏବଂ ସୁନ୍ଦର ସପ୍ରାଇଜ୍ ଦେଇଛି । ଏହି ଫିଲ୍ମରେ ସନି ଦେଓଲଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ । ତୀବ୍ର, ରୋମା□କର ଏବଂ ସ୍ପଷ୍ଟ ହୃଦୟସ୍ପର୍ଶୀ, ଏହି ମୋସନ୍ ପୋଷ୍ଟରଟି କ୍ରୋଧ, ଭାବନା ଏବଂ ଦୃଢ଼ ସଂକଳ୍ପରେ ପରିପୂର୍ଣ୍ଣ । ଏହି ଫିଲ୍ମରେ ଶବାନା ଆଜମୀ, ପ୍ରୀତି ଜିଣ୍ଟା, କରଣ ଦେଓଲ, ଅଲି ଫଜଲ, ଅଭିମନ୍ୟୁ ସିଂ, ଖୁସି ହଜାରେ ଏବଂ କନିକା କପୁରଙ୍କ ଭଳି ଚମତ୍କାର ଷ୍ଟାରକାଷ୍ଟ ନଜର ଆସିବାକୁ ଯାଉଛନ୍ତି । ଲୋକପ୍ରିୟ କ୍ରିଏଟିଭିଟି ଟିମ୍ ସହିତ ଏହି ଫିଲ୍ମ ଦର୍ଶକଙ୍କୁ ସିନେମାହଲରେ ସମ୍ପୂର୍ଣ୍ଣ ଭିନ୍ନ






ଅନୁଭବ ଦେବ ।ବଟୱାରା ୧୯୪୭ ର କାହାଣୀ ଏମିତି ଜଣେ ହିରୋଙ୍କ ଉପରେ ଆଧାରିତ ରହିଛି, ଯେଉଁଥିରେ ଘୃଣା ଏବଂ ଡର ସ□ୱେ ସାହସର ରାସ୍ତା ବାଛିଥିଲେ । ଦିଗଜଙ୍କ ଏହି ଚମତ୍କାର ଷ୍ଟାରକାଷ୍ଟଙ୍କ ସହିତ ଏହି ଫିଲ୍ମ ଦର୍ଶକଙ୍କ ଦମଦାର ଏବଂ ପ୍ରଭାବଶାଳୀ ପରଫରମାନ୍ସ ଦେବାର ପ୍ରତିଶ୍ରୁତି ଦେଇଛି। ଏହି ଫିଲ୍ମର ନିର୍ଦ୍ଦେଶନା ନ୍ୟାସନାଲ ଆୱାର୍ଡ ୱିନିଂ ଫିଲ୍ମ ମେକର ରାଜକୁମାର ସନ୍ତୋଷୀ ଦ୍ୱାରା ହୋଇଛି । ଏହି ଫିଲ୍ମଟି ବର୍ଷ ବର୍ଷ ଧରି ଅନେକ କଲ୍ଟ କ୍ଲାସିକ୍ ସହିତ ସୃଷ୍ଟି ହୋଇଛି, ସନ୍ତୋଷୀ ଏବେ ଏକ ଆକର୍ଷଣୀୟ ଏବଂ ହୃଦୟସ୍ପର୍ଶୀ କାହାଣୀ ଉପସ୍ଥାପନ କରୁଛନ୍ତି ।୩୦ ବର୍ଷ ପରେ ଏହି ଫିଲ୍ମ ସହିତ ରାଜକୁମାର ସନ୍ତୋଷୀ ଏବଂ ସନ୍ନି ଦେଓଲଙ୍କ ଯୋଡ଼ି ପୁଣି ଫେରିଛି । ଏହି ଯୋଡ଼ି ଭାରତୀୟ ସିନେମାକୁ ଘାୟଲ୍, ଦାମିନୀ ଏବଂ ଘାତକ ଭଳି ବଡ଼ ବଡ଼ ବ୍ଲକବଷ୍ଟର ଫିଲ୍ମ ଦେଇଛନ୍ତି । ଏହି ଧମାକାଦାର ମୋଶନ୍ ପୋଷ୍ଟର ଦର୍ଶକଙ୍କ ମଧ୍ୟରେ ଉତ୍ସାହକୁ ଆହୁରି ବଢ଼ାଇ ଦେଇଛି । ବଡ଼ ପରଦାରେ ଏହି ଐତିହାସିକ ଯୋଡ଼ିଙ୍କୁ ଦେଖିବାକୁ ଦର୍ଶକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି ।

## କ'ଣ ପାଇଁ ଗଣପତିଙ୍କର ନାମ ସିଦ୍ଧି ବିନାୟକ

ଗଣେଶ ଚତୁର୍ଥୀ, ବିକ୍ରମ ସଂବତର ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ପାଳନ କରାଯାଏ । ଏହି ଶୁଭଦିନକୁ ହିନ୍ଦୁଧର୍ମରେ ଗଣେଶଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଏ। ଏହି ପର୍ବ ଦଶଦିନ ଧରି ଚଲେ ଓ ଅନନ୍ତ ଚତୁର୍ଦ୍ଦଶୀରେ ସମାପ୍ତ ହେଇଥାଏ । ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ଦିନ ବିନାୟକ ବ୍ରତ ପାଳିତ ହୁଏ । ବିନାୟକ ବ୍ରତକଥାରେ ଉଲ୍ଲେଖ ରହିଛି ଯେ ଏହି ବ୍ରତର ମାହାତ୍ମ୍ୟ ସ୍କନ୍ଧ ପୁରାଣରେ ବର୍ଣିତ। ଗୋମତୀ ନଦୀ କୂଳରେ ସୂତ ମୁନି ଅନ୍ୟ ଋଷିମାନଙ୍କର ଜିଜ୍ଞାସାକୁ ପ୍ରଶମନ କରି ବିନାୟକ ବ୍ରତ ପାଳନ କଲେ ମନୁଷ୍ୟମାନେ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି, ସୁତ-ସୌଭାଗ୍ୟ-ସଂପଦ ଲାଭ କରି ପାରିବେ ବୋଲି ବୟାନ କରିଛନ୍ତି। ଏହି ବ୍ରତର ବିଧିବିଧାନ ସ୍ୱୟଂ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ବ୍ରତ ପାଳନ କରି ଯୁଧିଷ୍ଠିର ରାଜ୍ୟ ଫେରି ପାଇଥିଲେ। ସେଥିପାଇଁ



ଗଣପତିଙ୍କର ନାମ ସିଦ୍ଧି ବିନାୟକ।ସମସ୍ତେ ଜାଣନ୍ତି ଯେ ଭଗବାନ ଗଣେଶଙ୍କ ବାହନ ମୂଷା। ହେଲେ ମୂଷା କେମିତି ଗଣେଶଙ୍କ ବାହନ ହେଲେ ସେ ବିଷୟରେ ଖୁବ୍ କମ୍ ଲୋକ ଜାଣିଥିବେ। ଗଣେଶ ଓ ମୂଷାର ସମ୍ପର୍କ ନେଇ ବିଭିନ୍ନ ପ୍ରକାର କାହାଣୀ ରହିଛି । ସେହି ମଧ୍ୟରୁ ଆଜି ଆମେ ଆପଣଙ୍କୁ ଗୋଟିଏ କାହାଣୀ କହିବୁ ଯେଉଁଥିରୁ ଆପଣ ଜାଣି ପାରିବେ ଯେ ମୂଷା କେମିତି ଗଣେଶଙ୍କ ବାହନ ହେଲା। ପୁରାଣ ଅନୁସାରେ ଗଜମୁଖାସୁର ନାମକ ଏକ ରାକ୍ଷସ ସଙ୍ଗେ ଗଜାନନଙ୍କ ଯୁଦ୍ଧ ହୋଇଥିଲା । ହେଲେ ରାକ୍ଷସ ଦେବତାଙ୍କଠୁ ବର ପ୍ରାପ୍ତ କରିଥିଲା ଯେ କୌଣସି ଅସ୍ତ୍ରରେ ତା'ର ମୃତ୍ୟୁ ହେବ ନାହିଁ। ଯୁଦ୍ଧରେ ଗଣେଶ ଯେତେ ପ୍ରକାର ଚେଷ୍ଟା କରିଥିଲେ ବି ରାକ୍ଷସଙ୍କୁ ପରାଜିତ କରିପାରିନଥିଲେ । ଶେଷରେ ବୁଦ୍ଧି ଲଗାଇ ନିଜ ଦାନ୍ତରେ ରାକ୍ଷସକୁ ନିହତ କରିବାକୁ ଉଦ୍ୟମ କଲେ। ଏଥିରେ ରାକ୍ଷସ ଭୟଭୀତ ହୋଇ ମୂଷା ରୂପ ଧାରଣ କରିନେଇଥିଲା । ଦୌଡ଼ିବାକୁ ଚେଷ୍ଟା କରିଥିଲା । ହେଲେ ଗଣେଶ ରାକ୍ଷସକୁ ଧରିବାରେ ସକ୍ଷମ ହୋଇଥିଲେ। ତାକୁ ବାନ୍ଧି ଦେଇଥିଲେ। ତା'ପରେ ରାକ୍ଷସ ଭଗବାନ ଗଣେଶଙ୍କୁ କ୍ଷମା ମାଗିଥିଲା। ସେତେବେଳେ ଗଣେଶ ତାକୁ ନିଜ ବାହାନ କରି ତାକୁ ଜୀବନ ଦାନ ଦେଇଥିଲେ।

## ଭଗବାନ ଶ୍ରୀକୃଷ୍ଣଙ୍କ ଶଙ୍ଖ

ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପାଞ୍ଚଜନ୍ୟ ଶଙ୍ଖ ଥିଲା । ଏହି ଶଙ୍ଖ ଅତ୍ୟନ୍ତ ଅଦ୍ଭୂତ ତଥା ଚମତ୍କାରୀ ଥିଲା । ପାଞ୍ଚଜନ୍ୟ ଶଙ୍ଖର ଶବ୍ଦରେ ପାଣ୍ଡବମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଉଥିଲା । ଅନ୍ୟପକ୍ଷରେ ଏହାର ଶବ୍ଦ କୌରବ ଶିବିରରେ ଆତଙ୍କ ଖେଳାଇ ଦେଉଥିଲା । ମହାଭାରତ ଯୁଦ୍ଧ ପରେ ଭଗବାନ ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ଶଙ୍ଖକୁ ପରାଶର ମୁନିଙ୍କଙ୍କ ଆଶ୍ରମରେ ରଖିଦେଇଯାଇଥିଲେ କୁହାଯାଏ । ଅନ୍ୟପକ୍ଷରେ ଶ୍ରୀକୃଷ୍ଣଙ୍କ ଶଙ୍ଖ ବଦ୍ରିକାଧାମରେ ଥିବା ମଧ କେହି କେହି କୁହନ୍ତି । ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଶଙ୍ଖ ବିଜୟ ଏବଂ ଯଶର ପ୍ରତୀକ ଥିଲା । ମହାଭାରତ ଯୁଦ୍ଧ ଶଙ୍ଖ ବାଦନରୁ ଆରମ୍ଭ ହେଉଥିଲା । ଅର୍ଜୁନଙ୍କ ପାଖରେ



ଦେବଦତ୍ତ ନାମକ ଶଙ୍ଖ ଥିଲା । ଯୁଧିଷ୍ଠିରଙ୍କ ନିକଟରେ ଅନନ୍ତବିଜୟ, ଭୀଷ୍ମଙ୍କ ନିକଟରେ ପୌଣ୍ଡ୍ରିକ, ନକୁଳଙ୍କ ନିକଟରେ ସୁଘୋଷ, ସହଦେବଙ୍କ ନିକଟରେ ମଣିପୁଷ୍ପକ ଶଙ୍ଖ ଥିଲା । ଏ ସମସ୍ତ ଶଙ୍ଖର ଭିନ୍ନ ଭିନ୍ନ ମହତ୍ତ୍ୱ ରହିଥିଲା । ସମୁଦ୍ର ମନ୍ଥନ କାଳରେ ପାଞ୍ଚଜନ୍ୟ ଶଙ୍ଖ ବାହାରିଥିଲା ବୋଲି ପୁରାଣରେ ବର୍ଣ୍ଣିତ । ଏହି ଶଙ୍ଖ ବିଜୟ, ସମୃଦ୍ଧି, ସୁଖ, ଶାନ୍ତି, ଯଶ, କୀର୍ତ୍ତି, ଲକ୍ଷ୍ମୀର ପ୍ରତୀକ ଭାବେ ପ୍ରସିଦ୍ଧି ହାସଲ କରିଥିଲା । ବର୍ତ୍ତମାନ ସମୟରେ ମଧ ଶଙ୍ଖ ଧ୍ୱନି ବେଶ୍ ଶୁଭ, ପବିତ୍ର ତଥା ଶାନ୍ତି ପ୍ରଦାନକାରୀ ଭାବେ ଗ୍ରହଣ କରାଯାଇଛି । ଲକ୍ଷ୍ମୀ ଶଙ୍ଖ, ଗୋମୁଖୀ ଶଙ୍ଖ, କାମଧେନୁ ଶଙ୍ଖ, ବିଷ୍ଣୁ ଶଙ୍ଖ, ଦେବ ଶଙ୍ଖ, ଚକ୍ର ଶଙ୍ଖ, ପୌଣ୍ଡ୍ର ଶଙ୍ଖ, ରାକ୍ଷସ ଶଙ୍ଖ, ଶନି ଶଙ୍ଖ, ରାହୁ ଶଙ୍ଖ, ଗରୁଡ଼ ଶଙ୍ଖ, କେତୁ ଶଙ୍ଖ, ମଣିପୁଷ୍ପକ ଶଙ୍ଖ, କଚ୍ଛପ ଶଙ୍ଖ, ସୁଘୋଷ ଶଙ୍ଖ, ଶେଷନାଗ ଶଙ୍ଖ ଆଦି ବିଭିନ୍ନ ପ୍ରକାରର ଶଙ୍ଖ ରହିଛି ।

## ହନୁମାନଙ୍କ ଏହି ଫଟୋ ଭୁଲରେ ବି ଘରେ ଲଗାନ୍ତୁନି



ସଂକଟମୋଚନ ହନୁମାନ ନିଜ ଭକ୍ତଙ୍କ ସବୁ ସଙ୍କଟ ଦୂର କରନ୍ତି। ଭଗବାନ ହନୁମାନ ବହୁତ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି ବୋଲି କୁହାଯାଏ। ହନୁମାନଙ୍କୁ ପ୍ରସନ୍ନ କରିବାକୁ ବେଶୀ କିଛି କରିବାକୁ ପଡ଼ିନଥାଏ। ଭକ୍ତଙ୍କ ଶ୍ରଦ୍ଧା ସବୁଠାରୁ ମହତ୍ୱପୂର୍ଣ୍ଣ। ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ହନୁମାନଙ୍କ ଶରଣ ନେଲେ ସବୁ ସଙ୍କଟ ଦୂର ହୋଇଥାଏ। ହନୁମାନଙ୍କ ଭକ୍ତଙ୍କ ଉପରେ ସବୁ ଦେବାଦେବୀଙ୍କ ବିଶେଷ କୃପା ଦୃଷ୍ଟି ରହିଥାଏ। ଲୋକେ ଘରେ ହନୁମାନଙ୍କ ମୂର୍ତ୍ତି ରଖି ମଧ ପୂଜା କରନ୍ତି। ତେବେ ଘରେ ଭଗବାନଙ୍କ କେଉଁ ସ୍ୱରୂପ ବିରାଜିତ କରାଯିବା ଉଚିତ ଏବଂ କେଉଁ ପ୍ରତିମା ବିରାଜିତ କରାଯିବା ଉଚିତ ନୁହେଁ ତାହା ଜାଣିବା ଆବଶ୍ୟକ। ହନୁମାନଙ୍କ କିଛି ସ୍ୱରୂପ ଘରେ ରଖିବା ଉଚିତ ନୁହେଁ। ଏହାଦ୍ୱାରା ଜୀବନରେ ଅଶାନ୍ତି ହୋଇଥାଏ।

**ଘରେ ହନୁମାନଙ୍କ କେଉଁ ପ୍ରତିମା ରଖିବା ଅନୁଚିତ :**

୧. ହନୁମାନ ନିଜ ଛାତି ଚିରିଥିବା ଫଟୋ ବା ମୂର୍ତ୍ତି କେବେ ବି ଘରେ ରଖିବା ଉଚିତ ନୁହେଁ।

୨. ହନୁମାନ ସଂଜୀବନୀ ଧରି ଆକାଶରେ ଉଡୁଥିବାର ଫଟୋ ଘରେ ଲଗାଇବା ଅନୁଚିତ। ଶାସ୍ତ୍ର ଅନୁସାରେ ହନୁମାନଙ୍କର ସ୍ଥିର ଅବସ୍ଥାର ମୂର୍ତ୍ତି ପୂଜା କରିବା ଉଚିତ।

୩. ରାକ୍ଷସଙ୍କ ସଂହାର କରୁଥିବା ହନୁମାନଙ୍କ ଫଟୋ ଘରେ ଲଗାଇବା ଉଚିତ ନୁହେଁ।

୪. ହନୁମାନ ନିଜ କାନ୍ଧରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ବସାଇଥିବା ଫଟୋ ଘରେ ଲଗାଇବା ଅନୁଚିତ।

୫. ହନୁମାନଙ୍କ ଲଙ୍କା ଦହନ ଫଟୋ କେବେ ବି ଘରେ ଲଗାଇବା ଉଚିତ ନୁହେଁ। ଏହିଭଳି ଫଟୋ ଲଗାଇଲେ ଜୀବନରେ ସୁଖ ସମୃଦ୍ଧି ପ୍ରାପ୍ତ ହୋଇନଥାଏ।

**ହନୁମାନଙ୍କ ଏହି ଫଟୋ ଘରେ ଲଗାଇ ପାରିବେ :**

୧. ହନୁମାନଙ୍କ ଯୁବାବସ୍ଥାର ହଳଦିଆ। ବସ୍ତ୍ର ଧାରଣ କରିଥିବା ଫଟୋ ଘରେ ଲଗାଇବା ଶୁଭ ହୋଇଥାଏ।

୨. ପଢା ଘରେ ହନୁମାନଙ୍କ ଫଟୋ ଲଗାଇବା ଉଚିତ। ଏହାଦ୍ୱାରା ପାଠ ପଢାରେ ଏକାଗ୍ରତା ରହିଥାଏ।

୩. ହନୁମାନ ଶ୍ରୀରାମଙ୍କ ସେବା କରୁଥିବା ଫଟୋ ଲଗାଇଲେ ଘରେ ଧନ ବର୍ଷା ହୋଇଥାଏ।

୪. ଡାଇନିଂ ରୁମରେ ରାମ ଦରବାରର ଚିତ୍ର ଲଗାଇବା ଉଚିତ। ଏହାଦ୍ୱାରା ପରିବାରରେ ସ୍ନେହ ଓ ଆପୋଷ ବୁଝାମଣା ବଢିଥାଏ।

୫. ଘରର ମୁଖ୍ୟଦ୍ୱାରରେ ପଂଚମୁଖୀ ହନୁମାନଙ୍କ ପ୍ରତିମା ବା ଫଟୋ ଲଗାଇବା ଉଚିତ। ଏହାଦ୍ୱାରା ଘରକୁ କୌଣସି ନକାରାତ୍ମକ ଶକ୍ତି ପ୍ରବେଶ କରିନଥାଏ ଏବଂ ପରିବାର ସଦସ୍ୟଙ୍କ ଉପରେ କୌଣସି ସଙ୍କଟ ଆସିନଥାଏ।

୬. ହନୁମାନ ବୈଠି ମୁଦ୍ରା ଫଟୋ ଘରେ ଲଗାଇଲେ ସବୁ ପ୍ରକାର କଳହ ଦୂର ହୋଇଥାଏ।

ବିବାହିତ ଲୋକ ନିଜ ଶୟନକକ୍ଷରେ ହନୁମାନଙ୍କ କୌଣସି ବି ଫଟୋ ବା ପ୍ରତିମା ସ୍ଥାପିତ କରିବା ଉଚିତ ନୁହେଁ।



## ମସୁର ଡାଲିରେ ତ୍ୱଚାର ଉପଚାର

ସୁନ୍ଦର ଦେଖାଯିବା ପାଇଁ କିଏ ବା ନ ଚାହେଁ। ସମସ୍ତେ ସୁନ୍ଦର ଦେଖାଯିବା ପାଇଁ ଅନେକ ଉପାୟ ଆପଣାଇଥାନ୍ତି। ତ୍ୱଚାର ଚମକ ବଢ଼ାଇବା ପାଇଁ କିଏ କସମେଟିକର ସହାୟତା ନିଅନ୍ତି ତ ଆଉ କିଏ ଘରୋଇ ଉପଚାରର। ଏଭଳି ଏକ ଘରୋଇ ଉପଚାର ହେଉଛି ମସୁର ଡାଲି। ମସୁର ଡାଲିକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଉଜ୍ଜ୍ୱଳତା ବଢ଼ିବା ସହ ସୁନ୍ଦରତା ଦ୍ୱିଗୁଣ ହୋଇଯିବ। ଏଥିସହ ତ୍ୱଚା ନରମ ମଧ କରିଥାଏ। ତେବେ ଆସନ୍ତୁ ଜାଣିବା ଏହାକୁ କିଭଳି ବ୍ୟବହାର କରିବେ..

ମସୁର ଡାଲିକୁ ବାଟି ଏଥିରେ ମହୁ ଏବଂ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ୧୫ରୁ ୨୦ ମିନିଟ ଯାଏଁ ମୁହଁରେ ଲଗାନ୍ତୁ। ପରେ ଧୀରେ ଧୀରେ ମସାଜ କରନ୍ତୁ। ଏହାପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଆପଣ ଚାହିଁଲେ ଏଥିରେ କ୍ଷୀର ମିଶାଇ ମଧ ଲଗାଇ ପାରିବେ। ସପ୍ତାହରେ ୨ ଥର ଏହି ଫେସ ପ୍ୟାକକୁ ଲଗାଇଲେ ରିଙ୍କଲ୍ସ ଦୂର ହେବା ସହ ମୁହଁର ଉଜ୍ଜ୍ୱଳତା ବଢ଼ିଥାଏ।

ଏକ ଚାମଚ ମସୁର ଡାଲି ଗୁଣ୍ଡରେ ଦୁଇ ଚାମଚ କ୍ଷୀର ମିଶାଇ ଏକ ମିଶ୍ରଣ ତିଆରି କରନ୍ତୁ। ଯଦି ଆପଣଙ୍କ ବ୍ରଣ ସମସ୍ୟା ଥାଏ ତେବେ ଏଥିରେ ଏକ ଚୁଟକି ହଳଦୀ ମିଶାଇ ପାରିବ। ଏହି



ମିଶ୍ରଣକୁ ମୁହଁରେ ୧୦ରୁ ୧୫ ମିନିଟ ଯାଏ ଲଗାଇ ରଖନ୍ତୁ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।

ଯଦି ମୁହଁରେ କିଛି କଳା ଦାଗ ଥାଏ ତେବେ ଏହାକୁ ଦୂର କରିବା ପାଇଁ ମସୁର ଡାଲିକୁ ବାଟି ସେଥିରେ ଦେଶୀ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏଥିରେ ଆପଣ ଚାହିଁଲେ ମହୁ ମଧ ମିଶାଇ ପାରିବ। ଏହି ମଶ୍ରଣକୁ ମୁହଁ, ବେକ, ହାତ ଏବଂ ଗୋଡରେ ଥିବା କଳା ଦାଗ ଦୂର କରିବା ପାଇଁ ବ୍ୟବହାର କରିପାରିବେ। ଏହି ପେଷ୍ଟକୁ ନିୟମିତ ବ୍ୟବହାର କଲେ ତ୍ୱଚାରେ ଥିବା ଦାଗ ଦୂର ହେବା ସହ ମୁହଁର ସୁନ୍ଦରତା ଧୀରେ ଧୀରେ ବଢ଼ିବ। ମସୁର ଡାଲିରେ ପ୍ରଚୁର ମାତ୍ରାରେ ପ୍ରୋଟିନ ରହିଛି। ଏହାକୁ ଫେସ ପ୍ୟାକ ଭଳି ବ୍ୟବହାର କଲେ ତ୍ୱଚା ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହୋଇଥାଏ । ତ୍ୱଚା ନରମ ହେବା ସହ ଚିକ୍କଣ ମଧ ହୋଇଥାଏ।



# ନଗରନକ୍ସା

ମହାନଗରର ନିଜ ଭାଷା



ବୁଧବାର, ୧୦ ଜୁନ୍, ୨୦୨୬




# ପରିବହନ ନିଗମର ସଫଳତାକୁ ମୁଖ୍ୟ ସଚିବଙ୍କ ପ୍ରଶଂସା

**ଭୁବନେଶ୍ୱର,୯।୬ (ମହାଭାରତ):** ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ଗତ ମଇ ମାସରେ ତଥା ଅଦ୍ୟାବଧି ରାଜ୍ୟରବିଭିନ୍ନ ବିଭାଗ ସମ୍ପର୍କିତ ଉଲ୍ଲେଖନୀୟ କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ନୂଆଦିଲ୍ଲୀରେ ସଦ୍ୟ ଆୟୋଜିତ ଜାତୀୟ ପଂଚାୟତ ପୁରସ୍କାର-୨୦୨୫ରେ ଓଡ଼ିଶା ୫ଟି ଜାତୀୟ ପୁରସ୍କାର ହାସଲ କରିବା, ୨୦୨୫ ମସିହାରେ ଓଡ଼ିଶାକୁ ଅଧିକ ବିଦେଶୀ ପର୍ଯ୍ୟଟକଙ୍କ ପରିଦର୍ଶନ, ଶକ୍ତି ସଂରକ୍ଷଣ କ୍ଷେତ୍ରରେ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା' ଅଧୀନରେ ଓଡ଼ିଶା ସରକାରଙ୍କ ଉଲ୍ଲେଖନୀୟ ଅଗ୍ରଗତିକୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରିଥିଲେ । ସେହିପରି ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପଦକ୍ଷେପରେ ଓଡ଼ିଶା ସରକାର ଏବଂ ଇଣ୍ଟେଲ୍, ଥ୍ରୀଡିଜିଏସ୍ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ଫଳରେ ରାଜ୍ୟର ଶିଳ୍ପ ଓ ପ୍ରଯୁକ୍ତିଗତ ବିକାଶ ସହ ବୃହତ୍ ନିବେଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଓଡ଼ିଶାର ବିଦ୍ୟୁତ୍ ଶକ୍ତି ସୁରକ୍ଷାରେ ଓପିଜିସିର ଉଲ୍ଲେଖନୀୟ ସଫଳତାକୁ ମଧ୍ୟ ମୁଖ୍ୟ ସଚିବ ପ୍ରଶଂସା କରିଥିଲେ ।

ବୈଠକରେ ମଇ ୨୦୨୬ ସୁଦ୍ଧା ବଜେଟ୍ ପ୍ରାବଧାନ ଅନୁସାରେ ରାଜ୍ୟର ବିଭିନ୍ନ ବିଭାଗର ଆର୍ଥିକ ପ୍ରଦର୍ଶନ ସଂପର୍କରେ ସମୀକ୍ଷା କରାଯାଇଥିଲା । ଅଦ୍ୟାବଧି ବିଭିନ୍ନ କାର୍ଯ୍ୟକ୍ରମ ବାବଦକୁ ବ୍ୟୟ ସହିତ ବିଭିନ୍ନ କ୍ଷେତ୍ରରୁ ମୋଟ ରାଜସ୍ୱ ଆଦାୟ ସଂପର୍କରେ ଆଲୋଚନା ହୋଇଥିଲା । ଜଳସଂପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ , ହସ୍ତତନ୍ତ ବିକାଶ କ୍ଷେତ୍ର, ବାଣିଜ୍ୟ ଓ ପରିବହନ ବିଭାଗର ଖର୍ଚ୍ଚ ହାର ଗତ ବର୍ଷ ଏହି ସମୟ ତୁଳନାରେ ବୃଦ୍ଧି ଘଟିଛି । ରାଜସ୍ୱ ଆଦାୟ ବୃଦ୍ଧି, ଭିତ୍ତିଭୂମି ବିକାଶ ସଂପର୍କିତ ସମେତ ଅନ୍ୟ ସମସ୍ତ ବିଭାଗକୁ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ



ଦେଇଛନ୍ତି ।

ବୈଠକରେ ମୁଖ୍ୟମନ୍ତ୍ରୀ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଓ ପର୍ଯ୍ୟବେକ୍ଷଣ ପତ୍ର(ୟୁଓଆଇ ନୋଟ)ର କାର୍ଯ୍ୟାନୁଷ୍ଠାନ ବିବରଣୀକୁ ଅଗ୍ରାଧିକାର ଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।ତତ୍ ସହିତ ଆଗାମୀ ଜୁନ୍ ୧୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ନୀତି ଆୟୋଗର ୧୧ତମ ପରିଚାଳନା ପରିଷଦ ବୈଠକରେ ଆଲୋଚନା ହେବାକୁ ଥିବା ପ୍ରସଙ୍ଗରେ ରାଜ୍ୟ ସଂପର୍କିତ ବିଭିନ୍ନ ବିଭାଗର ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି ।ଏହି ବୈଠକରେ "ବିକଶିତ ଭାରତ ପାଇଁ ମାନବ ପୁଞ୍ଜି" ଥିମ୍ ସହିତ ପୂର୍ବରୁ ଅନୁଷ୍ଠିତ ୫ମ ମୁଖ୍ୟ ଶାସନ ସଚିବମାନଙ୍କ ବୈଠକର ପ୍ରସ୍ତାବ କାର୍ଯ୍ୟକାରିତା ସଂପର୍କିତ ଆଲୋଚନା ହେବ ।

ବୈଠକରେ ଓଡ଼ିଶା ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ ଓ ବିକାଶମୂଳକ ଉପଲବ୍ଧିକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ସହିତ ସରକାର ଓ ନାଗରିକଙ୍କ ମଧ୍ୟରେ ସଂଯୋଗକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ବିଭିନ୍ନ ଜନସମ୍ପର୍କ ଓ ଜନସଂପୃକ୍ତି କାର୍ଯ୍ୟକ୍ରମ ଆୟୋଜନ କରାଯିବା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ଏ ସଂପର୍କରେ ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ବିସ୍ତୃତ ଉପସ୍ଥାପନ କରିଥିଲେ । ଆଲୋଚନା ଅନୁସାରେ ରାଜ୍ୟ, ଜିଲ୍ଲା, ବ୍ଲକ୍ ଏବଂ ଗ୍ରାମପଂଚାୟତ ସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସରକାରଙ୍କ ଦୁଇ ବର୍ଷର ସଫଳତା, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଏବଂ ଆଗାମୀ ତିନି ବର୍ଷିଆ ବିକାଶ ରୋଡମ୍ୟାପ୍ ସଂପର୍କରେ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ଉଲ୍ଲେଖନୀୟ ଯାତ୍ରାରେ ବିଭିନ୍ନ କେନ୍ଦ୍ରୀୟ ଯୋଜନା ଓ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀଶ୍ରୀ ମୋହନ ଚରଣ ମାଝୀ ଜୁନ୍ ୯ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀରେ ଜନସାଧାରଣଙ୍କୁ ସମ୍ବୋଧିତ କରିବେ । ସେହିପରି ମୁଖ୍ୟମନ୍ତ୍ରୀଶ୍ରୀ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ନୂଆ ସରକାର ଗଠନର୨ ବର୍ଷ ଲୋକାଭିମୁଖୀ ଶାସନର ସଫଳତା ସଂପର୍କରେ ମୁଖ୍ୟମନ୍ତ୍ରୀ ମଧ୍ୟ ପ୍ରେସ୍ ମିଟ୍ କରିବେ । ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଜୁନ୍ ୨୦ ତାରିଖରେ ରାଇରଙ୍ଗପୁର ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ମୋଦୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାରୁ ଏ ସଂପର୍କରେବୃହତ୍ ଜନସଂପୃକ୍ତି କାର୍ଯ୍ୟକ୍ରମ ଓ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଛି ।ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ନେଇ ଭୁବନେଶ୍ୱରରେ ଜୁନ୍ ୧୨ରୁ ୧୬ ପର୍ଯ୍ୟନ୍ତ ପାଂଚଦିନିଆପ୍ରଦର୍ଶନୀଆୟୋଜନ ସହ ଜୁନ୍ ୨୧ରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ହେବା ସଂପର୍କରେ ଆଲୋଚନା କରାଯାଇଛି ।ଏଥି ସହିତ ବିଶ୍ୱ ବିଦ୍ୟାଳୟ, ମହାବିଦ୍ୟାଳୟ ଆଦି ଛାତ୍ରଛାତ୍ରୀମାନଙ୍କ ସଂପୃକ୍ତିରେ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯିବା ନେଇ ସ୍ୱତନ୍ତ୍ର ପ୍ରସ୍ତୁତି ହେବ ।

# ଶିକ୍ଷାନୁଷ୍ଠାନରେ ପ୍ରମାଣପତ୍ର ତ୍ୱରିତ ପ୍ରଦାନ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୬ (ମହାଭାରତ):** ଶିକ୍ଷାନୁଷ୍ଠାନରେ ନାମଲେଖା ଉଦ୍ଦେଶ୍ୟରେ ଆବେଦିତ ବିବିଧ ଓ ଜାତି ପ୍ରମାଣପତ୍ରର ତ୍ୱରିତ ପ୍ରଦାନ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ।ଯେହେତୁ, ବର୍ତ୍ତମାନ ବିଭିନ୍ନ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବାସିନ୍ଦା, ଆୟ ଏବଂ ଜାତି ପ୍ରମାଣପତ୍ର ସମେତ ବିଭିନ୍ନ ପ୍ରକାରର ପ୍ରମାଣପତ୍ର ପାଇଁ ବହୁସଂଖ୍ୟକ ଆବେଦନ କରାଯାଉଥିବା ଲକ୍ଷ୍ୟ କରାଯାଉଅଛି ।ଏହି ଆବେଦନଗୁଡ଼ିକର ନିଷ୍ପତ୍ତି ପ୍ରକ୍ରିୟା ଓଡ଼ିଶା ଜନସେବା ଅଧିକାର ଆଇନ,୨୦୧୨ ଅଧୀନରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଦାନ କରାଯିବା ଆବଶ୍ୟକ। ଏହାଦ୍ୱାରା ନାମଲେଖା ସମୟରେ ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକମାନଙ୍କ ମଧ୍ୟରେ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ । ଏହି ଅତ୍ୟାବଶ୍ୟକ ଜନସେବାଗୁଡ଼ିକର ତୁରନ୍ତ ପ୍ରଦାନ ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ



ସଂପୃକ୍ତ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ତନ୍ମଧ୍ୟରେ ଆବେଦନକାରୀଙ୍କ ଇ-ଡିଷ୍ଟ୍ରିକ୍ଟ ପୋର୍ଟାଲ୍ ରେ ସମ୍ବନ୍ଧୀୟ ତଥ୍ୟ ସହିତ ଦରଖାସ୍ତ ଉପରେ ଅଧିକାରୀମାନେ ତୁରନ୍ତ ନିଷ୍ପତି ଗ୍ରହଣ କରିବେ । ବାସିନ୍ଦା ଏବଂ ଆୟ ପ୍ରମାଣପତ୍ର ପାଇଁ ଆବେଦନକାରୀ ଏକ ଘୋଷଣାପତ୍ର ଦାଖଲ କରୁଥିବାରୁ, ସେଗୁଡ଼ିକୁ କୌଣସି ଅନାବଶ୍ୟକ ବିଳମ୍ବ ନ କରି ତୁରନ୍ତ ପ୍ରଦାନ କରାଯିବ। ଜାତି ପ୍ରମାଣପତ୍ର ସମ୍ବନ୍ଧୀୟ କ୍ଷେତ୍ରୀୟ ଯାଞ୍ଚ ତୁରନ୍ତ ଗ୍ରାମ୍ୟ ସ୍ତରରେ କରାଯିବ। ଜାତି ପ୍ରମାଣପତ୍ର ସମ୍ବନ୍ଧୀୟ କୌଣସି ଆବେଦନର କ୍ଷେତ୍ରୀୟ ଯାଞ୍ଚ ପ୍ରକ୍ରିୟା ରାଜସ୍ୱ ନିରୀକ୍ଷକଙ୍କ ପାଖରେ ତିନି ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ରହିବ ନାହିଁ । ପ୍ରଚଳିତ ନିୟମ, ନିର୍ଦ୍ଦେଶାବଳୀ କିମ୍ବା ଆଇନଗତ ବ୍ୟବସ୍ଥାରେ ସ୍ପଷ୍ଟ ଭାବରେ ଆବଶ୍ୟକ ନ ଥିଲେ, ଆବେଦନକାରୀଙ୍କୁ କୌଣସି ନିର୍ଦ୍ଦିଷ୍ଟ ଦଲିଲ୍ ଦାଖଲ କରିବା ପାଇଁ ବାଧ୍ୟ କରାଯିବ ନାହିଁ। ଯଥାସମ୍ଭବ ସରକାରୀ କାଗଜପତ୍ର ଓ ଡିଜିଟାଲ୍ ପ୍ଲାଟଫର୍ମରେ ଉପଲବ୍ଧ ତଥ୍ୟ ଯାଞ୍ଚ କରି ନିଷ୍ପତ୍ତି ଗ୍ରହଣ କରାଯିବ।

# ସମ୍‌ରେ ବିଶ୍ୱ ଜରୁରୀକାଳୀନ ଔଷଧ ଦିବସ

**ଭୁବନେଶ୍ୱର,୯।୬ (ମହାଭାରତ):** ମଣିଷର ଜୀବନ ରକ୍ଷା ଏବଂ ଅକ୍ଷମତା ହ୍ରାସ କରିବାରେ ଜରୁରୀକାଳୀନ ଚିକିତ୍ସା ସେବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ଜରୁରୀକାଳୀନ ସେବା ବିଭାଗ ପକ୍ଷରୁ ମେ ୩୦ ତାରିଖ ଦିନ ବିଶ୍ୱ ଜରୁରୀକାଳୀନ ଔଷଧ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ଜରୁରୀକାଳୀନ ଔଷଧ ଦିବସ ୨୦୨୬ର ବିଷୟବସ୍ତୁ ରହିଥିଲା 'ଜରୁରୀକାଳୀନ ଚିକିତ୍ସକ ଓ କର୍ମଚାରୀଙ୍କ ପାଇଁ ଏକ ସୁରକ୍ଷିତ ବ୍ୟବସ୍ଥା।' ଏହି ବିଷୟବସ୍ତୁ କାର୍ଯ୍ୟକ୍ଷେତ୍ରରେ ହିଂସା, ଭିଡ଼, ଜରୁରୀ ବିଭାଗରେ ଆତଙ୍କ, କର୍ମଚାରୀ ଅଭାବ, ମାନସିକ ଚାପ ଏବଂ ଜରୁରୀକାଳୀନ ଯତ୍ନ ନେଉଥିବା କର୍ମଚାରୀ ସମ୍ମୁଖୀନ ହେଉଥିବା ବୃତିଗତ ବିପଦ ସଂପର୍କରେ ବଢୁଥିବା ଚିନ୍ତା ପ୍ରତି ଧ୍ୟାନ ଆକର୍ଷଣ କରେ। ଏହି ବିଷୟବସ୍ତୁକୁ ଭିତି କରି



ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ ଓ ୟୁରୋପିଆନ୍ ସୋସାଇଟି ଫର୍ ଏମରଜେନ୍ସି ମେଡିସିନ୍ ଆଣ୍ଡ ଶ୍ରୀଲଙ୍କା କଲେଜ୍ ଅଫ୍ ଏମରଜେନ୍ସି ଫିଜିସିଆନ୍ସର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଜରୁରୀକାଳୀନ ଔଷଧ ବିଭାଗ ପୂର୍ବ ଭାରତରେ ଜରୁରୀକାଳୀନ ଯତ୍ନ ପାଇଁ ଏକ ପ୍ରମୁଖ କେନ୍ଦ୍ର। ଏକ ଉନ୍ନତ ସେବା ଦେଉଥିବା ଶିକ୍ଷାଗତ ପ୍ରତିଷ୍ଠାନ ଭାବରେ ବିଭାଗଟି ବ୍ୟାପକ, ୨୪- ଘଂଟିଆ ଜରୁରୀକାଳୀନ ସେବା ପ୍ରଦାନ କରେ ଏବଂ ବିଭିନ୍ନ ପ୍ରକାରର ଚିକିତ୍ସା ପରିସ୍ଥିତି ସହିତ ଉପସ୍ଥିତ ରୋଗୀଙ୍କ ପାଇଁ ପ୍ରଥମ ଯୋଗାଯୋଗ କେନ୍ଦ୍ର ଭାବରେ କାର୍ଯ୍ୟ କରେ। ବିଭାଗଟି ମେଡ଼ିସିନ ଚିକିତ୍ସା, ଶଲ୍ୟଚିକିତ୍ସା, ଆଘାତ, ଶିଶୁ, ପ୍ରସୂତି, ହୃଦ, ସ୍ନାୟୁ ଏବଂ ଗୁରୁତର କ୍ରିଟିକାଲ ସେବା ସମେତ ବିଭିନ୍ନ ଜରୁରୀକାଳୀନ ଚିକିତ୍ସା ପରିଚାଳନା କରିଥାଏ ଯାହା ଦ୍ରୁତ ମୂଲ୍ୟାଙ୍କନ, ସ୍ଥିରୀକରଣ ଏବଂ ନିର୍ଣ୍ଣାୟକ ପରିଚାଳନା ସୁନିଶ୍ଚିତ କରେ। ଆଧୁନିକ ଭିତିଭୂମି, ଉନ୍ନତ ମନିଟରିଂ ସିଷ୍ଟମ, ପଏଂଟ୍-ଅଫ୍-କେୟାର ଡାଇଗ୍ନୋଷ୍ଟିକ୍ସ, ଜରୁରୀକାଳୀନ ଅଲଟ୍ରାସାଉଣ୍ଡ ସୁବିଧା ଏବଂ ଏକ ଉଚ୍ଚ ଦକ୍ଷ ବହୁବିଧ ଦଳ ସହିତ ସଜ୍ଜିତ ବିଭାଗ ସମଯୋଚିତ, ପ୍ରମାଣ-ଭିତିକ ଏବଂ ରୋଗୀ-କୈନ୍ଦ୍ରିକ ଚିକିତ୍ସା ପ୍ରଦାନ କରିବାକୁ ପ୍ରତିବଦ୍ଧ। ବିଭିନ୍ନ ବିଶେଷଜ୍ଞ ଏବଂ ସୁପର-ସ୍ପେଶାଲିଟି ବିଭାଗ ସହିତ ଘନିଷ୍ଠ ସହଯୋଗରେ କାର୍ଯ୍ୟ କରି ଏହି ବିଭାଗ କ୍ଲିନିକାଲ୍ ଉତ୍କର୍ଷତା ଏବଂ ରୋଗୀ ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖି ଗୁରୁତର ଅସୁସ୍ଥ ଏବଂ ଆହତ ରୋଗୀଙ୍କ ଚିକିତ୍ସା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

କ୍ଲିନିକାଲ୍ ଦାୟିତ୍ୱ ବ୍ୟତୀତ ଏହି ବିଭାଗ ଶିକ୍ଷାଗତ କାର୍ଯ୍ୟକଳାପ ଏବଂ ଦକ୍ଷତା ବିକାଶରେ ଗଭୀର ଭାବେ ନିୟୋଜିତ।

# ରାଜ୍ୟରେ ବୃଦ୍ଧି ପାଉଛି ହାଜତ ମୃତ୍ୟୁ ମାମଲା

**ଭୁବନେଶ୍ୱର,୯।୬ (ମହାଭାରତ):** ରାଜ୍ୟରେ ପୋଲିସ୍ ପ୍ରଶାସନର ବର୍ବରତା ସବୁ ସୀମା ଟପିସାରିଲାଣି । ଥାନା ଭିତରେ ଥାର୍ଡଡିଗ୍ରୀ ଘଟଣା ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟରେ ଘଟୁଥିବା ହିଂସା ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ଦେବାରେ ବିଫଳ ପୋଲିସ୍ ପ୍ରଶାସନ ଅମାନୁଷିକ ଭାବେ ସାଧାରଣ ଲୋକଙ୍କ ଉପରେ ଥାର୍ଡଡିଗ୍ରୀ କରିବା ଅତ୍ୟନ୍ତ ନିନ୍ଦନୀୟ କହି ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ, ପୋଲିସ୍ ପ୍ରଶାସନ ଓଡ଼ିଶାର ନିରୀହ ଜନସାଧାରଣଙ୍କ ଉପରେ ବର୍ବରୋଚିତ ଭାବେ ଥାନା ଭିତରେ ଯେଉଁ ଥାର୍ଡଡିଗ୍ରୀ କରୁଛି, ତାହା ସମସ୍ତଙ୍କୁ ବିଚଳିତ କରିଦେଇଛି ବୋଲି କହିଥିଲେ ।



ଡ଼ ଲେନିନ ମହାନ୍ତି କହିଥିଲେ, ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ବରତା ଓ ହିଂସାକାଣ୍ଡ ବଢ଼ିଚାଲିଥିବା ବେଳେ ପୋଲିସ୍ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଛି । ପୋଲିସ୍ ମହାନିର୍ଦ୍ଦେଶକ ଗତ ୧୦ ଦିନ ଭିତରେ ଦୁଇ ଥର କହିସାରିଲେଣି, ଓଡ଼ିଶାରେ ଅପରାଧୀମାନଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ । ଏହାସତ୍ତ୍ୱେ ଅପରାଧୀମାନେ ପୋଲିସ୍ ଡିଜିଙ୍କ କଥାକୁ ବେଖାତିର କରି ଅପରାଧ ଘଟାଇ ଚାଲିଛନ୍ତି । ଅପରପକ୍ଷରେ ପୋଲିସ୍ ଅପରାଧ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ବେଳେ ସାଧାରଣ ଲୋକଙ୍କୁ ଥାନାକୁ ଡକାଇ ଅକଥନୀୟ ନିର୍ଯାତନା ଦେଉଛି । ଗତ କିଛି ଦଳେ ବାରଙ୍ଗ ଥାନାରେ ନିଜ ସ୍ତ୍ରୀ ନିଖୋଜ ଥିବାର ମାମଲା ଦାୟର କରିବାକୁ ଯାଇଥିବା ରାକେଶ ବେହେରାଙ୍କୁ ପୋଲିସ୍ ଅଟକ ରଖି ଏଭଳି ଥାର୍ଡଡିଗ୍ରୀ ପ୍ରୟୋଗ କଲେ, ଆଜି ସେ ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି । ରାଜନଗର ତାଳଚୁଆ ସାମୁଦ୍ରିକ ଥାନା ଭିତରେ ଆଇଆଇସି ଜଣେ ଗରିବ ମାଆ ଓ ପୁଅଙ୍କୁ ଅସଭ୍ୟ ଗାଳିଗୁଲଜ କରିବା ସହ ମାଆକୁ ଅର୍ଦ୍ଧଉଲଗ୍ନ କରି ଅମାନୁଷିକ ଭାବେ ମାଡ଼ ମାରିଥିଲେ । ଲୋକଙ୍କ ପ୍ରତିବାଦ ଯୋଗୁଁ ଉଭୟ ଥାନାର ଆଇଆଇସିଙ୍କୁ ବଦଳି କରି ପୋଲିସ୍ ପ୍ରଶାସନ ଚୁପ୍ ହୋଇ ବସିରହିଛି ।

ଗତକାଲି ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ଥାନାର ଆଇଆଇସି ଲଘୁ ଖଣିଜ ସମ୍ପଦ ଚୋରା କାରବାରର ମୁଖ୍ୟ କାର୍ପଟଦାରଙ୍କୁ ପଚାରିବାକୁ ସାହାସ ଜୁଟାଇ ନ ପାରି ଜଣେ ନିରୀହ ଭିନ୍ନକ୍ଷମ ଯୁବକଙ୍କୁ ଉଠାଇ ଆଣି ଦୀର୍ଘ ୩ ଦିନ ଧରି ହାଜତ ଭିତରେ ଥାର୍ଡଡିଗ୍ରୀ ଦେଇଚାଲିଲେ, ଯାହା ଫଳରେ ତାଙ୍କର ମୃତ୍ୟୁ ହେଲା । ବିଗତ ୨୦ ଦିନ ଭିତରେ ଗଞ୍ଜାମ ଜିଲ୍ଲାରେ ୧୦ଟି ମର୍ଡର ହେଲାଣି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସଂସଦରେ ଉପସ୍ଥାପନ କରିଥିବା ରିପୋର୍ଟ ଅନୁଯାୟୀ ୨୦୨୫-୨୬ ବର୍ଷରେ ଓଡ଼ିଶାରେ ହାଜତ ମୃତ୍ୟୁ ସଂଖ୍ୟା ୧୦ରେ ପହଞ୍ଚିଲାଣି । ଇପ୍ସୀତା ସାହୁ କହିଥିଲେ, ଓଡ଼ିଶାରେ ବିଜେପି ସରକାର ୨ ବର୍ଷ ପୂର୍ତ୍ତୀ ପାଳନ କରିବାକୁ ଯାଉଥିବା ବେଳେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନ କହିଲେ ଭଲ । ସମଗ୍ର ରାଜ୍ୟରେ ଭିଡ଼ହିଂସା ଠାରୁ ଆରମ୍ଭ କରି ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଯେଉଳି ଜଘନ୍ୟ କାଣ୍ଡ ଦେଖିବାକୁ ମିଳୁଛି, ତାହା ଆଗରୁ କେବେ ଘଟିନଥିଲା ।

# ସକ୍ଷମାର ଖୋଲା ଆଲୋଚନା ଅନୁଷ୍ଠିତ

**ଭୁବନେଶ୍ୱର,୯।୬ (ମହାଭାରତ):** ସତ୍ୟନଗର ସ୍ଥିତ, ତୋଷାଳି ଭବନ,ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଶ୍ରୀମତୀ ବ୍ରତତୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସକ୍ଷମାର ଏକ ଖୋଲା ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ଶ୍ରୀମତୀ ଗୀତାଞ୍ଜଳି ନାୟକ, ଅତିରିକ୍ତ ଶାସନ ସଚିବ, ପଂଚାୟତିରାଜ ଓ ପାନୀୟଜଳ ବିଭାଗ,ଏହି ଖୋଲା ଆଲୋଚନରେ ଅତିଥି ଭାବେ ଯୋଗ ଦେଇ ଭିନ୍ନକ୍ଷମମାନଙ୍କ ନିମନ୍ତେ ପଂଚାୟତିରାଜ ଓ ପାନୀୟଜଳ ବିଭାଗତରଫରୁ କଣ ସୁବିଧା ରହୁଛି ଏବଂ ତାର ପ୍ରାବଧାନ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ ।

ସେହିପରି ବିଜୟ ସ୍ୱାଇଁ, କ୍ରୀଡା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ, କ୍ରୀଡା କ୍ଷେତ୍ରରେ ବହୁ ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ରାଜ୍ୟ ପାଇଁ ଯେଉଁ ଗର୍ବଗୌରବ ଆଣୁଛନ୍ତି ସେମାନଙ୍କ ନିମନ୍ତେ ବିଭାଗ ତରଫରୁ ଯେଉଁ ସୁବିଧା ସୁଯୋଗ ଦେବା କଥା ସେଥି ପାଇଁ ଆମେ ଚେଷ୍ଟା କରୁଛୁ । କ୍ରୀଡା ଓ ଯୁବସେବା ବିଭାଗ ତରଫରୁ ଭିନ୍ନକ୍ଷମମାନଙ୍କୁ ସାପୋର୍ଟ କଲାଭଳି ଏକ ଶୟନ ଗୃହ ଏବଂ ଷ୍ଟାଡିୟମ ନିର୍ମିତ କରାଯାଇଥିବା ସେ ପ୍ରକାଶ କରିଥିଲେ । ଏହା ସହ ପରବର୍ତୀ ସମୟରେ ଭିନ୍ନକ୍ଷମମାନଙ୍କୁ ସୁବିଧା କଲାଭଳି ଟୟଲେଟ, ରାମ୍ପ, ଲିଫ୍ଟ ତଥା ଅନ୍ୟାନ୍ୟ ସୁବିଧା ପାଇଁ ଚେଷ୍ଟା କରିବୁ ବୋଲି କହିଥିଲେ । ରେଡିଓ ଉଡାନର ପ୍ରତିଷ୍ଠାତା, ଦାନିଶ ମହାଜନ,ଏହି ଖୋଲା ଆଲୋଚନାରେ ଭରଚୁଆଲ ମୋଡ ମାଧ୍ୟମରେ ଯୋଗଦେଇ ବିଭିନ୍ନ ରାଜ୍ୟରେ ଭିନ୍ନକ୍ଷମମାନଙ୍କର ବିଭିନ୍ନ ସମସ୍ୟା ଓ ତାର ସମାଧାନ ନିମନ୍ତେ ଯେଉଁ ସୁବିଧା ପ୍ରଦାନ କରାଯାଉଛି ତାର ଅପଡେଟ ଖବର ପ୍ରଦାନ କରିଥିଲେ । ଜ୍ୟୋତି ରଞ୍ଜନ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଖୋର୍ଦ୍ଧା ଅତିଥି ଭାବେ ଯୋଗଦେଇ ଜିଲ୍ଲା ସ୍ତରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଭିନ୍ନକ୍ଷମମାନଙ୍କ ନିମନ୍ତେ ଯେଉଁ ସବୁ କାର୍ଯ୍ୟ କରୁଛନ୍ତି ସେ ବିଷୟରେ ଅଲୋଚନ କରିଥିଲେ । ବାଣୀଶ୍ରୀ ଛାତ୍ରବୃତି ୬୭୮ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଏବଂ ଅନ୍ୟ ସ୍କଲାରଶିପ ଅଛି ୫୭ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରୁଥିବା ସେ ପ୍ରକାଶ କରିଥିଲେ। ସରକାରୀ କାର୍ଯ୍ୟାଳୟରେ ଭିନ୍ନକ୍ଷମମାନଙ୍କୁ ସାପୋର୍ଟ କଲାଭଳି ପରିବେଶ ତିଆରି କରୁଛୁ । ଏହି ଖୋଲା ଆଲୋଚନାକୁ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଶ୍ରୀମତୀ ବ୍ରତତୀ ହରିଚନ୍ଦନ ଅଧ୍ୟକ୍ଷତା କରି କହିଥିଲେ ଯେ, କ୍ରୀଡା ଓ ଯୁବସେବା ଓ ପଂଚାୟତିରାଜ ଓ ପାନୀୟଜଳ ବିଭାଗ ଭିନ୍ନକ୍ଷମମାନଙ୍କ ସୁବିଧା ପାଇଁ କଣ କଣ କାର୍ଯ୍ୟ କରୁଛି ସେ ବିଷୟରେ ପଚାରି ବୁଝି ଥିଲେ।

# ଓଡ଼ିଶାରେ ଡିଜେଲ ବିକ୍ରି ୯.୭% ବୃଦ୍ଧି

**ଭୁବନେଶ୍ୱର,୯।୬ (ମହାଭାରତ):** ଫର୍ଚ୍ୟୁନ୍ ଗ୍ଲୋବାଲ୍ ୫୦୦ ତାଲିକାଭୁକ୍ତ ଏବଂ ମହାରତ୍ନ ପିଏସୟୁ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (ବିପିସିଏଲ୍) ସାରା ଓଡ଼ିଶାରେ ପେଟ୍ରୋଲ୍ (ମୋଟର ସ୍ପିରିଟ୍) ଓଡିଜେଲ୍ (ହାଇ-ସ୍ପିଡ୍ଡିଜେଲ୍)ର ସ୍ଥିର ଏବଂ ନିରବଚ୍ଛିନ୍ନ ଯୋଗାଣ ବଜାୟ ରଖିଆସୁଛି। ଏହାଫଳରେ ରାଜ୍ୟର ଉପଭୋକ୍ତା, ବ୍ୟବସାୟୀ, ପରିବହନ ସଂଚାଳକ ଓ ଜରୁରୀ ସେବାକ୍ଷେତ୍ର ଗୁଡ଼ିକ ପାଇଁ ଇନ୍ଧନର ସୁନିଶ୍ଚିତ ଓ ନିରବିଘ୍ନ ଉପଲବ୍ଧତା ଜାରି ରହିଛି।

ସାଧାରଣ ଭାବେ ଯୋଗାଣ କାର୍ଯ୍ୟ ଚାଲୁଥିବା ବେଳେ ବିପିସିଏଲ୍‌ର ସୁଦୃଢ ଲଜିଷ୍ଟିକ୍ସ ଏବଂ ବିତରଣ ନେଟୱର୍କ ରାଜ୍ୟର ବିଭିନ୍ନ ଖୁଚୁରା ବିକ୍ରୟ କେନ୍ଦ୍ର ଗୁଡ଼ିକରେ ନିୟମିତ ଭାବେ ଇନ୍ଧନ ମହଜୁଦ ପୁନଃପୂରଣକୁ ସୁନିଶ୍ଚିତ କରୁଛି। ଫଳସ୍ୱରୂପ ଇନ୍ଧନର ଚାହିଦାକୁ ଦକ୍ଷତାର ସହ ପୂରଣ କରାଯାଉଛି ଏବଂ ଯୋଗାଣ ବ୍ୟବସ୍ଥାରେ କୌଣସି ବାଧା ସୃଷ୍ଟି ହେଉ ନାହିଁ।

ଓଡ଼ିଶାରେ ଅର୍ଥନୈତିକ କାର୍ଯ୍ୟକଳାପ, ପରିବହନ ଚଳାଚଳ, ଶିଳ୍ପ କାର୍ଯ୍ୟାନୁଷ୍ଠାନ ଏବଂ କୃଷି କାର୍ଯ୍ୟ ନିରନ୍ତର ଜାରି ରହିଥିବାବେଳେ ବିପିସିଏଲ୍‌ର ବ୍ୟାପକ ଖୁଚୁରା ବିକ୍ରୟ ନେଟୱର୍କ ମାଧ୍ୟମରେ ଇନ୍ଧନର ନିରନ୍ତର ଓ ସ୍ଥିର ଯୋଗାଣ ବଜାୟ ରଖିଛି। ଏହା ରାଜ୍ୟର ବର୍ଦ୍ଧିତ ଶକ୍ତି ଆବଶ୍ୟକତା ପୂରଣରେ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରୁଛି।

ଗତବର୍ଷର ସମାନ ଅବଧି ତୁଳନାରେ ପେଟ୍ରୋଲ୍ ବିକ୍ରି ପ୍ରାୟ ୨.୮% ବୃଦ୍ଧି ପଞ୍ଜିକୃତ କରିଛି। ସେହିପରି ଡିଜେଲ୍ (ଏଚ୍ଏସ୍‌ଡି) ବିକ୍ରି ଆହୁରି ଦୃଢ଼ ଅଭିବୃଦ୍ଧି ଦେଖାଇଛି। ମେ ୨୦୨୫ରେ ୬୪,୧୦୦ମେଟ୍ରିକ ଟନ୍‌ରୁ ଅଧିକ ଥିବା ବିକ୍ରି ବୃଦ୍ଧି ପାଇ ମେ ୨୦୨୬ରେ ୭୦,୩୦୦ ମେଟ୍ରିକ ଟନ୍‌ରୁ ଅଧିକରେ ପହଞ୍ଚିଛି ଯାହା ପ୍ରାୟ ୯.୭% ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି। ଇନ୍ଧନ ବ୍ୟବହାରରେ ହୋଇଥିବା ଏହି ଅଭିବୃଦ୍ଧି ରାଜ୍ୟରେ ନିରନ୍ତର ଅର୍ଥନୈତିକ କାର୍ଯ୍ୟକଳାପ, ଲୋକମାନଙ୍କ ଓ ଯାନବାହନର ବୃଦ୍ଧିପ୍ରାପ୍ତ ଗତିଶୀଳତା, ପରିବହନ ଚାହିଦାର ବୃଦ୍ଧି ଓ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ଜାରି ରହିଥିବା ଗତିକୁ ସ୍ପଷ୍ଟ ଭାବେ ପ୍ରତିଫଳିତ କରୁଛି।

ଏହି ପ୍ରଦର୍ଶନ ସମ୍ପର୍କରେ ମତପ୍ରକାଶ କରି ବିପିସିଏଲ କହିଛି ସାରା ଓଡ଼ିଶାରେ ନିର୍ଭରଯୋଗ୍ୟ ଏବଂ ନିରବିଚ୍ଛିନ୍ନ ଇନ୍ଧନ ଯୋଗାଣ ସୁନିଶ୍ଚିତ କରିବ।

# ୩୦.୬୪% ଏସଆଇଆର ପରିଗଣନା ଫର୍ମ ବଣ୍ଟନ

**ଭୁବନେଶ୍ୱର,୯।୬ (ମହାଭାରତ):** ରାଜ୍ୟରେ ମତଦାତା ସୂଚୀକୁ ଅଧିକ ସ୍ୱଚ୍ଛ, ସଂଶୋଧିତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ' (ଏସଆଇଆର) ସଫଳତାର ସହ ଷଷ୍ଠ ଦିନରେ ପହଂଚିଛି। ଗତ ପାଂଚ ଦିନର ବ୍ୟାପକ ସଫଳତା ପରେ ଆଜି ମଧ୍ୟ ରାଜ୍ୟର କୋଣ-ଅନୁକୋଣରେ ଭୋଟରମାନଙ୍କ ମଧ୍ୟରେ ଏହି ଅଭିଯାନକୁ ନେଇ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି। ରାଜ୍ୟର ସମୁଦାୟ ୧କୋଟି ୨ଲକ୍ଷ ଲକ୍ଷ ୩୨ ହଜାର ୨୭୯ ଜଣ ଅର୍ଥାତ ମୋଟ ଭୋଟର ର ୩୦.୬୪ ପ୍ରତିଶତ ଭୋଟରଙ୍କୁ ସଫଳତାର ସହ ପରିଗଣନା ଫର୍ମ ବଣ୍ଟନ କରାଯାଇ ସାରିଛି। ଏହି ସ୍ୱତନ୍ତ୍ର ଅଭିଯାନକୁ ଶତପ୍ରତିଶତ ସଫଳ କରିବା ପାଇଁ ସାରା ରାଜ୍ୟରେ ୪୫,୨୫୫ ଜଣ ବୁଥସ୍ତରୀୟ ଅଧିକାରୀ (ବିଏଲ୍ଓ) ନିୟୋଜିତ ହୋଇଛନ୍ତି । ବିଏଲ୍ଓମାନେ ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ତଥା ଦୁର୍ଗମ ଅଂଚଳ ସମେତ ସହର ଓ ଗ୍ରାମାଂଚଳର ପ୍ରତିଟି ଘରକୁ ଯାଇ ପରିଗଣନା ଫର୍ମ ବଣ୍ଟନ ସହ ତଥ୍ୟ ସଂଗ୍ରହ କାର୍ଯ୍ୟ ଜାରି ରଖିଛନ୍ତି।

ଘରକୁ ଘର ପରିଗଣନା ସମୟରେ ପ୍ରତ୍ୟେକ ଭୋଟରଙ୍କୁ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-୩) ଯୋଗାଇ ଦିଆଯାଉଛି। ଭୋଟରମାନେ ଫର୍ମ



ପୂରଣ କରିବା ପରେ ବିଏଲ୍ଓ ଗୋଟିଏ ନକଲ ନିଜ ପାଖରେ ରଖୁଛନ୍ତି ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରୁଛନ୍ତି। ଏହି ସ୍ୱୀକୃତି ପତ୍ରକୁ ଭୋଟରମାନେ ଭବିଷ୍ୟତ ପାଇଁ ସାଇତି ରଖିବାକୁ କୁହାଯାଇଛି । ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ କୁ ଅଧିକ ସଫଳ ଏବଂ ସୁଦୂରପ୍ରସାରୀ କରିବା ପାଇଁ ରାଜ୍ୟର ସମସ୍ତ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସକ୍ରିୟ ହୋଇଉଠିଛି। ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଂଚିବା ପାଇଁ ଏକ ବ୍ୟାପକ ଜନ-ସଚେତନତା ଅଭିଯାନ ଆରମ୍ଭ କରାଯାଉଛି। ନାଗରିକମାନଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ଜିଲ୍ଲାରେ ସଚେତନତା ରଥ ଗାଁ କୁ ଗାଁ ବୁଲି ସଚେତନ କରିବା ସହିତ ସହରଗୁଡ଼ିକରେ ମାଇକ୍ ପ୍ରଚାର, ହୋର୍ଡିଂ, ଏଲ୍.ଇ.ଡି ସ୍କ୍ରିନ୍ ଏବଂ ସୋସିଆଲ୍ ମିଡିଆ ମାଧ୍ୟମରେ ଯୁବପିଢ଼ିଙ୍କୁ ସାମିଲ କରାଯାଉଛି। ଗ୍ରାମାଂଚଳରେ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ପାରମ୍ପରିକ ଲୋକକଳା, ପାଲା, ଦାସକାଠିଆ, ଏବଂ ଢେଙ୍କୁରାପିଟା ମାଧ୍ୟମରେ ସୂଚନା ପ୍ରଦାନ କରାଯାଉଛି।

ବକ୍ତୃତା, ଚିତ୍ରାଙ୍କନ ଓ ରଙ୍ଗୋଲୀ ପ୍ରତିଯୋଗିତା ଆୟୋଜନ କରାଯାଇ ନୂତନ ଏବଂ ଯୁବ ଭୋଟରମାନଙ୍କୁ ପଞ୍ଜୀକରଣ ପାଇଁ ଉତ୍ସାହିତ କରାଯାଉଛି।

# ଇଣ୍ଡିମେଣ୍ଟରେ ଟିଭିକେ

ଅଭିନେତାରୁ ନେତା ସାଜିଥିବା ଥାଲାପତି ବିଜୟଙ୍କ ଦଳ ଟିଭିକେ ପ୍ରଥମ ଥର ଲାଗି ନିର୍ବାଚନ ଲଢ଼ି ସଫଳତା ହାସଲ କରିଛି। ବିଧାନସାରେ ଏହା ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇ ସରକାର ଗଠନ କରିଛି। ଯଦିଓ ଟିଭିକେ ମ୍ୟାଜିକ ନମ୍ବରଠାରୁ ସାମାନ୍ୟ ପଛରେ ପଡ଼ିଗଲା, କିନ୍ତୁ ଏହା କଂଗ୍ରେସ, ବାମପନ୍ଥୀ ଏବଂ ଅନ୍ୟ କେତେକ ଛୋଟ ଦଳର ସମର୍ଥନରେ ସରକାର ଗଠନ କରିଛି। ସହଯୋଗୀ ଦଳ ମଧ୍ୟରେ ସବୁଠାରୁ ବଡ଼ ଦଳ ହେଲା କଂଗ୍ରେସ। ରାଜ୍ୟ ବିଧାନସଭାକୁ ଏହାର ୫ଜଣ ସଭ୍ୟ ନିର୍ବାଚିତ ହୋଇଛନ୍ତି। ଡିଏମକେ ସହ ମେଣ୍ଟ କରି ଏହା ୫ଟି ଆସନ ଜିତିଛି। ନଚେତ ଏହା ତାମିଲନାଡୁ ବିଧାନସଭାରେ ଖାତା ଖୋଲିପାରିନଥାନ୍ତା। କିନ୍ତୁ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏହା ରଙ୍ଗ ବଦଳାଇଲା ଏବଂ ତତ୍କାଳ ସରକାର ଗଠନ ଲାଗି ଥାଲାବତି ବିଜୟଙ୍କ ଟିଭିକେକୁ ସମର୍ଥନ ଘୋଷଣା କଲା। ରାଜ୍ୟ ସରକାରରେ ମଧ୍ୟ ଏହା ସାମିଲ ହୋଇଛି। କଂଗ୍ରେସର ଦୁଇଜଣ ମନ୍ତ୍ରୀ ପଦ ପାଇଛନ୍ତି। ଦୀର୍ଘ ୫୯ ବର୍ଷ ପରେ କଂଗ୍ରେସ ତାମିଲନାଡୁରେ କ୍ଷମତାର ଅଂଶୀଦାର ହୋଇଛି। ଅନ୍ୟ ପକ୍ଷରେ କଂଗ୍ରେସର ଏପରି ଆଚରଣକୁ ସମାଲୋଚନା କରି ଡିଏମକେ ଜାତୀୟ ରାଜନୀତିରେ ମୁଖ୍ୟ ବିରୋଧୀ ଇଣ୍ଡିମେଣ୍ଟରୁ ଓହରିଯାଇଛି। ଡିଏମକେ ଇଣ୍ଡିମେଣ୍ଟର ଚତୁର୍ଥ ବୃହତ୍ତମ ଅଂଶୀଦାର ଦଳ ଥିଲା। ସଂସଦରେ ଡିଏମକେ ସଦସ୍ୟଙ୍କ ନିମନ୍ତେ ସ୍ୱତନ୍ତ୍ର ଆସନ ବ୍ୟବସ୍ଥା କରିବାକୁ ଡିଏମକେ ଲୋକସଭା ବାଚସ୍ପତିଙ୍କ ନିକଟକୁ ପତ୍ର ଲେଖିଛି। ଯାହା ଜଣାପଡୁଛି ଆଗାମୀ ଦିନରେ ଡିଏମକେ ପରିବର୍ତ୍ତେ ଟିଭିକେ ଇଣ୍ଡିମେଣ୍ଟରେ ସାମିଲ ହେବ। ତାମିଲନାଡୁ ରାଜନୀତିରେ ଆଉ ଏକ ବଡ଼ ଘଟଣା ଘଟିବାକୁ ଯାଉଛି। ବିଜେପିର ପୂର୍ବତନ ରାଜ୍ୟସଭାପତି କେ ଆନ୍ନାମଲାଇ ଦଳରୁ ଇସ୍ତଫା ଦେଇ ନିଜସ୍ୱ ଦଳ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ତାମିଲ ରାଜନୀତିର ଆଉ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି। ଏହା ଫଳରେ ତାମିଲନାଡୁରେ ବିଜେପିର କ୍ଷତି ହେବ। ସେହିପରି ଦକ୍ଷିଣ ଭାରତର ଦ୍ୱିତୀୟ ବଡ଼ ଏବଂ ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦରୁ ସିଦ୍ଦରମୈୟା ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ଡି କେ ଶିବକୁମାର ନୂଆ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ସିଦ୍ଦରମୈୟାଙ୍କ ସରକାରରେ ଶିବକୁମାର ଉପମୁଖ୍ୟମନ୍ତ୍ରୀ ଥିଲେ। କିନ୍ତୁ ଗତ ନିର୍ବାଚନରେ ତାଙ୍କ ନେତୃତ୍ୱରେ କଂଗ୍ରେସ ଲଢ଼ିଥିଲା ଏବଂ ବିଜୟ ହାସଲ କରିଥିଲା। ତେଣୁ ସ୍ୱାଭାବିକ ଭାବେ ଶିବକୁମାର ମୂଳରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ଥିଲେ। କିନ୍ତୁ ବରିଷ୍ଠତା ଦୃଷ୍ଟିରୁ କଂଗ୍ରେସ ହାଇକମାଣ୍ଡ ସିଦ୍ଦରମୈୟାଙ୍କୁ ପ୍ରଥମେ ସୁଯୋଗ ଦେଲେ। ଏବେ ଶିବକୁମାରଙ୍କ ପାଳି ପଡ଼ିଲା। ଏଥିପାଇଁ ତାଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଲା। ଶେଷରେ ରାହୁଲ ଓ ଖାର୍ଗେ ବୁଝିଲେ ଯେ, ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ବ୍ୟତିତ ଦଳ ପାଖରେ ଆଉ ଚାରା ନାହିଁ। କାରଣ ଦଳର ସଙ୍ଗଠନ ଏବଂ ଅଧିକାଂଶ ବିଧାୟକ ତାଙ୍କ ପଛରେ ରହିଛି। କଂଗ୍ରେସର ସଙ୍କଟ ବେଳେ ସେ ସବୁ ବେଳେ ଅଣ୍ଟାଭିଡ଼ି ଠିଆ ହୋଇଛନ୍ତି। ତେଣୁ ତାଙ୍କୁ ଏବେ ସୁଯୋଗ ଦେବା କଥା। କେରଳ ବିଧାନସଭା ନିର୍ବାଚନରେ ସିପିଏମ ନେତୃତ୍ୱାଧିନ ବାମପନ୍ଥୀ ସାମ୍ମୁଖ୍ୟ ପରାଜିତ ହେବା ପରେ କଂଗ୍ରେସ ନେତୃତ୍ୱାଧିନ ମିଳିତ ଗଣତାନ୍ତ୍ରିକ ସାମ୍ମୁଖ୍ୟ ବା ୟୁଡିଏଫ ସରକାର ଗଠନ କରିଛି। ଦକ୍ଷିଣ ଭାରତର ତିନି ପ୍ରମୁଖ ରାଜ୍ୟରେ ଏପରି ଦ୍ରୁତ ପରିବର୍ତ୍ତନ ଆଗାମୀ ଦିନରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିବାର ବିଶେଷ ସମ୍ଭାବନା ଦେଖାଯାଉନି। କିନ୍ତୁ ଗୋଟିଏ କଥା ନିଶ୍ଚିତ ଯେ, ବିରୋଧୀ ଇଣ୍ଡିମେଣ୍ଟରେ ପରିବର୍ତ୍ତନ ହେବ। ପଶ୍ଚିମବଙ୍ଗରେ ପରାଜିତ ହୋଇଥିବା ମମତା ବାନାର୍ଜୀ ଏବେ ଚାପରେ ପଡ଼ି ଇଣ୍ଡିମେଣ୍ଟର ପୁନର୍ଗଠନ ଲାଗି ପ୍ରସ୍ତାବ ଦେଇଛନ୍ତି।

# ପାକ୍ ଓ ଜମାତର ଭାରତ ବିରୋଧୀ ପ୍ରଚ୍ଛର

॥ ସୌମେନ୍ଦ୍ର ଜେନା ॥

*“ ପ୍ରାଥମିକ ସ୍ତରରେ ଉଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି ।*

ମଣିଷ ପ୍ରାକୃତିକ ଭାବେ ବଂଚିବା ଲକ୍ଷରେ କେବଳ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ବ୍ୟତୀତ କେତେବେଳେ କିଛି ଆନନ୍ଦ ଉପଭୋଗ କରିବା ପାଇଁ ଅତ୍ୟଧିକ ଖର୍ଚ୍ଚ କରିବାକୁ ପଡିଥାଏ । ଖାଦ୍ୟ ବସ୍ତ୍ର ଏବଂ ବାସଗୃହର ସଜ୍ଞା ଦୁଇଟି ପରିବାର ପାଇଁ ସମାନ ହୋଇଥବା ବେଳେ ଆନନ୍ଦ ଉପଭୋଗର ସଂଜ୍ଞାରେ ବ୍ୟାପକ ଅନ୍ତର ପରିଲକ୍ଷିତ ହୋଇଥାଏ ଦୁଇଟି ପରିବାର ମଧରେ । ଆଉ କେବଳ ଏହି ଆନନ୍ଦ ପାଇଁ ସାଧାରଣ ନିର୍ବୋଧ ଅହେତୁକ ଭାବେ ଲୁଣ୍ଠନର ଶିକାର ହୋଇ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ବ୍ୟପାରୀ ସେମାନଙ୍କ ଠାରୁ ହାତେଇବାରେ ସମର୍ଥ ହୋଇଥା'ନ୍ତି । କେଉଁ କେଉଁ ମାର୍ଗରେ ବ୍ୟପାରୀ ସମାଜରୁ ଅର୍ଥ ଆଦାୟ ପୂର୍ବକ ସାଧାରଣ ନିର୍ବୋଧଙ୍କୁ ଦୁଃଖରେ ବଂଚିବାକୁ ସୁଯୋଗ ସୃଷ୍ଟି କରନ୍ତି ତର୍ଜମା କରିବା...

ପ୍ରାଥମିକ ସ୍ତରରେ ଉଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି । ବ୍ୟକ୍ତିଗତ ଗମନାଗମନ ବ୍ୟବସ୍ଥା ପାଇଁ ଅକାରଣରେ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ସେମାନଙ୍କ ଦେଖାଣିଆ ଭାବକୁ କିଂଚିତ ଆତ୍ମତୃପ୍ତି ପ୍ରଦାନ କରୁଥିବା ବେଳେ ସେମିତି କୌଣସି ସାମାଜିକ ମାନ୍ୟତା ନଥାଇ ମଧ ବ୍ୟାପକ ଅର୍ଥ ବ୍ୟୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଅତ୍ୟନ୍ତ ସରଳ ସୂତ୍ରରେ ନିର୍ବାହ କରିଥା'ନ୍ତି ଖୁବ୍ କମ୍ ଖର୍ଚ୍ଚ ମାଧମରେ । ବାହାରେ ଖାଦ୍ୟ ଖାଇବା ତଥା ଦେଖାଣିଆ ଭାବେ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ଚିନ୍ତନ କାରଣରୁ ଅଜସ୍ର ଅର୍ଥ କ୍ଷୟ କରିବା ସହିତ ବ୍ୟାପକ ଅସାଧ ରୋଗ କ୍ରୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଆଦୌ କରନ୍ତି ନାହିଁ । ନିସାଗ୍ରସ୍ତ ହୋଇ ଜୀବନର ଆର୍ଥିକ ରୋଜଗାରର ଏକ ତୃତୀୟାଂଶ କିମ୍ବା ତାହାଠାରୁ ଅଧିକ ଖର୍ଚ୍ଚ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ଏକ ଆଲୋଚ୍ୟ ବିଷୟ ହୋଇ ରହିଯାଇଥାଏ କେବଳ । ଏହିଭଳି ଅନେକ କୃତିମ ଅମାନୁଷିକ ଆଚରଣ ଜନିତ ବ୍ୟାପକ ରୋଗ ଅର୍ଜିବା ଏବଂ ତାହାର ପ୍ରତିକାର ପାଇଁ ଘରୋଇ ଚିକିତ୍ସାଳୟରେ ଆଶାତୀତ ଖର୍ଚ୍ଚାନ୍ତର ଶିକାର ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହା ପ୍ରଥମ ପରିବାର କରନ୍ତି ନାହିଁ, କାରଣ ସେମାନଙ୍କୁ ଏହିଭଳି କୌଣସି ବୃହତ୍ତକାୟ ରୋଗ ଶିକାର କରିପାରେ ନାହିଁ । ଏମିତି ଆହୁରି ଅନେକ ଅନୈତିକ କାର୍ଯ୍ୟରେ ନିଜର ରୋଜଗାର ଅର୍ଥକୁ ଅକାରଣରେ ନିୟୋଜିତ କରି ଅଭାବର ଶିକାର ହୋଇ ଅସାମାଜିକ କାର୍ଯ୍ୟ କରି ବ୍ୟାପକ ଅର୍ଥ ହାତେଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହାଙ୍କ ସେହି ରୋଜଗାରକୁ ବିଭିନ୍ନ ମହଲରେ ବ୍ୟପାରୀ ସ୍ତର ସ୍ତର କରି ପରୋକ୍ଷରେ ଲୁଣ୍ଠନ କରିଥା'ନ୍ତି ଏବଂ ସେମାନେ ସବୁବେଳେ କେବଳ ଦୁଃଖରେ ହିଁ କାଳାତିପାତ କରିଥା'ନ୍ତି କେତେ ରୋଜଗାର କଲେ ମଧ । କି'ନ୍ତୁ ପ୍ରଥମ ପରିବାରଟି ଏହିସବୁ ମାୟାରୁ ନିବୃତ୍ତ ରହି ନିଜକୁ ଏକ ସନ୍ତୁଳିତ ଅବସ୍ଥାରେ ରଖି ସୁଖରେ କାଳାତିପାତ କରିବାରେ ସମର୍ଥ ହୋଇଥା'ନ୍ତି ।

ବିଭିନ୍ନ ଅନ୍ୟାନ୍ୟ ମାଧମ ଗୁଡିକ ମଧରେ ନିଜକୁ ଅତିମାନବର ପରିଚୟ ପ୍ରଦାନ କରିବା ଲକ୍ଷ ରଖି ସାମାଜିକ ସ୍ତରରେ କେତେଯେ ଅନାବଶ୍ୟକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ତାହାର ପରିକଳ୍ପନା କରିବା କଷ୍ଟ । ଉଦାହରଣ ସ୍ୱରୂପ ନିଜର ବଡ଼ିମା ଦେଖାଇବା ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଗୁଡିଏ ବ୍ୟବହାର କରିଥା'ନ୍ତି ଯାହା କେତେବେଳେ ଖାଦ୍ୟ ପଦାର୍ଥ ତ ଆଉ କେତେବେଳେ ଶାରୀରିକ ବାହ୍ୟ ପ୍ରୟୋଗ ହୋଇଥାଏ ଯାହା ସବୁ ଅସମ୍ଭବ ଦରରେ ବିକ୍ରି ହୋଇଥାଏ ବଜାରରେ ବ୍ୟପାରୀଙ୍କ ଦ୍ୱାରା ଯାହା ବ୍ୟବହାର କରି କେବଳ ଖର୍ଚ୍ଚାନ୍ତ ହେବାକୁ ପଡ଼ିନଥାଏ ବରଂ ଅସଂଖ୍ୟ ରୋଗ ସୃଷ୍ଟି କରିଥାଏ ସେହିସବୁ ରାସାୟନିକ ଦ୍ରବ୍ୟ ଗୁଡିକ ଯାହା ନିର୍ବୋଧ ଶିକ୍ଷିତ ଆଦୌ ଜାଣିପାରନ୍ତି ନାହିଁ । ପ୍ରଥମ ପରିବାର କି'ନ୍ତୁ ସେଗୁଡିକୁ ଆଦୌ ଦେଖନ୍ତି ନାହିଁ କିମ୍ବା ତାହା ବିଷୟରେ କୌଣସି ଅନୁଶୋଚନା ରହିନଥାଏ ସେମାନଙ୍କର ଯାହା ସେମାନଙ୍କୁ ସୁଖରେ ବଂଚିବା ପାଇଁ ସୁଯୋଗ ଦେଇଥାଏ । ଦୁରବାର୍ତ୍ତା, ଦୂରଦର୍ଶନ, ନାଚ, ଗୀତ, କ୍ରୀଡା ଭଳି ମନୋରଂଜନକାରୀ ବ୍ୟବହାର ଯେତିକି ମାତ୍ରାରେ ଆର୍ଥିକ ଶୋଷଣ କରିଥାଏ ସମାଜରୁ ଅକଳନିୟ ! ଏଗୁଡିକ ଜଣେ ମଣିଷ ଜୀବନ ବଂଚିବା ଶୈଳୀରେ କୌଣସି ଅତ୍ୟାଶ୍ୟକତା ରଖିନଥିବା ବେଳେ କେବଳ ସାମାଜିକ ପ୍ରହେଳିକା କାରଣରୁ ନିଜକୁ ସର୍ବାଗ୍ରେ ରଖିବା ଲକ୍ଷ ରଖି ଯେତିକି ଅର୍ଥ ନଷ୍ଟ କରିଥା'ନ୍ତି ସାଧାରଣ ନିର୍ବୋଧ ତାହାର ହିସାବ ଦେଲେ ହୁଏତ ମଣିଷ ବେହୋସ ହୋଇଯିବ ଯାହା ସବୁ ବ୍ୟପାରୀ ବିଭିନ୍ନ ମାଧମରେ ଲୁଟି ନେଇଥା'ନ୍ତି ଲୋକଙ୍କ ଠାରୁ । ବସ୍ତ୍ର, ବାସଗୃହ, ଉପକରଣ ତଥା ଖାଦ୍ୟ ପଦାର୍ଥ ଗୁଡିକର ଅତ୍ୟାଧୁନିକରଣ ଜନିତ ଅନାବଶ୍ୟକ ପଦାର୍ଥ ଗୁଡିକୁ ଅହେତୁକ ଭାବେ ଜୀବନ ଶୈଳୀରେ ଯୋଡ଼ିଦେଇ ବ୍ୟାପକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ଯାହାସବୁ କେବଳ ବିଭିନ୍ନ ପ୍ରଚାର ପ୍ରସାର ଜନିତ ଅଜ୍ଞତା ଜଡିତ ବ୍ୟବହାର କରିଥା'ନ୍ତି ନିର୍ବୋଧ ଏବଂ ପରୋକ୍ଷରେ ଆର୍ଥିକ ଭାରାକ୍ରାନ୍ତ ହୋଇ ଦୁଖଦଃ ପରିସ୍ଥିତି ସୃଷ୍ଟି କରିଥା'ନ୍ତି ନିଜକୁ ନିଜେ । ଏହିଭଳି ବ୍ୟାପକ କାରଣ ଜନିତ ଖର୍ଚ୍ଚାନ୍ତ ହୋଇଥା'ନ୍ତି ସାଧାରଣ ନିର୍ବୋଧ ଶିକ୍ଷିତ କିମ୍ବା ଅନ୍ୟାନ୍ୟ ଧନୀକ ଗୋଷ୍ଠୀର ମଣିଷ ଯାହା ସବୁ କୌଣସି ପ୍ରକାରେ ଜଣେ ପ୍ରାକୃତିକ ମଣିଷର ଅତ୍ୟାବଶ୍ୟକ ହୋଇନଥାଇ କେବଳ ସାମାଜିକ ପ୍ରହେଳିକା କାରଣରୁ । ସେସବୁ ହେତୁ ଅହେତୁକ ଭାବେ ନିଜକୁ ପଥଭ୍ରଷ୍ଟ କରି ବ୍ୟପାରୀଙ୍କ ଲୁଣ୍ଠନର ଶିକାର ହୋଇ ନିଜର ଆର୍ଥିକ ରୋଜଗାରକୁ ନଷ୍ଟ କରି ସମାଜରେ ଅନୈତିକ ଉପାୟରେ ଅର୍ଥ ଆଦାୟ କରି ନିଜକୁ ଦୁଃଖୀ କରି ବଞ୍ଚିଥା'ନ୍ତି ଜୀବନ ସାରା ଯାହା ପ୍ରଥମ ପରିବାର ନକରି ଆନନ୍ଦରେ ରହିଥା'ନ୍ତି । ଏମିତିକି କୌଣସି ନିଦର୍ଶନ ବିହନ କେବଳ କୁହେଳିକା ଜନିତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଷୟ ଗୁଡିକ ମାଧମରେ ସାଧାରଣ ମଣିଷ ସମୂହ ଯାହା ସବୁ ସାମାଜିକ ଖର୍ଚ୍ଚ କରିଥା'ନ୍ତି ସେଗୁଡିକୁ ବର୍ଜନ କରି ମଧ ଜଣେ ମଣିଷ ନିଜକୁ ସୁଖ ଶାନ୍ତିରେ ବଂଚିବା ସହିତ ଆନନ୍ଦରେ ଶେଷ ନିଶ୍ୱାସ ତ୍ୟାଗ କରିପାରିବ ଜୀବନ ଶେଷରେ ଯାହାର ସଜ୍ଞା ବୁଝାପଡୁନାହିଁ କାହାକୁ ଆଜିର ବ୍ୟପାରୀଙ୍କ ପ୍ରଚାର ଜନିତ କରାଳତା କାରଣରୁ । ନିଜର ପରିଚୟ ନପାଇ କେବଳ ଅନ୍ୟର ପ୍ରରୋଚନାରେ ନିଜକୁ ସର୍ବାଗ୍ରେ ସ୍ଥାପନ କରିବା ଲକ୍ଷ ରଖି ଯାହାସବୁ କରୁଛନ୍ତି ସାଧାରଣ ନିର୍ବୋଧ ସେଗୁଡିକର କୌଣସି ପ୍ରାକୃତିକ ସଜ୍ଞା ନାହିଁ ।

ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ଗ୍ରିଙ୍ଗେଲର ସୁର ଦୂରକୁ ଦୂରକୁ

॥ ଡ଼କ୍ଟର ଚନ୍ଦନ କୁମାର ସିଂହ ॥

ଖରାରେ ସମସ୍ତେ ଝୋଲାମରା। କେବଳ ଜଣେ ତା'ନିଜ ତୁଣ୍ଡରେ ରାଗିଣୀ ଧରିଛି-ଗ୍ରିଙ୍ଗେଲ-ଝିଙ୍କାରି-ଝୋଲାମରା ମହୁଲଗଛ ଗଣ୍ଡିରୁ, ଝଙ୍କା ଆମ୍ବଗଛ ସନ୍ଧିରୁ। ଯେଉଁଠି ମନମୁତାବକ ମିଳିଲା ଜାଗା ତାଙ୍କୁ, ସେଠାରେ ବସି ରାଗିଣୀ ତୋଳିଲେ ଗ୍ରିଙ୍ଗେଲ । ନିର୍ଜନ ପଣିଆର ବାସ୍ତବତାକୁ ସେ ଆଙ୍କି ଦେଉଛି, ଦୂରକୁ ନିକଟ କରି, ନିକଟକୁ ଦୂର କରି। ଉଛୁଳା ଜହ୍ନ କିରଣପରି, ଅସରା ଖରା ପରି ଝିଙ୍କାରିର ରାଗ ଶୁଖିଲା ମାଟି, ଗଛପତର, ବଣବୁଦା, ପଥରକୁ ଭିଜାଇ ଦେଉଛି । ଛପି ଛପିକା ଛାଇ ଖରାର ଆକଟ ମାନିନାହିଁ। ତା'ରି ଭିତର ଦେଇ କାଳିଆ ପିଚୁରାସ୍ତା ପଡ଼ିଛି ଏମୁଣ୍ଡରୁ ସେମୁଣ୍ଡ। ସନ୍ନ୍ୟାସୀଗୁଡ଼ାରୁ ଡାକୁଲଗୁଡ଼ାଛକ। ନିଜ ତୁଣ୍ଡରେ ରାଗିଣୀ ଧରିଛି-ଗ୍ରିଙ୍ଗେଲ-ଝିଙ୍କାରି-ଝୋଲାମରା ଆମ୍ବଗଛ ଭିତରୁ। ହେଁ ନାଲଗିରିଗଛ ମଥା ଉପରୁ। ରାସ୍ତାର ଦି'କଡ଼ ଶୁଖିଲା, ଆଉ ଶୁଖିଲା। ଯେଉଁ ଆଡ଼କୁ ଆଖି ପାଉଛି ଶୁଖିଲା ପାଉଡିରେ ଲିଭିଯାଉଥିବା ଅକ୍ଷରପରି। ତାତି ନିଗାଡ଼ି ପଡୁଛି ଭେଦଭାବ ନରଖି ସଭିଙ୍କ ଉପରେ। ଡଙ୍ଗରର ମଥା ଉପରେ ବି ତାତି, ଦେହକୁ ଆଉଜି ପଡୁଥିବା ପବନରେ ବି ତାତି। ଭୂଇଁ ଆଉ ତାତିକୁ ସମ୍ଭାଳି ନପାରି ସିଏ ବି ପାଲଟିଛି ତାତି। ଏ ତାତିର ଚଉହଦୀ ଭିତରେ କେଉଁଠି କେଜାଣି କେତେବେଳେ ଝଲକାଏ ସବୁଜିମା। ......ସୁତୁକାଏ ତିଅଣ ପରି। ଏ'ଖରାର ତାତି ନିଛାଟିଆ। ତା'ର ସର୍ବାଙ୍ଗ ନିଛାଟିଆ। ଏ ତାତିରେ ସରଗିଗଛର ଭରା ସବୁଜିମା ବି ନିଛାଟିଆ। ଆକାଶରୁ ନଇଁ ପଡୁଛି ତାତି। ଆଖି ପାଉନାହିଁ ଏ ତାତିକୁ। ନିଜ ତୁଣ୍ଡରେ ରାଗିଣୀ ଧରିଛି ଗ୍ରିଙ୍ଗେଲ୍-ଝିଙ୍କାରି-ଝୋଲାମରା ଡଙ୍ଗର ଭିତରୁ।

ଆଗରେ ଥୁଆପାଡ଼ି ନଈ। ତାତିର ଏ ଅଝଟ ଭିତରେ ଶୁଖିନାହିଁ ତା'ଦିହ। ଥୁଆପାଡ଼ି ନଈ ଚଟ୍‌କରି ଡେଇଁ ପଡ଼ିଲେ ଆଗକୁ ଥୁଆପାଡ଼ିଛକ। ଛକ କଡ଼ରେ ଋର ଗଛ। ଋର ପାଚିଲାଣି ସଅଳ ବରଷା ପାଣିରେ। ପାଖକୁ ପାଖକୁ ଛୋଟବଡ଼ ଭୂଇଁ ଖଜୁରୀ। ଭୂଇଁ ଖଜୁରୀ ପାଚିଲେ ଜାମୁକୋଳି ପରି କଳା ମଚ ମଚ ଦିଶେ। ପାଟିରେ ଲାଗି ମିଳାଇଯାଏ ସିନା ସୁଆଦ ଲାଗି ରହିଥାଏ। ପେନ୍ଥା ପେନ୍ଥା କୁରେଇ ଫୁଲର ବାସ ପରି। ନିଗିଡ଼ା ତାତି ଭିତରେ ମହକି ଉଠୁଛି କୁରେଇଫୁଲର ବାସ। ଝୋକା ଝୋକା କୁରେଇ ଫୁଲ। ଥମୁନାହିଁ ତା'ଉଜ୍ଜଳପଣ। ଥମୁ ନାହିଁ ତା'ନମ୍ର ନିବେଦନ। ନିଜ ତୁଣ୍ଡରେ ରାଗିଣୀ ଧରିଛି ଗ୍ରିଙ୍ଗେଲ୍ । ଝିଙ୍କାରି ଝୋଲାମରା କୁସୁମଗଛ ଦିହରୁ।

ଆଗପଛ ହୋଇ କେତେ କେତେ ଗାଆଁ । ଭେଜିପଦର ଘାଗୁଡ଼ିପଦର ବଡ଼ଲିମା, ପାଇକ ଡାକୁଲଗୁଡ଼ା, କନ୍ଧ ଡାକୁଲଗୁଡ଼ା, ବଣ୍ଡାଗୁଡ଼ା, ରାମନାକୁପ୍‌ଲି, କୁଟ୍ରାଗଡ଼, ଗଜାକୁପ୍‌ଲି, ଖଜୁରୀପଦର, ଏଇମିତି କେତେ କଅଣ। ଗୁଡ଼ାକୁ ଗୁଡ଼ା ଇସ୍କୁଲ। ପଦରକୁ ପଦର ଇସ୍କୁଲ। ଆଦିବାସୀ ଜନ-ଜୀବନର ଘେର ଭିତରେ ଇସ୍କୁଲ। ତାତି ନେଉଟିଯାଏ ଧୀରେ ଧୀରେ ଡଙ୍ଗର ଭିତରେ, ଆକାଶଭିତରକୁ ତାତି ଫେରିଯାଏ। ଅପେକ୍ଷା କରେ ସୂର୍ଯ୍ୟ ଚହଟିବା ପରେ ପୁଣି ତା'ରାଇଜର ପସରା ମେଲିଦେବ। ସୂର୍ଯ୍ୟ ନଉଁ ନଉଁ ଚୁଲିରୁ ଧୂଆଁ ଉଠେ ଘରର ମଥାନ ଭେଦି ଭେଦି। ସଂଜ ଗଡୁ ଗଡୁ ସଭିଏଁ ଖାଇ ନିଅନ୍ତି ରାତିର ଖାଇବାତକ। ପହରକିଆ କଲିଆ ଭୁକିବା ଆଗରୁ ଗୋଟେ ପହର ନିଦ ଭୋଗ ହୋଇଯାଏ ପରିବାରଟା ସାରା। ସକାଳ ଫିଟିବା ଆଗରୁ ନିଦ ଫିଟିଯାଏ ସମସ୍ତଙ୍କର। ପିଲାଏ ତରତର ହୁଅନ୍ତି ପାଖ ନାଳକୁ ଯିବାଲାଗି। ନାଳରୁ ଫେରି ସ୍କୁଲଯିବାକୁ ତରସହେ ନାହିଁ। ପିଲାଙ୍କ ହୋ'ହୋ'ରେ ପୂରି ଉଠେ ସ୍କୁଲର ଅଙ୍ଗନ।

ଥୁଆପାଡ଼ି ଛକରୁ ବାଁହାତୀ ରାସ୍ତା ପଡ଼ିଛି ଏକମୁହାଁ ହୋଇ ଭେଜିପଦର, ଥୁଆପାଡ଼ି ଓ ଘାଗୁଡ଼ିପଦରକୁ। ସବୁ ଗାଆଁରେ ଇସ୍କୁଲ। ଖରା ଆଉ ତାତି ନହକି ନହକି ପହଞ୍ଚିଯାଆନ୍ତି। ଗ୍ରିଙ୍ଗେଲ୍ ପାଖ ଗଛରୁ ତା'ରାଗିଣୀ ତୋଳିଧରେ। ପ୍ରଥମରୁ ଅଷ୍ଟମ ଶ୍ରେଣୀର ଦୁଆର ଭିତରେ ଥୁଆପାଡ଼ି ସ୍କୁଲ। ଶିବମନ୍ଦିର ବେଲଗଛ ଆଉ ଆମ୍ବଗଛ କଡ଼େ କଡ଼େ ଗଡ଼ିଗଲେ ସ୍କୁଲର ମୁହଁ ଦେଖାପଡ଼େ। ସାହିରୁ ଶୁଖିଲା ବିଲ ଭିତରେ ପିଲାଏ ବି ସ୍କୁଲକୁ ଋଲି ଆସନ୍ତି। ସମୁଦାୟ ୭୪ ଜଣ ପିଲା ଓ ଦି'ଜଣ ଶିକ୍ଷକଙ୍କୁ ନେଇ ସ୍କୁଲର ସଂସାର। ପ୍ରଥମରୁ ପଞ୍ଚମ ଯାଏଁ କେବଳ ୫୭ ପିଲା। ୧୯୭୧ ମସିହାରେ ସ୍ଥାପିତ ହୋଇଥିଲା ସ୍କୁଲଟି। ଏପ୍ରିଲ ମାସର ଶେଷ ସପ୍ତାହ। ହଁ ନା ହଁ ନା ଭିତରେ ସ୍କୁଲ ସବୁ ଖୋଲିଗଲାଣି। ଖରାତାତିକୁ ଅନାଇ ଅନାଇ ସ୍କୁଲସବୁ ସକାଳୁଆ। ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଦପ୍ତରରେ ମଧ୍ୟ କ୍ଲାସ ହୁଏ। ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀର ପିଲାଏ ମୁଥ ମୁଥ ହୋଇ ଗୋଟିଏ ଘରେ ବସନ୍ତି। ଶିକ୍ଷକ ମଧ୍ୟ ସେହି ତରିକାରେ ପାଠ ପଢ଼ାନ୍ତି। ସେଦିନ କୁସୁମ ପ୍ରେପକା-୨ୟ, ଶୁଭମ୍ ଗରଡ଼ିଆ - ୩ୟ, ମନୋଜ ବିଡ଼ିକା-୧ମ, ମୁକେଶ କୁଶୁଲିଆ-୧ମ, ସୁଇଟ ଗଉଡ଼-୨ୟ, ରିତୁ ପ୍ରେପକା-୨ୟ, ରବିନ୍ଦ୍ର କୁଗୁଲିଆ-୧ମ, କେଦାର ଗରିଡ଼ିଆ-୨ୟ, ରଶ୍ମୀ ମହାନନ୍ଦିଆ-୨ୟ ପ୍ରଭୃତି ପିଲାଙ୍କ ସହ ସାଙ୍ଗର ଆସର ଆରମ୍ଭ ହୋଇଗଲା। ପ୍ରତିପିଲା ଗୋଟିଏ ଗୋଟିଏ ମହକ ପରି, ସେମାନେ ଯେଉଁଠି ଥାଆନ୍ତୁନା କାହିଁକି। ତାଙ୍କ ପୃଥିବୀ ଭିତରକୁ ପାଦଦେଲେ ସେମାନେ ଆପଣାର କରିନିଅନ୍ତି। କେତେକେତେ କଥା ଓ ବ୍ୟଥାର ଗନ୍ଥାଘର ପ୍ରତିଟି ପିଲା ସ୍କୁଲର। ହସି ହସି କହିବସନ୍ତି କେତେ କଥା ସେମାନେ। କଥାପଡୁ ପଡୁ ପଋରିଦେଲି, ତୁମେ ସବୁ କ'ଣ କ'ଣ ଖାଇକରି ଆସିଛ। ପିଲାଙ୍କ ଉତର ଥିଲା କିଛି ଖାଇନୁ। ମଧ୍ୟାହ୍ନ ଭୋଜନ ସକାଳ ୯ ବେଳକୁ। ଆଉ ତୁମେ ସବୁ କେତେବେଳେ ଖାଇଥିଲ-କାଲି ସଂଜବେଳେ। ଶ୍ରେଣୀର କେବଳ ସୁଇଟିକୁ ଛାଡ଼ିଦେଲେ ଆଉ କୌଣସି ପିଲା ଖାଇନଥିଲେ। ନଖାଇ ଆସିବା ଯେ କେବଳ ଗୋଟିଏ ଦିନର ଘଟଣା ଥିଲା ତା'ନୁହେଁ, ସକାଳୁଆ ସ୍କୁଲର ଏହା ନିୟତ ପ୍ରତି ନିୟତ ଘଟଣା। ଆଗ ସଂଜରୁ ଯାହା ଖାଇଥାନ୍ତି ପିଲାଏ। ଅଲେଖା ସିଲଟ ପରି ପିଲାଙ୍କର ପେଟ ମଧ୍ୟ ସେହିପରି ରହିଯାଇଥାଏ। ହସି ହସି ପିଲାଏ ପଢ଼ନ୍ତି, ଏମୁଣ୍ଡରୁ ସେମୁଣ୍ଡ ଦଉଡୁଥାନ୍ତି ପେଟର ଭୋକକୁ ରଖିଦେଇ।

ପାଖ ଗାଆଁ ଭେଜିପଦର। ତୃତୀୟ, ଚତୁର୍ଥ, ପଞ୍ଚମ ଶ୍ରେଣୀର ପିଲାଏ ଗୋଟିଏ କକ୍ଷରେ। ଦେବେନ୍ଦ୍ର ନିଶିକା-୫ମ, ବରୁନ ମାଣ୍ଡିକା -୫ମ, ବିକ୍ରମ ନିଶିକା-୪ର୍ଥ, ନରୋତମ ନିଶିକା-୫ମ, ଉର୍ମିଳା ନିଶିକା-୪ର୍ଥ, ସ୍ୱପ୍ନାନୁଣ୍ଡୁକା-୩ୟ, ଭାଗ୍ୟବତୀ ମାଣ୍ଡିକା-୩ୟ, ଚନ୍ଦ୍ରିକା ନିଶିକା-୫ମ, ସାଗର ନିଶିକା-୫ମ, ସୌମ୍ୟ ବାତ୍ରାବା-୪ର୍ଥ, ବେବି ଉଲାକା-୪ର୍ଥ, ଜସମିନ୍ ମାଇକା-୪ର୍ଥ, ବବିତା କରଲାକା-୪ର୍ଥ, ସବିତା କୃସିକା-୪ର୍ଥ ଆଦି ତେର ଚଉଦ ପିଲାଙ୍କ ସହ ପାଠର କଦର ଜାଣୁ ଜାଣୁ, କୌଣସି ଜଣେ ହେଲେ ବି ପିଲା, ଖାଇକି ନଆସିଥିବାର କଥାକୁ ସହି ହେଉନଥିଲା। ତାତିକୁ ନସହିବା ଲାଗି ସକାଳୁଆ ସ୍କୁଲ। ମାତ୍ର ଭୋକକୁ ସହିହେବକି ? ସକାଳର ସଜଫୁଲ ପରି ମହଣ ମହଣ ମହକରେ ପିଲାଙ୍କ ଭୋକକୁ ସହିହେବ କିପରି ଭଲା ? ପାଠ କରି ଆସିଛନା ନାହିଁ ପ୍ରଶ୍ନର ଉତରଦାୟିତ୍ୱ ନେବାପାଇଁ ସିନା କେହି ଜଣେ ଅଛନ୍ତି, ମାତ୍ର ତୁମେ ଖାଇ କରି ଆସିଛନା ନାହିଁ ପ୍ରଶ୍ନର ଉତର ଦାୟିତ୍ୱ ନେବାକୁ କିଏ ଅଛି ସତରେ ? ଏହା କେବଳ କ'ଣ ଥୁଆପାଡ଼ି ନା ଭେଜିପଦର ସ୍କୁଲର ଇତିକଥା ! ଆଖି ପାଉନାହିଁ ଏ ତାତିକୁ ! ଆକାଶରୁ ନିଗୁଡ଼ି ପଡୁଛି ତାତି। ଗ୍ରିଙ୍ଗେଲ-ଝିଙ୍କାରି ରାଗିଣୀ ଧରୁଛି ବେଲଗଛର ଦିହଭିତରୁ, ମହୁଲ ଗଛର ଫୁଙ୍ଗୁଳା ଫୁଙ୍ଗୁଳା ଡାଳ ଭିତରୁ। ଝିଁ-ଝିଁ-ଝିଁ-ଝିଁ।

ବିଷମ କଟକ, ରାୟଗଡ଼

# ଗାଈଗୋରୁଙ୍କ ସମସ୍ୟା

॥ ଶ୍ୟାମ ସୁନ୍ଦର ସାମଲ ॥

ଶିଶୁ ଗୁଡ଼ିକୁ ମନୁଷ୍ୟ ଯେତେବେଳେ ନିଜର କାମରେ ଆସିବା ଜାଣିବା ସିଦ୍ଧ ହୋଇଗଲା ତାକୁ ଗୃହ ପାଳିତ କରିବାକୁ ଚେଷ୍ଟା କରିଲା। ମନୁଷ୍ୟ ରୋଗ ହେବାପରି ପଶୁକୁ ଯେ ରୋଗ ହୋଇପାରେ ଏକଥା ପରେ ପରେ ଜଣା ପଡ଼ିଲା। ମନୁଷ୍ୟର ରୋଗ ପାଇଁ ଡାକ୍ତର, ବୈଦ୍ୟ ଅଛନ୍ତି ସେମାନେ ରୋଗୀର ଯନ୍ତ୍ରଣା ଅନୁଧାନ ସ୍ଥାନଗୁଡ଼ିକରୁ କରି ରୋଗୀକୁ କେତେ କଥା ପଚାରି ଔଷଧ ଦେଇ ଆରୋଗ୍ୟ କରନ୍ତି। ମାତ୍ର ପଶୁ କଥା କହିପାରେ ନାହିଁ ରୋଗର ଲକ୍ଷଣ ଦେଖି ଚିକିତ୍ସା କରିବାକୁ ପଡ଼େ। ଆସ୍ତେ ଆସ୍ତେ ଛେଳି, ମେଣ୍ଢା, ଗୋରୁ , ମହିଷି, ଓଟ, ଗଧ, ଘୋଡ଼ା, ହାତୀ ଆୟତ ହେବାକୁ ଲାଗିଲେ ତାଙ୍କର ଚିକିତ୍ସା ଧାରା ଲଗାଇ ସେମାନଙ୍କୁ ରୋଗ ମୁକ୍ତ କରାଗଲା। ପକ୍ଷୀ ଗଣ, ବୃକ୍ଷଲତା ଏହାଙ୍କର ବି ଚିକିତ୍ସା ପଦ୍ଧତି ବାହାରିଲା। ଲୋକେ ବତକ, କୁକୁଡା, ହଂସ ପାଳନ କରିବା ସହିତ ଅନେକ ପକ୍ଷୀଙ୍କୁ ଖୁସି ପାଇଁ ଆୟତ କରେ।

ମନୁଷ୍ୟର ଅଭୟ ଗୁଣ ଦୟା ଅଛି। ପଶୁମାନେ ଅନୁଧ୍ୟାନ କରି ଆସ୍ତେ ଜାଣିଲେ ଫଳରେ ଜଙ୍ଗଲି ପଶୁ ବି ଋଷି ମୁନୀଙ୍କ ଆବସ ସ୍ଥଳୀରେ ଅଭୟରେ ଚଳିଲେ। ହରିଣ ଗୁଡ଼ିକ ମନୁଷ୍ୟ ଦେଖିଲେ ଅନେକ ସମୟରେ ପାଖକୁ ଆସନ୍ତି। ମାଙ୍କଡ଼ମାନେ ଏକ ସହରରେ ଘରେ ପଶି ମାନବ ବ୍ୟବହାର୍ଯ୍ୟ ପରିବା, ଫଳମୂଳ ଖାଇଯାଉଛନ୍ତି। ବୁଲା କୁକୁର ଗୁଡ଼ିକ ଗୃହସ୍ଥ ଗୃହ ପାଖାପାଖି ରହି ତାଙ୍କର ଖାଦ୍ୟ ଚିନ୍ତା ନିବାରଣ କରୁଛନ୍ତି। ବୁଲାଷଣ୍ଢ ଏପରି ବୁଲି ବୁଲି ତାଙ୍କ ଖାଦ୍ୟ ସଂଗ୍ରହ ମାନବ ଚଳନୀ କ୍ଷେତ୍ରରେ କରୁଛନ୍ତି।

ପୁରାଣରେ ପକ୍ଷୀ ପଶୁ ଶକ୍ତିକୁ ଦେବତାମାନେ ସ୍ୱପରିବହନ ପାଇଁ ଲଗାଇଛନ୍ତି ଏହା ସମସ୍ତେ ପାଠ କରୁଛନ୍ତି। ଅନେକ ଜୀବ ଯେଉଁମାନେ ହିଂସ୍ର ମନୁଷ୍ୟ ବୋଲ ସଂଜମରେ ମାନନ୍ତି ନାହିଁ ତାଙ୍କୁ ଭୟ କରି ମନୁଷ୍ୟ ଭୟରେ ଦୂରେଇ ରହୁଛି। ଦେବ ବାହାନ ପଶୁପକ୍ଷୀ କିନ୍ତୁ ମନୁଷ୍ୟ ସମ୍ମାନ ଦେଇ ଆସୁଛନ୍ତି ହେଲେ ମର୍କଟ ଯେ ଶ୍ରୀରାମଙ୍କ ବାହିନୀରେ ବଡ଼ ସହାୟକ ସେ ଓ ତାଙ୍କର ବାହନ ଷଣ୍ଢ ଏବେ ସମସ୍ୟା ଚାଷ କ୍ଷେତ୍ର ଫଳ ବଗିଚାରେ କରିଲେଣି। ରାସ୍ତାରେ ଷଣ୍ଢ ଅନେକ ଦୁର୍ଘଟଣାର କାରଣ। ହାତିମାନେ ରେଲଲାଇନରେ ପାଶ ବେଳେ ବି ରେଲ ଦୁର୍ଘଟଣା ଘଟୁଛି। ଦିନେ ଏମାନଙ୍କୁ ଯେଉଁ ଶ୍ରଦ୍ଧା ଥିଲା ଏବେ ବିରକ୍ତି ଘୃଣା ଓ କ୍ରୋଧରେ ଆସିବାଗୁ ହେଲାଣି। କଲିକତା ବି ଦିନେ ଗ୍ରାମ ଭୂମି ଥିଲା। ସୁତାନଟୀ ଗୋବିନ୍ଦପୁର ସେଠାରେ ଯେଉଁ ସନାତନୀ ହିନ୍ଦୁମାନେ ବାସ ତତ୍କାଳ ବାସ କରୁଥିଲେ ବୃଷଭକୁ ସମ୍ମାନ ଦେଇ ଅବାଧରେ ଚଳାଚଳ ପ୍ରଶୟ ଦେଉଥିଲେ। କଲିକତା ସହର ବନି ଯିବାରୁ ତତ୍କାଳ ଚଳାପଥରେ ଘୋଡ଼ାରେ ଚଳପ୍ରଚଳ ଲୋକଙ୍କୁ ଏଇ ଷଣ୍ଢମାନେ ଆକ୍ରମଣ କରୁଥିଲେ। ଏମିତି କଲିକତାରେ ତତ୍କାଳ ବ୍ରିଟିଶର ଭାରତ ପ୍ରଶାସନରେ ଥିବା ଚଣ୍ଡମୁଣ୍ଡ କର୍ତ୍ତା। ଲର୍ଡ଼ମାନେ ସ୍ୱ କୋଠିରୁ କାର୍ଯ୍ୟାଳୟକୁ ଘୋଡ଼ାରେ ଗଲାବେଳେ ଜଣେ ଲର୍ଡ଼ ଷଣ୍ଢ ତାଡ଼ନରେ ପଡ଼ିଗଲେ ତାପରେ ଏଇ ପ୍ରଥାକୁ ବନ୍ଦ ପାଇଁ କାନୁନ ଲଗାଇଲେ ତାପରେ କଲିକତା ସହରରେ ଷଣ୍ଢ ଶନ୍ୟ ହୋଇଛି।

କଲିକତା ଠାରୁ ୩୦କି.ମି. ଦୂରରେ ତାରକନାଥ ବା ତାରକେଶ୍ୱର ମନ୍ଦିର ଅଛି। ଏଠାକୁ ଲୋକେ ମାନସିକ କରି ଷଣ୍ଢ ଅର୍ପଣ ବିଧିରେ କରୁଛନ୍ତି ଏପରିକି ଆମର ଆଖଣ୍ଡଳମଣି ଆରଡ଼ିରେ ଏମିତି ଷଣ୍ଢ ଅର୍ପଣ ହେଉଛି। ମନୁଷ୍ୟର ସନ୍ତାନ ନାଗା, ସନ୍ନ୍ୟାସୀ, ବୈଷ୍ଣବ ସାଧୁ କରିବାକୁ ଯେପରି ବ୍ୟବସ୍ଥା ଅଛି ସେମିତି ଥିଲା ଛାଗ ପ୍ରଜନନ ଓ ଗୋ ପ୍ରଜନନ ପାଇଁ ଅଣ୍ଡିରା ଛାଗକୁ ବୋଦାକୁ କୌଣସି ଦେବୀ ଉଦ୍ଦେଶ୍ୟରେ ବଳୀ ରୂପେ ନଦେଇ ଦେବୀ ପୀଠରେ ଛାଡ଼ି ଦେଉଥିଲେ ଓ ଷଣ୍ଢକୁ ଶିବଙ୍କ ମନ୍ଦିର ପାଖରେ ଶିବଙ୍କୁ ବିଧିରେ ଅର୍ପଣ କରି ଛାଡୁଥିଲେ। ଏବେ ବି ଏପରି ପ୍ରଥା ରନ୍ଧ ହୋଇନାହିଁ। ଅନେକ ଶଷ୍ୟ କ୍ଷେତ୍ରରେ ଷଣ୍ଢ ମାର୍କଟ ଭାରତ କୃଷକଙ୍କୁ ଉଚ୍ଛନ୍ନ କରୁଛନ୍ତି। କୌଣସି ପରିବା ଫଳମୂଳ ଉତୁରି ପାରୁନାହିଁ। ଧର୍ମ ବିଶ୍ୱାସ ରହୁ ମାତ୍ର ସଂସ୍କାର କରାଯାଉ, ଏବେ ଗୋ ପ୍ରଜନନରେ ଷଣ୍ଢ ଆଉ ଦରକାରୀ ଲାଗୁନାହିଁ। କୃତ୍ରିମ ପ୍ରଜନନ ପଦ୍ଧତିରେ ସରକାର ସାହାଯ୍ୟ ଦେଲେଣି।

ବଳଦ ଆବଶ୍ୟକ ପଡୁ ନାହିଁ କି ଅତଏବ କୃତ୍ତିମ ପ୍ରଜନନରେ କେବଳ ମାଇ ବାଛୁରୀ ଜନ୍ମ ହେବେ ଏ ଧାରା କଣ ବୈଜ୍ଞାନିକମାନେ କାଢ଼ି ପାରିବେ ନାହିଁ। ମାଙ୍କଡ଼ମାନେ ଜଙ୍ଗଲରେ ବାସ କରୁଥିଲେ ଲୋକ ସରକାରୀ କାନୁନରେ ଛିଦ୍ର ଦେଖିତୁ ଅଭୟ ହୋଇ ଜଙ୍ଗଲକୁ ଆବାଦରେ ନେଲେ ଫଳରେ ମର୍କଟ ଏଇ କୃତ୍ତିମ ଉପବନ ଜନପଦକୁ ପଳେଇ ଆସିଲେ ପୂର୍ବେ ମାଙ୍କଡ଼ିଆ ମାଙ୍କଡ଼ ମାରିବାକୁ ପ୍ରାୟ ୫୦ ବର୍ଷ ତଳେ ଆସୁଥିଲେ ମୁଁ ନିଜେ ଦେଖିଛି ସେମାନେ ମାଙ୍କଡଙ୍କୁ ବନ୍ଧୁକ ଉଠାଇଲେ ମାଙ୍କଡ଼ମାନେ ହାତ ଉଠାଇ ହାତ ଯୋଡ଼ି ତାଙ୍କ ପ୍ରାଣ ବଞ୍ଚାଇବା ପାଇଁ ମାତ୍ର ସେମାନେ ରାଜାଜ୍ଞା ପାଳକ ସେମାନେ ମାଙ୍କଡଟିକୁ ମାରି ତା ଲାଞ୍ଜନେଇ ସରକାରୀ ଦପ୍ତରରେ ଜମା କରି ତାଙ୍କ ପାଉଣା ପାଉଥିଲେ। ଚାଷବାସ ଅଞ୍ଚଳରୁ ଷଣ୍ଢ ମାଙ୍କଡ ସମସ୍ୟା କେମିତି ରନ୍ଧ ହେବ ସହର ଅଞ୍ଚଳରୁ ବୁଲା କୁକୁର କେମିତି ନିବାରଣ ହେବ ସରକାର ଚିନ୍ତା କରନ୍ତୁ। କଟକରେ ଗାଈଗୋରୁ ଅଛନ୍ତି ମାତ୍ର କାଁ ଭାଁ କାରଣ ଚାରଣ ଭୂମି ସମ୍ପୂର୍ଣ୍ଣ ଅଭାବ। ଗୋବର ମୂତ୍ର ପ୍ରଦୂଷଣ ହେବ ବୋଲି ଗୋପାଳନ ଉପରେ ରୋଧ ଲାଗିଗଲାଣି। ତଥାପି ବୁଲା ଗୋରୁ ସମସ୍ୟା ସହରରେ ବଢୁଛି। ଏ ପାଇଁ ଚିନ୍ତା କରାଯିବା ଦରକାର।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ରୋଗୀର ସ୍ୱାମୀଙ୍କୁ ନିସ୍ଥୁକ ମାଡ଼, ଥାନାରେ ହେଲା ଅଭିଯୋଗ

ପାଟଣାଗଡ଼, (ମହାଭାରତ) : ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ର ନୂଆ ଡାକ୍ତରଖାନାରେ ସୁରକ୍ଷା କର୍ମୀ ମାନଙ୍କ ଦ୍ୱାରା ନିସ୍ଥୁକ ମାଡ ,ମାଡ଼ ରେ ଗୁରୁତର ରୋଗୀଙ୍କ ସ୍ୱାମୀ , ଗୁରୁତର ସ୍ୱାମୀ ପାଟଣାଗଡ ଥାନାର ଦ୍ୱାରସ୍ଥ । ଏ ଭଳି ଅଭାବନୀୟ ଘଟଣା ଘଟିଛି ପାଟଣାଗଡ଼ ସ୍ଥିତ ସିଲେଟପଡ଼ା ଗ୍ରାମରେ । ସୂଚନା ମୁତାବକ ଗତ ରାତ୍ରୀ ୧୨ ଟା ସମୟରେ ସିଲେଟପଡ଼ା ଗ୍ରାମର ଭୀମ ସୁନାଙ୍କ ସ୍ତ୍ରୀକୁ ସାପ କାମୁଡି ଥିବା ନେଇ ଭୀମ ସୁନା ପାଟଣାଗଡ ଡାକ୍ତରଖାନା ଆସିଥିଲେ କ୍ଷ ଚିକିତ୍ସା ପାଇଁ ପାଟଣାଗଡ ଡାକ୍ତରଖାନା ଭିତରକୁ ଗଲା ପରେ ଡକ୍ଟର ଚାମ୍ବର କୁ ଯାଇ ଡକ୍ଟର କୁ ଖୋଜିଥିଲେ । ହେଲେ ଡକ୍ଟର ଚାମ୍ବର ରେ ନ ଥିବା ବେଳେ ମୋବାଇଲ ରେ ଭିଡ଼ିଓ ଉତ୍ତୋଳନ କରିଥିଲେ । କିଛି ସମୟ ର ବ୍ୟବଧାନ ପରେ ଡକ୍ଟର ଆସି ଭୀମ ସୁନାଙ୍କ ସ୍ତ୍ରୀଙ୍କ ଚିକିତ୍ସା ଆରମ୍ଭ କରି ସ୍ୱାମୀଙ୍କୁ ସ୍ତ୍ରୀର ରକ୍ତ ନମୁନା ପରୀକ୍ଷା ପାଇଁ କହିଥିଲେ । ତେବେ ସ୍ୱାମୀ ଡାକ୍ତରଖାନା ର ବାହାର କୁ ଆସୁଥିବା ବେଳେ ସେହି ଭିଡ଼ିଓ ଉତ୍ତୋଳନ କୁ ନେଇ ଲାଗିଥିଲା ବିବାଦ । ତେବେ ଅଭିଯୋଗ ଅନୁଯାୟୀ ଉତ୍ତୋଳନ ଭିଡିଓ ଡିଲିଟ କରିବା ପାଇଁ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ କହିଥିଲେ । ନ ଚେତ ତୋ ସ୍ତ୍ରୀକୁ ବଲାଙ୍ଗୀର ଡ଼ାକ୍ତରଖାନା କୁ ରେଫର କରିନେ ବୋଲି କହିଥିଲେ । ଉତ୍ତୋଳନ ଭିଡିଓ ନେଇ ବିବାଦ ଉଗ୍ରରୂପ ନେଇଥିଲା । ଅଭିଯୋଗ ଅନୁଯାୟୀ କାର୍ଯ୍ୟ ୧୨ ଜଣ ସିକ୍ୟୁରିଟି ଗାର୍ଡ । ସମସ୍ତେ ମିଶି ଭୀମ ସୁନା ଙ୍କୁ ଡାକ୍ତରଖାନା ତଳକୁ ଆଣି ଠେଙ୍ଗା ସାହାଯ୍ୟ ରେ ନିସ୍ଥୁକ ମାଡ଼ ଦେଇଥିଲେ । ଯାହା ଫଳରେ ଭୀମ ଙ୍କର ପଛ ପିଠିରେ ଲାଲ ଦାଗ ଉଠିଯାଇ ଥିବା ବେଳେ ।ଆଜି ସକାଳେ ଭୀମ ସୁନା ପାଟଣାଗଡ ଥାନା ର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ପାଇ ଆଜି ପାଟଣାଗଡ ପୋଲିସ ।ଘଟଣା ସ୍ଥଳରେ ଯାଇ ଅଧିକ ତଦନ୍ତ ଜାରି ରଖିଥିବା ବେଳେ । ପୂର୍ବରୁ ମଧ ମଦ ପିଇ ଜଣେ ଫାର୍ମାସିଷ୍ଟ ଔଷଧ ବିତରଣ କୁ ନେଇ ବିବାଦରେ ପାଟଣାଗଡ଼ ଡାକ୍ତରଖାନା ଥିବା ବେଳେ ବର୍ତମାନ ଏଇ ଠେଙ୍ଗା ରେ ମାଡ଼ ମାରି ପିଠି ଲାଲ କରିବା ଘଟଣା କୁ ନେଇ ଅଞ୍ଚଳ ରେ ଦୃଢ଼ ନିନ୍ଦା କରା ଯାଉଛି । ଏ ଘଟଣାର ସଠିକ ତଦନ୍ତ ହୋଇ ଦୋଷୀ ବିରୁଦ୍ଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳ ବାସି ଦାବୀ କରୁଛନ୍ତି ।



## ଚିନ୍ତାରେ ଉଜ୍ଜଳା ଗ୍ୟାସ ଉପଭୋକ୍ତା



କପ୍ତିପଦା, (ମହାଭାରତ) : ଉପଭୋକ୍ତାଙ୍କ ଚିନ୍ତା ବଢ଼ାଇଛି ଉଜ୍ଜଳା ଯୋଜନାରେ ଥିବା ଗ୍ୟାସ। ଗତକାଲି ସରକାର ଉଜ୍ଜଳା ଯୋଜନାରେ ଥିବା ବର୍ଷକୁ ୯ ଟି ଗ୍ୟାସ ପରିବର୍ତେ ୪ ଟି ଗ୍ୟାସ ପାଇବେ ବୋଲି ଘୋଷଣା କରିଥିଲେ। ତେବେ ଏ ନେଇ ଉଜ୍ଜଳା ଗ୍ୟାସ ହିତାଧିକାରୀଙ୍କ ମଧରେ ଆସୋନ୍ତଶ ପ୍ରକାଶ ପାଇଛି। ତେବେ ୯ ଟି ଗ୍ୟାସ ପରିବର୍ତେ ୪ ଟି ଗ୍ୟାସ କିପରି ବର୍ଷ ତମାମ ଚଳାଇବେ ତାହାକୁ ନେଇ ଉଦଳା ଏନ୍ଏସି ରେ ଥିବା ଉଜ୍ଜଳା ହିତାଧିକାରୀ ମହିଳାମାନେ ପ୍ରକାଶ କରିଛନ୍ତି। ତେବେ ଗ୍ୟାସ ଅଧିକ ଆବଶ୍ୟକତା ଥିବାବେଳେ ଗ୍ୟାସ ସଂଖ୍ୟା ହ୍ରାସ ଯୋଗୁଁ ଏବେ କାଠ ଚୁଲାରେ ରୋଷେଇ କରିବାକୁ ବାଧ ହେବେ ବୋଲି କହିଛନ୍ତି।

## ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢୁଛି

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ହଉଛି। କିନ୍ତୁ ସୁଧୁରିବାରେ ନା। ଧରୁ ନାହିଁ। ସକାଳ ୬ ଘଣ୍ଟା ଠାରୁ ଆରମ୍ଭ ହୋଇ ଯାଉଛି। ପନି ପାରିବା। କ୍ରୟ ବିକ୍ରୟ କରିବା ସକାଶେ ଭିଡ଼ ଜମୁଛି। ବଜାର ସମ୍ମୁଖରେ। ଯାତାୟାତ ରେ ଅସୁବିଧା ସମ୍ମୁଖୀନ ହଉଛି। ପରିବା କିଣି ରାସ୍ତା କଡ଼େର ପରିବ। ବିକ୍ରି କରି ରାସ୍ତା ସଙ୍କୁଚିତ ହୋଇଯାଇଛି। ଯାହା ଫଳ ରେ ଟ୍ରାଫିକ ସମସ୍ୟା ସୃଷ୍ଟି ହଉଛି। ତା ସାଙ୍ଗକୁ ଉଠା ଦୋକାନୀ ମାନେ ରାସ୍ତା ସଙ୍କୁଚିତ କରୁଛନ୍ତି । ଏହାର ସ୍ଥାୟୀ ସମାଧାନ ହୋଇ ପାରୁ ନାହିଁ। ଏଠାରେ ପୌର ପାରିଷଦ ସବୁ ଜାଣି ନିରୁପାୟ ହୋଇପଡ଼ିଛି। ଅର୍ଥ ସିନା ପାଣି ଭଳି ଖର୍ଚ୍ଚ କରିଲା। ବିଭିନ୍ନ ଜାଗାରେ କିନ୍ତୁ କିଛି ବି ହୋଇ ପାରିଲା ନାହିଁ। ଏଠାରେ ପୌର ପାରିଷଦ ର କ୍ଷମତା ନାହିଁ ବୋଧେ ଲୋକଙ୍କ ସରକାର ରେ ଏହି ଭଳି ଅବସ୍ଥା। ଲୋକେ ଗୁହାରି କାହାକୁ କରିବେ।

## କୂଅ ସଫା ବେଳେ ଶ୍ୱାସରୁଦ୍ଧ ହୋଇ ଜଣେ ମୃତ

ଆଳି, (ମହାଭାରତ) : କୂଅ ସଫା ବେଳେ ସ୍ୱାସରୁଦ୍ଧ ହୋଇ ଜଣେ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଦୁଇ ଶ୍ରମିକ ଗୁରୁତର ହୋଇଥିବା ଜଣାପଡିଛି । କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମାନପୁର ଗ୍ରାମରେ ଏଭଳି ଅଘଟଣ ଘଟିଛି କ୍ଷ ଗ୍ରାମର ସୁକାନ୍ତ ପରିଡାଙ୍କ କୂଅ ସଫା କରିବା ନିମନ୍ତେ ଆଜି ସକାଳେ ତିନି ଶ୍ରମିକ ଯାଇଥିଲେ। ଆଳି ଦେମାଳର ପରୀକ୍ଷିତ ସିଂହ, ମାନପୁର ଗ୍ରାମର ଚିତ୍ତରଞ୍ଜନ ସାମଲ ଓ ତାଙ୍କ ପୁଅ ରମେଶ ସାମଲ କୂଅ ସଫା କରିବାକୁ ପହଞ୍ଚିବା ପରେ ପରୀକ୍ଷିତ କୂଅରେ ପଶି ସଫା କରିବାର କିଛି ସମୟ ମଧ୍ୟରେ ଶ୍ୱାସରୁଦ୍ଧ ହୋଇ ପଡ଼ିବା ଦେଖି ଚିତ୍ତରଞ୍ଜନ କୂଅ ଭିତରକୁ ଯାଇଥିଲେ । ଚିତ୍ତରଞ୍ଜନ ଅଚେତ ହେବା ଦେଖି ତାଙ୍କ ପୁଅ ରମେଶ ସାମଲ କୂଅରେ ପଶି ଉଦ୍ଧାର କରିବା ନିମନ୍ତେ ଚେଷ୍ଟା କରି ଅଚେତ ହୋଇ ପଡିଥିଲାକ୍ଷ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି କୂଅ ଭିତରୁ ଦୁଇ ଜଣକୁ ଉଦ୍ଧାର କରି ଆଳି ମେଡିକାଲ ପଠାଇ ଥିଲେ । ଆଳି ଅଗ୍ନିଶମ କର୍ମଚାରୀ ପହଞ୍ଚି କୂଅ ମଧ୍ୟରୁ ପରୀକ୍ଷିତଙ୍କୁ ଉଦ୍ଧାର କରି ଆଳି ମେଡିକାଲରେ ଭର୍ତ୍ତୀ କରିଥିଲେ । ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପରୀକ୍ଷିତଙ୍କୁ ମୃତ ଘୋଷଣା କରିଥିବା ବେଳେ ବାପ ପୁଅ ଚିତ୍ତରଞ୍ଜନ ଓ ରମେଶଙ୍କ ଅବସ୍ଥା ଗୁରୁତର ଥିବାରୁ କେନ୍ଦ୍ରାପଡ଼ା ମେଡିକାଲ ସ୍ଥାନାନ୍ତର କରାଯାଇଛି ।

## ମଦୁଆ ଯୁବକଙ୍କ ମାରଣାସ୍ତ୍ର ଧରି ଉନ୍ମତ୍ତ କାଣ୍ଡ: ଏକ ଘଣ୍ଟା ଧରି ଠପ୍ ହେଲା ଠାକୁରମୁଣ୍ଡା–ଉଦଳା ରାସ୍ତା

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ମହୁଲଡିହା ଥାନା ଅଞ୍ଚଳର ଠାକୁରମୁଣ୍ଡା–ଉଦଳା ମୁଖ୍ୟ ରାସ୍ତାର ଗିରିବେଡା ଛକ ନିକଟରେ ଜଣେ ମଦ୍ୟପ ଯୁବକଙ୍କ ଉନ୍ମତ୍ତ କାଣ୍ଡ ଯୋଗୁଁ ପ୍ରାୟ ଏକ ଘଣ୍ଟା ଧରି ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ମାରଣାସ୍ତ୍ର ଧରି ରାସ୍ତାରେ ଲୋକଙ୍କୁ ଭୟଭୀତ କରିବା ସହ ଆକ୍ରମଣ ଉଦ୍ୟମ କରୁଥିବା ଏହି ଯୁବକଙ୍କୁ ଶେଷରେ ସ୍ଥାନୀୟ ଲୋକମାନେ କାବୁ କରିବା ପରେ ପରିସ୍ଥିତି ସାଧାରଣ ହୋଇଥିଲା। ସୂଚନା ଅନୁସାରେ, ଆଜି ଅପରାହ୍ନ ପ୍ରାୟ ୩ଟା ସମୟରେ ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ ଗିରିବେଡା ଗ୍ରାମର ପରମେଶ୍ୱର ନାଏକଙ୍କ ପୁଅ ସହଦେବ ନାଏକ ମଦ୍ୟପ ଅବସ୍ଥାରେ ଏକ ମାରଣାସ୍ତ୍ର ଧରି ଗିରିବେଡା ଛକରେ ଛିଡ଼ା ହୋଇ ରହିଥିଲେ। ସେ ରାସ୍ତା ଦେଇ ଯାଉଥିବା ଲୋକମାନଙ୍କୁ ଧମକ ଦେବା ସହ ମାରିବାକୁ ଗୋଡ଼ାଉଥିବାରୁ ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏହି ସମୟରେ କାଠୁଆନଆଁଗାଁ ଗ୍ରାମର ଚରଣ ପଧୂରିଆ ତାଙ୍କ ଜଣେ ସାଙ୍ଗଙ୍କ ସହ ମୋଟରସାଇକେଲରେ ରାସ୍ତା ଦେଇ ଯାଉଥିବା ବେଳେ ସହଦେବ ନାଏକ ତାଙ୍କ ଉପରେ ଆକ୍ରମଣ ଉଦ୍ୟମ କରିଥିଲେ। ଭାଗ୍ୟବଶତଃ ମାରଣାସ୍ତ୍ରଟି ଚରଣଙ୍କ ଦେହରେ ନ ବାଜି ବାଇକର ପଛ ଲାଇଟରେ ବାଜିଥିଲା। ଫଳରେ ବାଇକର ପଛ ଲାଇଟ୍ ଭାଙ୍ଗି ଯାଇଥିଲା ଏବଂ ଏକ ବଡ଼ ଅଘଟଣରୁ ସେମାନେ ରକ୍ଷା ପାଇଥିଲେ। ଯୁବକଙ୍କ ଏଭଳି ଉନ୍ମତ୍ତ କାଣ୍ଡ ଯୋଗୁଁ ଠାକୁରମୁଣ୍ଡା–ଉଦଳା ମୁଖ୍ୟ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଛୋଟ ଓ ବଡ଼ ଯାନବାହନ ଅଟକି ରହିଥିଲା। ଯାତ୍ରୀମାନେ ଭୟଭୀତ ଅବସ୍ଥାରେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ। ପ୍ରାୟ ଏକ ଘଣ୍ଟା ଧରି ଏହି ଅବସ୍ଥା ଲାଗି ରହିଥିଲା। ପରେ ସ୍ଥାନୀୟ ଲୋକମାନେ ସାହସିକତାର ସହ ଏକତ୍ରିତ ହୋଇ ଉନ୍ମତ୍ତ ଯୁବକଙ୍କୁ କାବୁ କରିଥିଲେ ଏବଂ ତାଙ୍କ ହାତରୁ ମାରଣାସ୍ତ୍ର ଛଡ଼ାଇ ନେଇଥିଲେ। ଏହାପରେ ରାସ୍ତାରେ ପୁଣିଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଘଟଣା ସମ୍ପର୍କରେ ମହୁଲଡିହା ଥାନା ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଉକ୍ତ ଯୁବକ ମଦ୍ୟପ ଅବସ୍ଥାରେ ଏଭଳି ଆଚରଣ କରୁଥିଲେ। ତେବେ ଏପର୍ଯ୍ୟନ୍ତ ଏ ନେଇ କୌଣସି ବ୍ୟକ୍ତି ଥାନାରେ ଲିଖିତ ଅଭିଯୋଗ କିମ୍ବା ମାମଲା ଦାଖଲ କରିନାହାନ୍ତି। ଅଭିଯୋଗ ମିଳିଲେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



## ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ପାରାଦୀପ, (ମହାଭାରତ) : ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ଗ୍ରୀନ୍‌ଫିଲ୍ଡ ଇ□ଗ୍ରେଟେଡ୍ ଷ୍ଟିଲ୍ ପ୍ଲା□ ପ୍ରକଳ୍ପ ପକ୍ଷରୁ ବିଶ୍ୱ ପରିବେଶ ଦିବସ ବିଭିନ୍ନ କାର୍ଯ୍ୟକ୍ରମ ସହିତ ପାଳିତ ହୋଇଯାଇଛି । ପ୍ରକୃତିରୁ ପ୍ରେରିତ, ଜଳବାୟୁ ପାଇଁ, ଭବିଷ୍ୟତ ପାଇଁ ସ୍ଲୋଗାନ ସହିତ ପାଳିତ ହୋଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ବିବେଚିତା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ କର୍ମଚାରୀମାନଙ୍କୁ ବୃକ୍ଷ ଚାରା ବ□ନ କରାଯାଇଥିଲା । ପରିବେଶ ସୁରକ୍ଷା ସହିତ ପରିବେଶ ସଚେନତା ଏହି ଉତ୍ସବ ପାଳନର ମୂଳ ଲକ୍ଷ୍ୟ ଥିଲା ବୋଲି କମ୍ପାନୀ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

## ମୁସ୍କୁଟି ଠାରେ ମାଁ ଭୈରବୀ ଫ୍ଲୋଡ ଲାଇଟ ନାଇଟ ସାର୍କିଲ କ୍ରିକେଟ ଟୁର୍ନାମେଣ୍ଟ ସିଜନ-୨ ଉଦଯାପିତ

ଲାଞ୍ଜିଗଡ଼, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଉପାନ୍ତ କାନକୁଟୁ ଗ୍ରାମପଞ୍ଚାୟତ ଅଧିନସ୍ତ ମୁସ୍କୁଟି ଗ୍ରାମ ଖେଳ ପଡ଼ିଆ ଠାରେ ମାଁ ଭୈରବୀ ଫ୍ଲୋଡ ଲାଇଟ ନାଇଟ ସାର୍କିଲ କ୍ରିକେଟ ଟୁର୍ନାମେଣ୍ଟ ସିଜନ- ୨ ଶନିବାର ରାତ୍ରିରେ ଉଦଯାପିତ ହୋଇଥିଲା।ଉକ୍ତ ମ୍ୟାଚ ଚଳିତ ମାସ ଜୁନ ୪ରେ ଆରମ୍ଭ ହୋଇ ୬ ତାରିଖରେ ମଧ ରାତ୍ରିରେ ଉଦଜାପିତ ହୋଇଥିବାବେଳେ ଏଥିରେ ପାରିପାର୍ଶ୍ୱିକ ଅଞ୍ଚଳରୁ ୧୪ ଟି ଦଳ ଭାଗ ନେଇଥିଲେ। ଉକ୍ତ ଉଦଯାପନୀ ରାତ୍ରୀରେ ଫାଇନାଲ ମ୍ୟାଚ ଭବାନୀପାଟଣା ଏମଟିସି ୭ ଓ ଚମ୍ପାଦେଇପୁର ଦଳ ମଧରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ପ୍ରଥମେ ଚମ୍ପାଦେଇପୁର ଦଳ ଟସ ଜିତିଥିଲେ ମଧ କରି ଫିଲ୍ଡିଂର ନିଷ୍ପତି ନେଇ ଏମଟିସି ୭ ଭବାନୀପାଟଣାକୁ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲେ।ଏମଟିସି ୭ ପ୍ରଥମେ ବ୍ୟାଟିଂ କରି ୮ ଓଭର ବିନିମୟରେ ୧୧୮ ରନ୍ ସଂଗ୍ରହ କରିଥିଲେ।ଏହାର ଜବାବରେ ଚମ୍ପାଦେଇପୁର ୬ ଓଭର ୨ ବଲ ଖେଳି ୧୧୯ ରନ୍ ସଂଗ୍ରହ କରି ଏମଟିସି୭ ଦଳରୁ ବିଜୟ ହାସଲ କରିଥିଲା।ଏଥିରେ ଖେଳ ଟିମ ସଭାପତି ନବୀନ,ଉପସଭାପତି ଧନୁର୍ଯ୍ୟ ବିଶି,ସମ୍ପାଦକ ଉମାକାନ୍ତ ବନ୍ଧପାରିଆ, ଆୟୋଜକ ସୋମନାଥ ବିଶି,ପପିନ ବନ୍ଧପାରିଆ,ନରେନ୍ଦ୍ର ବିଶି,ଅରୁଣ, ଟିକେ,ପ୍ରଭାକର,କିଶୋର, ଉମା,କାନ୍ହା,ନୀଳ ମାଝୀ ବିଶେଷ କାର୍ଯ୍ୟ ତୁଲାଇଥିବାବେଳେ ବିଶିକେଶନ ହରପାଲ, ବେଣୁଧର ବାଗ, ଶାଶ୍ୱତ ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ।ଏହି ମ୍ୟାଚରେ ବିଜେତାଙ୍କୁ ୧୫.୫୫୫ ନଗଦ ଅର୍ଥ ରାଶି ସହିତ ଟ୍ରଫି ଓ ଉପବିଜେତା ଦଳକୁ ୧୦.୦୦୦ ନଗଦ ଅର୍ଥରାଶି ସହିତ ଟ୍ରଫି ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଏଥିରେ ମେନଅଫଦି ମ୍ୟାଚ ରିଙ୍କୁ, ମେନ୍ଅଫଦି ସିରିଜ ବାଦଲ ଓ ବେଷ୍ଟ ଡିସିପ୍ଲିନ୍ ଦଳ ଭାବେ ଏମଟିସି ୭ ପୁରସ୍କାର ପାଇଥିଲେ।ଉକ୍ତ ରାତ୍ରିକାଳୀନ ଟୁର୍ନାମେଣ୍ଟରେ ସ୍ପୋର୍ଟ୍ସ ଚମ୍ପିୟାନ ୟୁଟୁବ ଚେନାଲ ଦ୍ୱାରା ପ୍ରଥମ ଦିନରୁ ଅନ୍ତିମ ଦିନ ପର୍ଯ୍ୟନ୍ତ ଖେଳର ସିଧାପ୍ରସାରଣ କରାଯାଇଥିଲା।



## ପାରାଦୀପ ନଗରପାଳଙ୍କ ଘରକୁ ବୋତଲ ବୋମା ମାଡ ଘଟଣା ବାପି ସାର୍ଖେଲଙ୍କ ସାମ୍ବାଦିକ ସମ୍ମିଳନୀରେ ରାକେଶ ପଟ୍ଟନାୟକଙ୍କୁ ଆକ୍ଷେପକୁ ଖଣ୍ଡନ

ପାରାଦୀପ, (ମହାଭାରତ) : ଗତ ମେ ମାସ ୩୦ତାରିଖ ସଂନ୍ଧ୍ୟାରେ ପାରାଦୀପ ନଗରପାଳ ବସ' ବିଶ୍ୱାଳଙ୍କ ଘରକୁ ବୋତଲ ବୋମାମାଡ କରିଥିଲେ । ଏହି ଘଟଣାରେ ପରାଦୀପକୁ ଅଶା' କରୁଥିବା ଅରିନ୍ଦମ ସାର୍ଖେଲ (ବାପି)ଙ୍କ ସଂପୃକ୍ତି ଥିବା ଅଭିଯୋଗ କରିଥିଲେ ପାରାଦୀପର ଭାରତୀୟ ଜନତା ପାର୍ଟି, ବିଜୁ ଜନତା ଦଳ, ଜାତୀୟ କଂଗ୍ରେସ, କମ୍ୟୁନିଷ୍ଟ ପାର୍ଟି ଓ ପାରାଦୀପ ସିଟିଜେନ୍ ଫୋରମ୍ ରବିବାର ପୂର୍ବାହ୍ନରେ ଏକଜୁଟ୍ ହୋଇ ଅଲଗା ଅଲଗା ଦାବୀପତ୍ର ପାରାଦୀପ ଏଏପିଙ୍କୁ ଦେଇଥିଲେ । ସୋମବାର ଦିନ ଅପରାହ୍ନରେ ନୂଆବଜାରସ୍ଥିତ ବାପି ସାର୍ଖେଲ ତାଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପାରଦୀପ ବନ୍ଦର ମଜଦୁର ସଂଘ ସଭାପତି ତଥା ଯୁବ ବ୍ୟବସାୟୀ ରାକେଶ କୁମାର ପଟ୍ଟନାୟକଙ୍କୁ ଆକ୍ଷେପ କରିଥିଲେ । ମଙ୍ଗଳବାର ଦିନ ଅପରାହ୍ନରେ ଶ୍ରୀପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କୁ ବଦନାମ କରିବାକୁ ଅଯଥାରେ ବାପି ସାର୍ଖେଲ ଚେଷ୍ଟା କରୁଥିବା କହିଛନ୍ତି । ବାପି ସାର୍ଖେଲ ତାଙ୍କୁ ଅପରାଧୀ ଭାବେ ଚିତ୍ରଣ କରୁଛନ୍ତି । ୨୦୦୭ ମସିହାରେ ଶ୍ରୀ ପଟ୍ଟନାୟକ ତାଙ୍କ





ଜନ୍ମସ୍ଥାନ ପୁରୀ ଜିଲ୍ଲା କାକଟପୁରରୁ ଆସି ବାପି ସାର୍ଖେଲଙ୍କ ଦ୍ୱାରା ପରିଚାଳିତ ସାର୍କ ଗ୍ରୁପ୍ ମାର୍କେଟିଙ୍ଗ ଲିମିଟେଡ୍‌ରେ ମ୍ୟାନେଜର ଭାବେ ୨୦୧୬ ପର୍ଯ୍ୟ' କାର୍ଯ୍ୟ କରୁଥିଲେ। ଏହି ସମୟ ମଧ୍ୟରେ ଆଇଓସିଏଲ୍‌ରେ କାମ କରୁଥିବା ବିଭିନ୍ନ କମ୍ପାନୀମାନଙ୍କ ଠାରୁ ପ୍ରାୟ ୫୦୦ କୋଟି ଟଙ୍କା ଆସିଥିଲା । ଏହା କମ୍ପାନୀମାନଙ୍କୁ ପ୍ରୋଟେକ୍ସନ ଦେବା ପାଇଁ ଆସୁଥିଲା ବୋଲି ଶ୍ରୀ ପଟ୍ଟନାୟକ ଜାଣିବା ପାଇଥିଲେ । ଶ୍ରୀ ସାର୍ଖେଲ୍ ପାରାଦୀପ ଏରସମା ଶିଳ୍ପାଂଚଳ ବିକାଶ ପରିଷଦ ନାମରେ ଏକ ସଙ୍ଗଠନ ଗଢି ଆଇଓସିଏଲ୍‌ରେ କାମ କରୁଥିବା କମ୍ପାନୀମାନଙ୍କୁ ଭୟଭୀତ କରାଇବାକୁ ସେମାନଙ୍କୁ ପ୍ରୋଟେକ୍ସନ ଗ୍ରୁପ୍‌ରେ ନିଯୁକ୍ତି ଦେଉଥିଲେ । ୨୦୧୬ ମସିହାରେ ରାକେଶ ଏସବୁ ଜାଣି ଶ୍ରୀ ସାର୍ଖେଲଙ୍କଠାରୁ ଦୂରେଯାଇ ନିଜସ୍ୱ ବ୍ୟବସାୟ ଆରମ୍ଭ କରିଥିଲେ । ଏହା ଜାଣିବା ପରେ ଶ୍ରୀ ସାର୍ଖେଲ ଶ୍ରୀ ପଟ୍ଟନାୟକଙ୍କୁ ବାରମ୍ବାର ଡାକିଥିଲେ ମଧ ଶ୍ରୀ ପଟ୍ଟନାୟକ ଯାଇନଥିଲେ । ରାଗରେ ୨୦୧୬ ଜାନୁୟାରୀ ୫ତାରିଖରେ ବାଉରିଆ ପାଳନ୍ଧା ନିକଟରେ ତାଙ୍କ ଗାଡି ଉପରକୁ ଗୁଳିମାଡ ହୋଇଥିଲା। ଶ୍ରୀ ସାର୍ଖେଲ ଲୋକ ଲଗାଇ ଅଭୟଚାନ୍ଦପୁର ଥାନାରେ ମାମଲା ରୁଜୁ କରାଇଥିଲେ । ୨୦୨୩ ମସିହାରେ ବ୍ରିଜ୍ ଆଣ୍ଡ ରୁଫ କମ୍ପାନୀର ତାରିଣୀଗଡା ଗେଷ୍ଟହାଉସ୍‌ରେ ନିଜେ ଗୁଳିକାଣ୍ଡ କରାଇ ନାଟକୀୟ ଢଙ୍ଗରେ ଶ୍ରୀ ପଟ୍ଟନାୟକଙ୍କ ନାମ ଯୋଡା ଯାଇଥିଲା। ଶ୍ରୀ ପଟ୍ଟନାୟକ ନିଜେ ନିଜ ବ୍ୟବସାୟ ଏବଂ ଶ୍ରମିକ ସଙ୍ଗଠନରେ ସକ୍ରିୟ ଥିବା ବେଳେ ତାଙ୍କ ନାମରେ ଥିବା ସମସ୍ତ ମାମଲାର ପୁନଃ ତଦ' କରିବାକୁ ଶ୍ରୀ ପଟ୍ଟନାୟକ ଦାବୀ କରିଛନ୍ତି ।

## ଡିପିଏଲ ଫାଇନାଲ ମ୍ୟାଚରେ କୁଆଁରିଆ ବ୍ଲାଷ୍ଟର ବିଜୟୀ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଗାନ୍ଧି ମଇଦାନ ଠାରେ ଦଶପଲ୍ଲା କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଦଶପଲ୍ଲା ପ୍ରିମିଅର୍ ଲିଗ୍ ସିଜିନ୍ - ୪ର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଆଜି ଡି.ପି.ଏଲ୍ ଫାଇନାଲ୍ ର ପ୍ରଥମ ମ୍ୟାଚରେ ବ୍ୟାଟିଂ କରି କୁଆଁରିଆ ବ୍ଲାଷ୍ଟର ୧୫ ଓଭରରେ ୧୬୦ ରନ୍ ସଂଗ୍ରହ କରିଥିବା ବେଳେ ଇଗଲ୍ସ ଇଲେଭେନ୍ ୧୫ ଓଭରରେ



୧୪୩ ରନ୍ ସଂଗ୍ରହ କରିଥିବା ବେଳେ ଏହି ମ୍ୟାଚଟି କୁଆଁରିଆ ବ୍ଲାଷ୍ଟର ଦଳ ବିଜୟ ଲାଭ କରିଥିଲା। ଏହି ଦଳର ସିତେଶ୍ ମହାନ୍ତି (ସିଟୁ) ୨୬ ବଲରେ ଧୂଆଁଧାର ବ୍ୟାଟିଂ କରି ୫୧ ରନ୍ ସଂଗ୍ରହ କରିଥିଲେ। ଦଶପଲ୍ଲା ପ୍ରିମିଅର୍ ଲିଗ୍ ଟିମ୍ ର ବିଜୟ କୁମାର ନାୟକ, ସୁକାନ୍ତ ବଳିଆରସିଂ, କେଶବ ମିଶ୍ର, ସୁବାସ ଚନ୍ଦ୍ର ମହାନ୍ତି, ସିତେଶ ମହାନ୍ତି, ଆଲୋକ ବେହେରା, ରଜତ ତାରେଣିଆ, ସୁଶାନ୍ତ କୁମାର ମହାପାତ୍ର, ସୁଭାଶିଷ୍ ସାହୁ, ଅମିତ୍ ସାହୁ, କୃଷ୍ଣଚନ୍ଦ୍ର ସିଠ, ପବିତ୍ର ବେହେରା, ରାଧାମାଧବ ବାରିକ, ପ୍ରଶାନ୍ତ ସ୍ୱାଇଁ, ଦିବାକର ବେହେରା ଓ ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଡି.ପି.ଏଲ୍ ଟୁର୍ଣ୍ଣାମେଣ୍ଟ ର ପରିଚାଳନାରେ ସହଯୋଗ କରିଥିଲେ।

## ଫାଶୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଖୁଣ୍ଟାପଡ଼ା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା ଜଣେ ବିବାହିତା ମହିଳା ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ମହିଳା ଖୁଣ୍ଟାପଡ଼ା ଗ୍ରାମର କୁନି ମୁଣ୍ଡା ବୋଲି ଜଣାପଡିଛି। ମୃତର କାରଣ ଘରେଇ କଳହରୁ ହୋଇ ଥିବା ବେଳେ ମୃତର ଖବର ପାଇ ପାଟଣା ପୋଲିସ ଅତିରିକ୍ତ ଥାନା ଅଧିକାରୀ ଲକ୍ଷଣ ମାଝୀ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ଥାନାରେ ୨୮/୨୬ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତ ଦେହ ହସ୍ତାନ୍ତର କରାଯାଇଛି।

## ମିଥ୍ୟା ଅଭିଯୋଗକୁ ଖଣ୍ଡନ କଲେ ଗ୍ରାମବାସୀ

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପାଟଣା ଗ୍ରାମର ବାପ ପୁଅ ଙ୍କ ମିଥ୍ୟା ଅଭିଯୋଗ ବିରୁଦ୍ଧରେ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା କରିଛନ୍ତି। ଗ୍ରାମର ପୁରୁଷ ମହିଳା ଏକତ୍ରିତ ହୋଇ ଏକ ସାମ୍ବାଦିକ ସମ୍ମିଳନୀ ରେ ପାଟଣା ଗ୍ରାମର ହଟ ସାମନ୍ତରାୟ ଏବଂ ପୁଅ ମାନସ ସାମାନ୍ତରାୟ ଙ୍କ ମିଥ୍ୟା ଅଭିଯୋଗ କୁ ଖଣ୍ଡନ କରିଛନ୍ତି। ଅଲଣ୍ଡା ପାଟଣା ପ୍ରାଥମିକ ମତ୍ସ୍ୟଜିବୀ ସମବାୟ ସମିତି ସଭାପତି ଦିବାକର ଦାସ ଏବଂ ସମ୍ପାଦକ ଶରତ କୁମାର ଜାଲି କୁହନ୍ତି ୯୭ ମତ୍ସ୍ୟଜୀବୀ ପରିବାର ର ୩୫୦ ଜଣ ଚିଲିକା ଉପରେ ନିର୍ଭର କରି ଚଳିଥାନ୍ତି। ଚିଲିକା ହେଉଛି ସେମାନଙ୍କ ଭକ୍ଷତହାଣ୍ଡି। ସେମାନେ ମତ୍ସ୍ୟଜୀବୀ ସଂଗଠନ ମାଧମରେ ଚିଲିକା କୁ ଲିଜ ସୂତ୍ରରେ ଆଣି ମାଛ ଧରି ପରିବାର ନିର୍ବାହ କରନ୍ତି। ଏହାକୁ ବିରୋଧ କରି ବାପ ପୁଅ ଗ୍ରାମବାସୀ ଙ୍କ ବିରୁଦ୍ଧରେ ୨୦୧୨ମସିହାରୁ ଅଭିଯୋଗ କରି ହଇରାଣ କରୁଛନ୍ତି। ଗ୍ରାମର ଭଗବାନ ଦାସ, ଦିବାକର ଦାସ, ଶରତ ଜାଲି, ସ୍ୱାଧୀନ ଦାସ, ଦେବଦତ ପ୍ରଧାନ, ଅଖିଳ ଜାଲି, ମହେନ୍ଦ୍ର କରଣ, ଅଭିରାମ ଦାସ ପ୍ରଭୃତି କୁହନ୍ତି ହଟ ସାମନ୍ତରାୟ ଗ୍ରାମର ୪୦ ଏକର ଚିଲିକା କୁ ନିଜ ନାମରେ କରିବାକୁ ପ୍ରୟାସ କରି ଧରା ପଡ଼ିଥିଲେ। ଗ୍ରାମର ସୁମ ଦାସ କୁ ଛୁରା ମାରି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଆର୍ତ୍ତ ତ୍ରାଣ ପ୍ରଧାନ ଙ୍କ ପରିବାର ରାତିରେ ସୋଇଥିବା ସମୟ ରେ ଘରେ ନିଆଁ ଲଗାଇ ଧରା ପଡ଼ିଥିଲେ, ଗ୍ରାମର କିଛି ବ୍ୟକ୍ତି ଙ୍କୁ ମାଓ ବାଦୀ ରେ ସଂଗଠନ ରେ ସାମିଲ କରିବା ପାଇଁ ପ୍ରଚେଷ୍ଟା କରି ଧରା ପଡ଼ିଥିଲେ। ଯୁବକ ମାନଙ୍କ ଖେଳ ସାମଗ୍ରୀ ପୋଡି ନିନ୍ଦା ର ପାତ୍ର ହୋଇଥିଲେ। ଏହିଭଳି ବହୁ ବର୍ବରୋଚିତ କାର୍ଯ୍ୟ କରି ସେ ଗ୍ରାମରୁ ପଳାତକ ହୋଇଛନ୍ତି। ସେ ବାହାରେ ରହି ମିଥ୍ୟା ଅଭିଯୋଗ କରି ଗ୍ରାମବାସୀ ଙ୍କୁ ହଇରାଣ ହରକତ କରୁଛନ୍ତି। ପ୍ରଶାସନ ତଦନ୍ତ କରି ଗ୍ରାମବାସୀଙ୍କୁ ନ୍ୟାୟ ନ ଦେଲେ ଆବାଳ ବୃଦ୍ଧ ବନୀତା ରାଜ ରାସ୍ତାରେ ଆନ୍ଦୋଳନ କରି ସାମୁହିକ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି।





# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଝରିଗାଁ ଶିକ୍ଷକ ନିଗମାନନ୍ଦ ସେନାପତିଙ୍କୁ ରାଜ୍ୟସ୍ତରୀୟ ସାରସ୍ୱତ ସ୍ରଷ୍ଟା ସମ୍ମାନ



ଝରିଗାଁ/(ମହାଭାରତ):ଗତକାଲି ମା ତାରିଣୀ ପୀଠ ଘଟଗାଁ,କେନ୍ଦୁଝର ଠାରେ ଓଡ଼ିଆ ଭାଷା ସାହିତ୍ୟ ର ସୁରକ୍ଷା ପ୍ରସାର ପ୍ରଚାର କ୍ଷେତ୍ର ରେ ଆୟୋଜିତ ରାଜ୍ୟସ୍ତରୀୟ ସାରସ୍ୱତ ସ୍ରଷ୍ଟା ସମ୍ମାନଉତ୍ସବ -୨୦୨୬ ସଂଯୋଗୀସାହିତ୍ୟ ସଂସଦ,କୁଣ୍ଡାପିଠା ଓ ସଂଜୀବନୀ ସାହିତ୍ୟ ସଂସଦ କେନ୍ଦୁଝର ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବ ପାଇଁ ବିଭିନ୍ନ ଜିଲ୍ଲା ରୁ ଆସିଥିବା ସାରସ୍ୱତ ସ୍ରଷ୍ଟା ମାନଙ୍କ ଗହଣ ରେ କବିତାପାଠ ଉତ୍ସବ'ସୁପରିଚିତ ତଥ ବିଙ୍କ ମୁଖ୍ୟ ଅତିଥିପଶ୍ଚିମାଞ୍ଚଳ ସମ୍ବଲପୁର ଜିଲ୍ଲା ଜ୍ୟୋତି ବିହାର ବିଶ୍ୱବିଦ୍ୟାଳୟ ର ଅଧ୍ୟାପିକା ସୁନିତୀ ଦେବତା ଙ୍କ ଦ୍ୱାରାସମ୍ପାଦିତ ହୋଇଥିଲା ।ଏଥିରେ ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ବାବୁଲାଲ ପଲେଇ, ହୃଷୀକେଶ ଦାସ,ସନ୍ତୋଷ କୁମାର ପତି ଏବଂକଣ୍ଡୁରି ଚରଣ ରାଉତ ଇତ୍ୟାଦିମୁଖ୍ୟ ପୁରୋଧା ରୂପେ କାର୍ଯ୍ୟ କରି ଥିଲେ। ଏଥି ସଙ୍ଗେ ସଙ୍ଗେ ଉକ୍ତ ଉତ୍ସବ ରେ ପୁରସ୍କୃତ ସୁଦୂର ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ର ଶିକ୍ଷକ ଶ୍ରୀଯୁକ୍ତ ନିଗମାନନ୍ଦ ସେନାପତି ଙ୍କୁ ମାନପତ୍ର ଉପଢୌକନ ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ରାଜ୍ୟ ସ୍ତରୀୟ ସାରସ୍ୱତ ସ୍ରଷ୍ଟା ସମ୍ମାନ-୨୦୨୬ ରେସମ୍ବର୍ଦ୍ଧିତ କରା ଯାଇଛି ।ସେ ହଳଦିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁ ଶିକ୍ଷକ ତଥା ଏକାଧାର ରେ ଛାତ୍ର ବାତ୍ସଲ୍ୟ ଗୁଣ,କବିତା ଲିଖନ ଶୈଳୀ ତଥାସୂ ଲେଖକ ଭାବେ ନବରଙ୍ଗପୁର ଜିଲ୍ଲା ତଥା ରାଜ୍ୟ ସ୍ତର ରେ ବହୁତ ସମ୍ବର୍ଦ୍ଧିତ ହୋଇ ସୁନାମ ଅର୍ଜନ କରିଛନ୍ତି ।

# ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ

## ମୃତଦେହ ରଖି ରାସ୍ତା ଅବରୋଧ

ବରଗଡ: ବରଗଡ଼ରେ ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ ହୋଇଥିବା ବେଳେ ରାସ୍ତାରୋକ କରାଯାଇଛି ।ଏଭଳି ଅଭିଯୋଗ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ତ୍ରୁଟିପୂର୍ଣ୍ଣ ଚିକିତ୍ସା କାରଣରୁ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଉଠିଛି। ସୂଚନା ଅନୁସାରେ, ମୃତ ମହିଳାଙ୍କ ଘର ଭଟଲି ବ୍ଲକ୍ ଅନ୍ତର୍ଗତ ହାତୀସର୍ ଗାଁରେ। ସେ ଗତ ମେ ୧୩ ତାରିଖରେ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ଆସିଥିଲେ। ତାଙ୍କ ସ୍ଥିତି ଅବନତି ହୋଇ ଶେଷରେ ମୃତ୍ୟୁ ଘଟିଛି ।ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ଚିକିତ୍ସାରେ ତ୍ରୁଟି ହେବାରୁ ତାଙ୍କ ସ୍ଥିତିରେ ଅବନତି ହୋଇ ଶେଷରେ ମୃତ୍ୟୁ ଘଟିଛି । ଏହି ଘଟଣା ପରେ ପରିବାର ଲୋକେ ଚିକିତ୍ସାଳୟ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଘଟଣାର



ପ୍ରତିବାଦରେ ଆଜି ଗୋଶାଳା ଛକରେ ମୃତଦେହ ରଖି ଆନ୍ଦୋଳନ କରାଯାଇଛି। ଆନ୍ଦୋଳନକାରୀମାନେ ଦୋଷୀ ଡାକ୍ତର ଓ ହସ୍ପିଟାଲ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣୀ ଜିଲ୍ଲାପାଳ ଓ ଏସପି ଅନୁପସ୍ଥିତ



ଅସ୍ତରଙ୍ଗ(ମହାଭାରତ) : ଆଜି ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଅଭିଯୋଗ କରିବାକୁ ଆସିଥିବା ବ୍ୟକ୍ତିବିଶେଷ ବାହାରେ ନିଜର ନାମ ପଞ୍ଜିକରଣ କରି ଅଭିଯୋଗ କରିଥିଲେ। ମାତ୍ର ୩୬ ଟି ଅଭିଯୋଗ ଗ୍ରହଣ ହୋଇଥିଲା ବେଳେ କରି ତାକୁ ତର୍ଜମା କରିବା ସହ ଜଣ ଜଣକୁ ବ୍ୟକ୍ତିଗତ ଭାବେ ଡାକି ଅଭିଯୋଗ ଶୁଣିବା ଓ ଆବଶ୍ୟକ ସ୍ଥଳେ ସମାଧାନ ପାଇଁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଏହାକୁ ହସ୍ତାନ୍ତର କରାଯାଇଥିଲା ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅଭିଯୋଗ ଶୁଣାଣି କରିଥିଲେ,ଅଭିଯୋଗ ମଧ୍ୟରେ ଭତ୍ତା,ପାନୀୟ ଜଳ ସମସ୍ୟା,ଶିକ୍ଷା,ସ୍ୱାସ୍ଥ୍ୟ,ଉନ୍ନୟମୂଳକ କାର୍ଯ୍ୟ,ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ ,ଅବକାରୀ,ମିଶନ ଶକ୍ତି,ସମନ୍ୱିତ ମହିଳା ଶିଶୁ ବିକାଶ , ଜଳସେଚନ ବିଭାଗ ବିପର୍ଯ୍ୟସ୍ତ ବିଦ୍ୟୁତସେବା, ପରିବହନ ବିଭାଗ ସମେତ ଅନ୍ୟାନ୍ୟ ସମସ୍ୟାକୁ ଭିତିକରି ଲୋକମାନେ ଅଭିଯୋଗ କରିଛନ୍ତି । ଅଭିଯୋଗକାରୀଙ୍କୁ ବ୍ୟକ୍ତିଗତ ଭାବେ ଡାକି ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା । ଏଥିସହ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ କେତେକ ଅଭିଯୋଗକୁ ସମ୍ପୃକ୍ତ ବିଭାଗର ମୁଖ୍ୟ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି,ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ଆରତୀ ନାୟକ,ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା, ନିମାପଡା ଏସଡିପିଓ ଜନାର୍ଦନ ପାଢ଼ୀ ,ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି,ଜିଲ୍ଲା ଓ ବ୍ଲକସ୍ତରୀୟ ବିଭାଗର ପଦାଧିକାରୀ ଅଧିକାରୀମାନେ ଯୋଗଦେଇଥିଲେ ସବୁଠାରୁ ବଡ଼କଥା ହେଲା ଅଭିଯୋଗ ଶୁଣାଣି କାର୍ଯ୍ୟ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ହୋଇଥିଲା ବେଳେ ଏଥର ଅଭିଯୋଗ ସଂଖ୍ୟା କମିଛି ସକାଳୁଆ ଅଫିସ୍ ,ପ୍ରବଳ ଗୁଳୁଗୁଳି , ବାରମ୍ବାର ଅଭିଯୋଗ କରି ସମାଧାନ ନହେବା, ଜନଶୁଣାଣୀରେ ଜିଲ୍ଲାପାଳ ଓ ଏସପିଙ୍କ ଅନୁପସ୍ଥିତ ଦେଖି ବହୁ ଲୋକ ଅଭିଯୋଗ କରିବାକୁ ଅନିଚ୍ଛା ପ୍ରକାଶ କରିଆସୁଛନ୍ତି । ଅଭିଯୋଗ ସମାଧାନ ହେଉ କି ନହେଉ, ଲୋକଙ୍କର ଆଶା ଜିଲ୍ଲାପାଳଙ୍କୁ ଭେଟି ନିଜର ଦୁଃଖ ଜଣାଇଲେ ଏକ ପ୍ରକାର ସାନ୍ତ୍ୱନା ମିଳିବ କିନ୍ତୁ ଜିଲ୍ଲାପାଳଙ୍କ ଅନୁପସ୍ଥିତ ଦେଖି କେତେକ ଅଭିଯୋଗକାରୀ ମୁହଁ ଫେରାଇବା ଓ ଜନଶୁଣାଣୀ କାର୍ଯ୍ୟକ୍ରମ ଏକ ପ୍ରହାସହନରେ ପରିଣତ ହୋଇଛି ବୋଲି କେତେକ କୁହନ୍ତି ।

## ଖଜୁରୀପଡ଼ା ଠାରୁ ଗୋପାଳପୁର ପର୍ଯ୍ୟନ୍ତ ନୂତନ ମାର୍ଗରେ ସରକାରୀ ବସ୍ ସେବାର ଶୁଭାରମ୍ଭ



କନ୍ଧମାଳ(ମହାଭାରତ): ଆଦିବାସୀ ଅଧ୍ୟୁଷିତ ରେଳ ବିହୀନ କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ଓ ଫୁଲବାଣୀ ଠାରୁ ବ୍ରହ୍ମପୁର ଏବଂ ଗୋପାଳପୁର କୁ ସିଧାସଳଖ ଯାତାୟାତ ପାଇଁ କୌଣସି ସରକାରୀ ବସ୍ ଚଳାଚଳ ର ସୁବିଧା ନ ଥିବାରୁ ଜନସାଧାରଣ ମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ଉକ୍ତ ମାର୍ଗରେ ସରକାରୀ ବସ୍ ଚଳାଚଳ ପାଇଁ ଜିଲ୍ଲାର ସମାଜସେବୀ ରାଜେଶ କୁମାର ବର୍ଗର୍ତ୍ତୀ ମାନ୍ୟବର ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ଓ ସଚିବ ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ ସାଧାରଣ ପରିଚାଳକଙ୍କୁ ବାରମ୍ବାର ଚିଠି ପତ୍ର ଲେଖି ଅବଗତ କରାଇବା ସହ ସାକ୍ଷାତ କରି କି ଆଲୋଚନା କରିବା ପରେ ସୋମବାର ଦିନ ଖଜୁରୀପଡ଼ା ଠାରୁ ଗୋପାଳପୁର ପର୍ଯ୍ୟନ୍ତ ଭାୟା-ଫୁଲବାଣୀ, ଶଙ୍କରାଖୋଲ, ଟିକାବାଲି , ତଲାରିମାହା, କଳିଙ୍ଗା, ମୁଜାଗଡ଼, ଭଞ୍ଜନଗର , ଆସିକା, ହିଞ୍ଜିଳିକାଟୁ ଏବଂ ବ୍ରହ୍ମପୁର ଦେଇ କି ନୂତନ ମାର୍ଗରେ ନୂତନ ଶୀତତାପ ନିୟନ୍ତ୍ରିତ ସରକାରୀ ବସ୍ ଚଳାଚଳ ର ଶୁଭାରମ୍ଭ ହୋଇଛି । ଉକ୍ତ ବସ୍ ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ, ବରିଷ୍ଠ ନାଗରିକ ସଂଘର ସଦସ୍ୟ, ଜିଲ୍ଲା ପରିବହନ ପରିଚାଳକ, ସହ-ପରିଚାଳକ ଉପସ୍ଥିତ ଥିଲେ ଯ ପ୍ରତିଦିନ ଦିନ ବସ୍ ଟି ୧୨:୦୫ ମିନିଟ୍ ସମୟରେ ଖଜୁରୀପଡ଼ା ଠାରୁ ଛାଡ଼ିବ, ଫୁଲବାଣୀ ଠାରୁ ଦିନ ୦୧:୨୨ ସମୟରେ ରେ ଛାଡ଼ି ବ୍ରହ୍ମପୁର ଠାରେ ସନ୍ଧ୍ୟା ୦୬:୧୦ ଏବଂ ଗୋପାଳପୁର ଠାରେ ସନ୍ଧ୍ୟା ୦୬:୫୦ ସମୟରେ ପହଞ୍ଚିବ । ସେହିପରି ରାତି ୦୯:୧୦ ସମୟରେ ଗୋପାଳପୁର ଛାଡ଼ିବ, ବ୍ରହ୍ମପୁର ଠାରୁ ରାତି ୧୦:୦୦ ଟା ସମୟରେ ଛାଡ଼ି, ରାତି ୦୩ ଟା ସମୟରେ ଫୁଲବାଣୀ ପହଞ୍ଚିବ ଏବଂ ଖଜୁରୀପଡ଼ା ଠାରେ ରାତି ଭୋର୍ ୦୪.୦୯ ରେ ପହଞ୍ଚିବ । ଦୀର୍ଘ ଦିନର ଦାବି ପରେ ଉକ୍ତ ମାର୍ଗରେ ନୂତନ ସରକାରୀ ବସ୍ ଚଳାଚଳ କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ବିଭାଗୀୟ ମନ୍ତ୍ରୀ, ସଚିବ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ସାଧାରଣ ପରିଚାଳକ ଏବଂ ଜିଲ୍ଲା ପରିବହନ ପରିଚାଳକ ଓ ସହ-ପରିଚାଳକଙ୍କୁ ରାଜେଶ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଆଗକୁ କନ୍ଧମାଳ ଜିଲ୍ଲାର ବିଭିଉ ସ୍ଥାନରୁ ରାଜ୍ୟର ବିଭିନ୍ନ ପ୍ରମୁଖ ସହର ଗୁଡ଼ିକକୁ ସରକାରୀ ବସ୍ ଚଳାଚଳ ପାଇଁ ଉଦ୍ୟମ ଜାରି ରହିଛି ବୋଲି ରାଜେଶ କହିଛନ୍ତି ।

## ଲକ୍ଷ୍ମୀପୁରରେ କଂଗ୍ରେସର ପ୍ରତିବାଦ ସଭା ସ୍ଥଗିତ

ଲକ୍ଷ୍ମୀପୁର,: ମଙ୍ଗଳବାର ଦିନ ଲକ୍ଷ୍ମୀପୁରରେ ଆୟୋଜିତ ହେବାକୁ ଥିବା କଂଗ୍ରେସର ବିଶାଳ ପ୍ରତିବାଦ ସଭାକୁ ସ୍ଥଗିତ ରଖାଯାଇଥିବା ସୂଚନା ଲକ୍ଷ୍ମୀପୁର ବିଧାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଛି। ଅଞ୍ଚଳର ବର୍ତ୍ତମାନ ପରିସ୍ଥିତିକୁ ନଜରରେ ରଖି ଏହି ସଭାକୁ ସାମୟିକ ଭାବେ ବାତିଲ କରାଯାଇଥିବା କୁହାଯାଇଛି। ସୂଚନା ଅନୁସାରେ, ଗତ ୨ ତାରିଖ ଦିନ ବିଜେପିର ଲକ୍ଷ୍ମୀପୁର ଶାଖା ପକ୍ଷରୁ ସାଂସଦ ଓ ବିଧାୟକଙ୍କ ବିରୋଧରେ ଏକ ରାଲି କରାଯାଇଥିଲା। ଏହି ରାଲିରେ ବିଭିନ୍ନ ପ୍ରସଙ୍ଗରେ ଆପତ୍ତିଜନକ ମନ୍ତବ୍ୟ ଦିଆଯିବା ସହ ସାଂସଦ ଓ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହାର ପ୍ରତିବାଦ ସ୍ୱରୂପ ଗତ ୫ ତାରିଖରେ ଲକ୍ଷ୍ମୀପୁରରେ ନିର୍ବାଚନ ମଣ୍ଡଳୀର ଚାରିଟି ବ୍ଲକର ସଭାପତି, ସାଂସଦ ପ୍ରତିନିଧି ଓ ପଞ୍ଚାୟତ ସଭାପତିମାନଙ୍କୁ ନେଇ ଏକ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ଆଣାଯାଇଥିବା ଅପପ୍ରଚାର ଅଭିଯୋଗ ଏବଂ କୁଶପୁତ୍ତଳିକା ଦାହ ଘଟଣାକୁ ନିନ୍ଦା କରାଯାଇଥିଲା। ସେଥିସହ ଏହାର ପ୍ରତିବାଦରେ ଆସନ୍ତା ମଙ୍ଗଳବାର ଚାରିଟି ବ୍ଲକର ହଜାର ହଜାର କଂଗ୍ରେସ କର୍ମୀଙ୍କୁ ନେଇ ଏକ ବିଶାଳ ପ୍ରତିବାଦ ସଭା କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଗତ ଶନିବାର ଦିନ ଲକ୍ଷ୍ମୀପୁରର ଲେଲି ସାହିର କିଛି ଯୁବକ ବଡସଙ୍ଗାର ବିଟୁ ନାମକ ଜଣେ ଯୁବକଙ୍କୁ ଛୁରୀଭୁଷା କରିଥିବା ଘଟଣାକୁ କେନ୍ଦ୍ର କରି ରବିବାର ଦିନ ଉତ୍ତେଜନା ସୃଷ୍ଟି ହୋଇଥିଲା। ଆହତ ବିଟୁଙ୍କ ଗାଁ ଓ ଅଞ୍ଚଳବାସୀ ଲକ୍ଷ୍ମୀପୁର ସ୍ଥିତ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଟାୟର ଜାଳି ପ୍ରତିବାଦ କରିଥିଲେ। ଏହାସହ କିଛି ଦୋକାନ ଘର ଭଙ୍ଗାରୁଜା ହୋଇଥିବା ସୂଚନା ମିଳିଛି। ଏହି ଘଟଣା ପରେ ଲକ୍ଷ୍ମୀପୁର ଅଞ୍ଚଳର ଆଇନ-ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କଂଗ୍ରେସ ପକ୍ଷରୁ ମଙ୍ଗଳବାର ଦିନ ହେବାକୁ ଥିବା ପ୍ରତିବାଦ ସଭାକୁ ସ୍ଥଗିତ ରଖାଯାଇଥିବା ବିଧାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ବିନ୍ଦୁପ୍ରିୟାଙ୍କୁ ମିଳିଲା ଦୂରଦର୍ଶନ ସମ୍ମାନ

ପାରଳାଖେମୁଣ୍ଡି, : ଗଜପତି ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ପାରଳାଖେମୁଣ୍ଡିର ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ପ୍ରଶିକ୍ଷିକା ବିନ୍ଦୁପ୍ରିୟା ବେହେରା। ପଦାମୃତ ନୃତ୍ୟାୟନ ଅନୁଷ୍ଠାନ ସହ ଜଡ଼ିତ ବିନ୍ଦୁପ୍ରିୟା ନୂଆଦିଲ୍ଲୀସ୍ଥିତ ପ୍ରସାର ଭାରତୀ ଅଧୀନ ଦୂରଦର୍ଶନ ମହାନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ସମ୍ମାନଜନକ କଳାକାର ମାନ୍ୟତା ହାସଲ କରିଛନ୍ତି। ଦୀର୍ଘ ବର୍ଷର ସାଧନା, ନିଷ୍ଠା ଓ ପରିଶ୍ରମର ଫଳସ୍ୱରୂପ ମିଳିଥିବା ଏହି ସଫଳତା କେବଳ ତାଙ୍କ ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ବରଂ ସମଗ୍ର ଗଜପତି ଜିଲ୍ଲାର ସାଂସ୍କୃତିକ ଗୌରବର ପ୍ରତୀକ ବୋଲି ମତ ପ୍ରକାଶ ପାଇଛି। ଜଣେ ଦକ୍ଷ ନୃତ୍ୟଶିଳ୍ପୀ ଓ ପ୍ରଶିକ୍ଷିକା ଭାବେ ସେ ଅନେକ ନୂତନ ପ୍ରତିଭାଙ୍କୁ ଗଢ଼ି ତୋଳିଛନ୍ତି। ବିନ୍ଦୁପ୍ରିୟାଙ୍କ ଏହି କୃତିତ୍ୱ ଯୁବ ନୃତ୍ୟଶିଳ୍ପୀଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଥିବା ବେଳେ କ୍ରିଏଟିଭ ଆର୍ଟ୍ସ ସଭାପତି ନୃସିଂହ ଚରଣ ପଟ୍ଟନାୟକ, ଗୁରୁ ରଘୁନାଥ ପାତ୍ର, ଯୁବ କଳାକାର ଆଦର୍ଶ ଦାସ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ସେ ଆହୁରି ସଫଳତା ହାସଲ କରି ଗଜପତି ଓ ଓଡ଼ିଶାର ନାମ ଉଜ୍ଜଳ କରିବେ ବୋଲି ଆଶା ପ୍ରକାଶ ପାଇଛି।

## ଚୋରି କରିବା ଘଟଣାରେ ଅଭିଯୁକ୍ତଙ୍କୁ ତିନି ବର୍ଷ ସଜା

ଗଜପତି(ମହାଭାରତ): ଦିନକୁ ଦିନ ସମାଜରେ ଚୋରି ବଢ଼ିବାରେ ଲାଗିଛି। ସେଇଭଳି ଏକ ମାମଲା ଗତବର୍ଷ ନଭେମ୍ବର ମାସରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ରାଣୀପେଣ୍ଟ ସ୍ଥିତ ସିମ୍ହା ନଗରରେ ଘଟିଯାଇଥିଲା। ଯେଉଁ ମାମଲାର ଶୁଣାଣି କରି ଆଜି ପାରଳାଖେମୁଣ୍ଡି ଏସଡ଼ିଜେଏମ୍ ସୁଶ୍ରୀ ଗାୟତ୍ରୀ ମିଶ୍ର ଅଭିଯୁକ୍ତ ସଞ୍ଜୟ ଗାନ୍ଧୀ କଲୋନୀ ନିବାସୀ ମଙ୍ଗଳମ ଓ ଦୋଳବନ୍ଧ ନିବାସୀ ଏନ. ନାଗରାଜୁଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୫ ତଥା ୩୩୧ (୩)ରେ ଦୋଷୀ ସାବ୍ୟସ୍ତ କରି ପୃଥକ ପୃଥକ ଭାବେ ତିନି ବର୍ଷର ସଶ୍ରମ କାରାଦଣ୍ଡ ସହ ଏକ ହଜାର ଟଙ୍କାର ଜୋରିମାନାରେ ଅଭିଯୁକ୍ତ ଦ୍ୱୟଙ୍କୁ ଦଣ୍ଡିତ କରିଛନ୍ତି ।ସରକାରଙ୍କ ପକ୍ଷରୁ ଏପିପି କାଶୀନାଥ ଦାସ ଏହି ମାମଲାର ସଫଳ ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଏହି ମାମଲାଟିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଥିଲେ ।ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବର ୨୦ ତାରିଖ ଦିନ ମଧ୍ୟାହ୍ନ ଦୁଇ ଘଣ୍ଟା ସମୟରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ରାଣୀପେଣ୍ଟ ସ୍ଥିତ ସିମ୍ହା ନଗରର ଏତଲାକାରି ଅଟୋ ଚାଳକ କର୍ଣ୍ଣମ ସୀମାଦ୍ରୀଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଉପରୋକ୍ତ ଦୁଇ ଆସାମୀ ଘରର ତାଲା ଭାଙ୍ଗି ଘର ଭିତରେ ପଶି ଚୋରି କରୁଥିଲେ। ଦିବା ପ୍ରାୟ ୨.୩୦ମିନିଟ ସମୟରେ ଯେତେବେଳେ ଏତଲାକାରି ଘରକୁ ଆସି ତାଲା ଭଙ୍ଗା ଯାଇଥିବାର ଦେଖିଲେ, ସେତିକିବେଳେ ସେ ପାଟି କରିବାରୁ ଘର ଭିତରୁ ଶବ୍ଦ ଆସିବା ଶୁଣି ବାହାରୁ କବାଟ ବନ୍ଦ କରିଦେଇଥିଲେ । ସାହି ଲୋକ ଜମା ହେବା ପରେ ପୋଲିସକୁ ଖବର ଦେବା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପୂର୍ବକ ସେଠାରେ ପହଞ୍ଚି କବାଟ ଖୋଲି ଦେଖିଥିଲେ ଯେ, ଉପରୋକ୍ତ ଦୁଇ ଆସାମୀ ଭିତରେ ରହିଛନ୍ତି ।

## ମାଙ୍କଡା ପଥର ଖଣି ଉପରେ ଚଢ଼ଉ ୬ ଗାଡ଼ି ଓ ଗୋଟିଏ ପାୱାରଟିଲର ଜବତ

ବେଗୁନିଆ: ବେଆଇନ ମାଙ୍କଡା ପଥର ଖଣିରେ ଜିଲ୍ଲା ଖଣି ବିଭାଗର ଅତର୍କିତ ଚଢ଼ଉ । ମାଙ୍କଡା ପଥର ବୋଝେଇ ୫ଟି ମିନିଟ୍ରକ, ଗୋଟିଏ ଟ୍ରାକ୍ଟର ସହ ପାୱାରଟିଲର ଜବତ। ଜବତ ଗାଡ଼ିଗୁଡ଼ିକୁ ବେଗୁନିଆ ତହସିଲ ଜିମା ଦେଲେ ଖଣି ଅଧିକାରୀ । ଆଜି ସକାଳୁ ସକାଳୁ ଚାଲିଥିଲା ବେଆଇନ ମାଙ୍କଡା ପଥର ଖଣିରୁ ପଥର ଚାଲାଣ ଯ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲା ଖୋର୍ଦ୍ଧା ଖଣି ବିଭାଗର ସ୍ୱତନ୍ତ୍ର ଟିମ ।ଟିମ ଚଢ଼ଉ ଦେଖି ଛତ୍ରଭଙ୍ଗ ଦେଇଥିଲେ ଖଣି ମାଫିଆ । ମାଙ୍କଡା ପଥର ବୋଝେଇ ୫ଟି ମିନିଟ୍ରକ, ଗୋଟିଏ ଟ୍ରାକ୍ଟର ଓ ପଥର କାଟୁଥିବା ପାୱାରଟିଲରକୁ ଜବତ କରି ୧୧୨ ଙ୍କୁ ଖବର ଦେଇଥିଲା ଖଣିବିଭାଗ । ଚଢ଼ଉ ପୂର୍ବରୁ ପୁଲିସକୁ ଖବର ଦେଲେ କାରଣ ପୂର୍ବରୁ ସୂଚନା ଦେଇ ଖଣିବିଭାଗ ଚଢ଼ଉ କଲେ ଖଣି ମାଫିଆମାନେ ସୂଚନା ପାଇଯାଉଛନ୍ତି । ଫଳରେ ଆଜି କାହାକୁ ଖବର ନଦେଇ ଖଣି ବିଭାଗ ଭୋରୁ ଭୋରୁ ଚଢାଉ କରିଥିଲା । ବେଗୁନିଆ ଥାନା ରାଉତପଡା ର ପାଟଂପା ଖଣି ରେ ବେଆଇନ ପଥର କଟା ଚାଲୁଥିବା ବେଳେ ଖଣିବିଭାଗ ଚଢାଉ କରି ଗାଡ଼ି ଜବତ କରି ତହସିଲ ଜିମା ଦେଇଥିଲା ଖଣିବିଭାଗ । ଏହିପରି ଆଗକୁ ବେଆଇନ ଖଣି ଉପରେ ଖଣିବିଭାଗ ଅତର୍କିତ ଚଢ଼ଉ କରି ରାଜସ୍ୱ ଲୁଟ୍ ରୋକାଯିବ ବୋଲି ଖଣି ଅଧିକାରୀ କହିଛନ୍ତି । ଏହି ଚଢ଼ଉରେ ଖୋର୍ଦ୍ଧା ସହକାରୀ ଖଣି ଅଧିକାରୀ ପ୍ରେମାନନ୍ଦ ବେହେରା ଓ କନିଷ୍ଠ ଖଣି ଅଧିକାରୀ ବିଶ୍ୱଜିତ ସାହୁ ସାମିଲ ହେଇଥିଲେ।

## କୁମାର ଗୁଡା ଠାରେ ଏସ୍ ବିଆଇ ଗ୍ରାମ ସକ୍ଷମ' ପ୍ରକଳ୍ପର ସଚେତନତା ସଭା

ଲାଞ୍ଜିଗଡ(ମହାଭାାରତ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ଲାଖବାହାଲି ପଞ୍ଚାୟତର କୁମାରଗୁଡା ଠାରେ ଏସବିଆଇ ଓ ଗ୍ରାମ ସକ୍ଷମ ପ୍ରକଳ୍ପ ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ସଭାରେ ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡ଼ ସଚିନନ୍ଦନ ସେନାପତି, ଡ଼ ବିବେକ ସାହୁ ଏବଂ ସ୍ୱାସ୍ଥ୍ୟ ସମ୍ପର୍କ ସଂଯୋଜକ କର୍ଣ୍ଣ ସାହୁ ଯୋଗଦେଇ ପରିବେଶ ଓ ଲୋକମାନଙ୍କ ଜୀବନ ଜୀବିକା ତଥା ବିକାଶ ଦିଗରେ ସ୍ଥାୟୀ ସମୃଦ୍ଧି ପାଇଁ ବାର୍ତ୍ତା ଦେଇଥିଲେ। ଏସବିଆଇ ଓ ଗ୍ରାମ ସକ୍ଷମ ପ୍ରକଳ୍ପ ଦ୍ୱାରା ପରିଚାଳିତ ୧୦ଟି ଗାଁରେ ପରିବେଶ ସନ୍ତୁଳନ ଏବଂ ଗ୍ରାମୀଣ ଜୀବିକା ବିକାଶକୁ ଅଧିକ ସୁଦୃଢ଼ କରିବା ପାଇଁ କାର୍ଯ୍ୟକ୍ରମ ଜାରି ରହିଛି ।ଜଳ ସଙ୍କଟ,କୃଷିରେ ଉତ୍ପାଦନ ବୃଦ୍ଧି ଓ ବର୍ଷା ଉପରେ ନିର୍ଭରଶୀଳ ଚାଷକୁ ମୁକ୍ତ କରିବା ଲକ୍ଷ୍ୟରେ ଏହି ପ୍ରକଳ୍ପର କାର୍ଯ୍ୟକ୍ରମ ମାନ ଜାରି ରହିଥିବା ବେଳେ ଜଳ ସଂରକ୍ଷଣ,ବୃକ୍ଷରୋପଣ, ପରିବେଶ ଅନୁକୂଳ ନବୀକରଣ ଓ ସୌରଚାଳିତ ଜଳସେଚନ ବ୍ୟବସ୍ଥା ମାଧ୍ୟମରେ ସ୍ଥାୟୀ କୃଷି ତଥା ଜୈବିକ କୃଷି, ଭୂତଳ ଜଳସ୍ତର ବୃଦ୍ଧି ଦିଗରେ ଏସବିଆଇ ଗ୍ରାମ ସକ୍ଷମ' ପ୍ରକଳ୍ପ ପ୍ରୋତ୍ସାହିତ କରୁଛି । ଏସବିଆଇ ଫାଉଣ୍ଡେସନ୍ର ଆର୍ଥିକ ସହାୟତା ଓ ଗ୍ରାମ ବିକାଶର ବୈଷୟିକ ଜ୍ଞାନକୌଶଳରେ ୫ଟି ଗାଁ ଥୁଆଙ୍ଗପଦର, ରୁଘାଗୁଡା, ଲେରମୁହିଁ, ତାଳବୋରା ଏବଂ ରଙ୍ଗିଗୁଡାରେ ୨୦୨୨ ରୁ ୨୦୨୪ ପର୍ଯ୍ୟନ୍ତ ଗ୍ରାମ ସେବା ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା, ସେହିପରି ବର୍ତମାନ ୫ଟିଗାଁ ଘାଟିକୁଣ୍ଡୁର, ବାରଗୁଡ଼ା, କନ୍ଧସାରଲି, କୁଟିଙ୍ଗପଦର, କମଲେଇକୁ ଅନ୍ତର୍ଭୁକ୍ତ କରି ମୋଟ ୧୦ଟି ଗାଁରେ ୨୦୨୬ ଡିସେମ୍ବର ପର୍ଯ୍ୟନ୍ତ ଗ୍ରାମ ସକ୍ଷମ ପ୍ରକଳ୍ପ ଚାଲୁରହିବ। ଏହି ଅବସରରେ ସଚେତନତା ସ୍ଲୋଗାନ ସହିତ ଗ୍ରାମ ପରିକ୍ରମା କରାଯାଇଥିଲା ।ଉକ୍ତ ସଭାରେ ଗ୍ରାମ ଉନ୍ନୟନ କମିଟିସଦସ୍ୟ,ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବ ଗୋଷ୍ଠୀ, ଆଶା, ଅଙ୍ଗନୱାଡ଼ି କର୍ମୀ, ଚାଷୀ ସଂଗଠନର ସଦସ୍ୟ ସମେତ ଗ୍ରାମବାସୀ ଓ ଗ୍ରାମବିକାଶର କର୍ମୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜଳବାୟୁ,ଭୂମି ପୁନରୁଦ୍ଧାର,ମୃତିକା ଓ



ଭୂତଳ ଜଳସ୍ତର ବୃଦ୍ଧିକୁ ପ୍ରାଧାନ୍ୟ ଦିଆଯାଇ ୩୩ ଏକର ପରିମିତ ଜମିରେ ୪୦୪୦ଟି ଏସସିଟି, ୧୨ ଏକର ଜମିରେ ଫିଲ୍ଡ ବଣ୍ଡ୍, ୧୦ ଏକରରେ ୫୬୬୦ଟି ବୃକ୍ଷରୋପଣ କରାଯାଇଛି । ଏହି ପଦକ୍ଷେପ ଯୋଗୁ ୫ଟି ଗ୍ରାମର ୩୭୫ଟି ପରିବାର ଉପକୃତ ହୋଇ ଥିବା ବେଳେ ୫ଟି ସାମୁଦାୟିକ ପୋଖରୀର, ୩ଟି କୃଷି ଭିତ୍ତିକ ପୋଖରୀ ପୁନରୁଦ୍ଧାର ସହିତ ଜଳଧାରଣ କ୍ଷମତା ବୃଦ୍ଧି କରାଯାଇଛି । ଯେଉଁଥିରେ କୃଷକମାନେ ବର୍ଷା ଜଳ ସଂରକ୍ଷଣ କରି ଜଳସେଚନ, ପଶୁପାଳନ ଓ ଅନ୍ୟ କୃଷି କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଏବେ ୬ଟି ଗ୍ରାମର ୬୧ ଏକର ଚାଷଜମି ଜଳସେଚନର ସୁବିଧା ହୋଇପାରିଛି । ସେହିପରି କୃଷକମାନଙ୍କ ଆଧୁନିକ ଉପକରଣ ହଳ ପାଇଁ ଯନ୍ତ୍ର, ମଞ୍ଜିବୁଣା ଯନ୍ତ୍ର,ଔଷଧ ସେଚକ ଏବଂ ଶସ୍ୟ ଅମଳ କରିବା ଯନ୍ତ୍ର ମାଗଣାରେ ବ୍ୟବହାର କରି ଉତ୍ପାଦନ ଖର୍ଚ୍ଚ କମ୍ କରିପାରିବରେ ସଫଳ ହୋଇପାରିଛି ।

## ୭୨ ବର୍ଷ ବୟସ୍କ ବାପାଙ୍କୁ ନିର୍ମମ ଭାବରେ ପିଟିଲା ପୁଅ

ନୂଆଦିଲ୍ଲୀ : ମୋ ପୁଅକୁ ଛାଡିଦିଅ, ସେ କିଛି ଭୁଲ କରିନାହିଁ। ଏହା ଜଣେ ବାପାଙ୍କ ପ୍ରେମ ଯାହା ତାଙ୍କୁ ଏହା କହିବାକୁ ବାଧ କରିଛି। ଉତ୍ତର ପ୍ରଦେଶର ସହାରନପୁରରେ, ଜଣେ ପୁଅ ତାଙ୍କ ୭୨ ବର୍ଷ ବୟସ୍କ ବୃଦ୍ଧ ବାପାଙ୍କୁ ସର୍ବସମ୍ମୁଖରେ ପିଟିଥିଲା। ସେ ତାଙ୍କୁ ଗାଳି ଦେଇଥିଲେ, ଚାପୁଡ଼ା ମାରିଥିଲା ଏବଂ ଗଳା ଚିପି ଥିଲା। ଏହି ଲଜ୍ଜାଜନକ କାର୍ଯ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ତେଣୁ ପୁଲିସ ତାଙ୍କୁ ଗିରଫ କରି ଜେଲରେ ପକାଇ ଦେଇଥିଲା। କିନ୍ତୁ ଏବେ ବୃଦ୍ଧ ବାପା ତାଙ୍କ ପୁଅକୁ ମୁକ୍ତ କରିବା ପାଇଁ ପୁଲିସକୁ ନିବେଦନ କରିଛନ୍ତି । ଏହି ଲଜ୍ଜାଜନକ ଘଟଣାଟି ସହାରନପୁର ଜିଲ୍ଲାର କୁତୁବଶେର ଥାନା ଅଞ୍ଚଳରେ ଅବସ୍ଥିତ ମାନକାମୋରୁ ସାମ୍ନାକୁ ଆସିଛି। ଜଣେ ପୁଅ ତାଙ୍କ ବାପାଙ୍କୁ ନିର୍ମମ ଭାବରେ ପିଟୁଥିବା ଘଟଣା ସିସିଟିଭିରେ ରେକର୍ଡ ହୋଇଛି, ଏବଂ ଭିଡିଓଟି ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି। ଭାଇରାଲ ଭିଡିଓରେ, ବୃଦ୍ଧ ହାଜି ତହସିନଙ୍କୁ ରାସ୍ତା ମଝିରେ ତାଙ୍କ ପୁଅ ଗୁଲଫିଶାନଙ୍କ ସହ ଝଗଡ଼ା କରୁଥିବାର ଦେଖିବାକୁ ମିଳୁଛି। ଭିଡିଓରେ, ପୁଅ ତାଙ୍କ ବାପାଙ୍କୁ ଚାପୁଡ଼ା ମାରିବା ସହ ଗଳା ଚିପିବାକୁ ମଧ ଚେଷ୍ଟା କରୁଛି । ଘଟଣାର ଭିଡିଓ ପ୍ରକାଶ ପାଇବା ପରେ ଲୋକମାନେ ଉତ୍ତେଜିତ ହୋଇ ପୁଅ ଗୁଲଫିଶାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିବା ଆରମ୍ଭ କରିଦେଇଥିଲେ । ସୋସିଆଲ ମିଡିଆରେ ସହାରନପୁର ପୁଲିସକୁ ଟ୍ୟାଗ୍ କରିଥିଲେ। କୁହାଯାଉଛି ଯେ, ଘରୋଇ ବିବାଦ ଯୋଗୁଁ ବାପା ଏବଂ ପୁଅ ମଧରେ ଝଗଡ଼ା ହୋଇଥିଲା, ଯାହା ଫଳରେ ପୁଅ ତାଙ୍କ ବାପାଙ୍କୁ ପିଟିଥିଲା। ଭିଡିଓ ଭାଇରାଲ ହେବା ପରେ, ପୁଲିସ ଖବର ପାଇ ଅଭିଯୁକ୍ତ ପୁଅକୁ ଅଟକ ରଖି ପୁଲିସ ଷ୍ଟେସନକୁ ଆଣି ପଚରାଉଚରା ଆରମ୍ଭ କରିଥିଲା। ପୁଲିସ ଅଧିକାରୀମାନେ କହିଛନ୍ତି ଯେ, ଏହି ଘଟଣାର ତଦନ୍ତ କରାଯାଉଛି। ଏହି ସମୟରେ, ସେମାନେ ବୃଦ୍ଧ ହାଜି ତହସିନଙ୍କ ଠାରୁ ଏକ ଫୋନ୍ କଲ୍ ପାଇଛନ୍ତି। ସେ ତାଙ୍କ ପୁଅକୁ ମୁକ୍ତ କରିବାକୁ ଦାବି କରିଛନ୍ତି। ଆମେ ଏପର୍ଯ୍ୟନ୍ତ ଗୁଲଫିଶାନଙ୍କ ବିରୋଧରେ ମାମଲା ରୁଜୁ କରିନାହୁଁ। ତଥାପି, ତଦନ୍ତରୁ ସାମ୍ନାକୁ ଆସୁଥିବା ତଥ୍ୟ ଏବଂ ପ୍ରମାଣକୁ ଆଧାର କରି ଆମେ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଏହି ଘଟଣା କେବଳ ସ୍ଥାନୀୟ ବାସିନ୍ଦାଙ୍କୁ ଆଘାତ ଦେଇ ନାହିଁ ବରଂ ବୃଦ୍ଧଙ୍କ ପ୍ରତି ବଢୁଥିବା ନିର୍ଯାତନା ଏବଂ ପାରିବାରିକ ମୂଲ୍ୟବୋଧର ହ୍ରାସ ବିଷୟରେ ଗମ୍ଭୀର ପ୍ରଶ୍ନ ଉଠାଇଛି।

## ପୃଥିବୀକୁ ମାଡ଼ିଆସୁଛି ଶକ୍ତିଶାଳୀ ସୌରଝଡ଼, ଭାରତରେ ଦେଖାଯିବ ଅଦ୍ଭୁତ ଆଲୋକ

ନୂଆଦିଲ୍ଲୀ :ସୂର୍ଯ୍ୟ ଏବେ ଅତ୍ୟନ୍ତ ଆକ୍ରାମକ ଓ ଅଶାନ୍ତ ଜଣାପଡୁଛି । ସୂର୍ଯ୍ୟ ପୃଷ୍ଠରେ ଗତ ସପ୍ତାହ ଲଗାତାର ଭୟାନକ ବିସ୍ଫୋରଣ ହେଉଛି, ଯାହା ଦ୍ୱାରା ସେଥିରୁ ଚୁମ୍ବକୀୟ ଗ୍ୟାସ୍ର ବିଶାଳ ବାଦଲ ଅତି ଦ୍ରୁତ ବେଗରେ ମହାକାଶରେ ବ୍ୟାପୁଛି । ଏହି କ୍ରମରେ ଏକ ଅତ୍ୟନ୍ତ ବଡ଼ ଓ ଭୟାନକ ବୈଜ୍ଞାନିକ ଘଟଣା ସାମ୍ନାକୁ ଆସିଛି । ସୂର୍ଯ୍ୟ ପୃଷ୍ଠରେ ସଂଘଟିତ ଏକ ଶକ୍ତିଶାଳୀ ବିସ୍ଫୋରଣ ପରେ ସେଠାରୁ ଏକ ବିଶାଳ କୋରୋନାଲ ମାସ୍ ଇଜେକ୍ସନ୍ ଓ ଅତ୍ୟଧିକ ଘନତ୍ୱବିଶିଷ୍ଟ ସୌରଝଡ଼ ରୂପେ ସିଧା ପୃଥିବୀ ଆଡ଼କୁ ମାଡ଼ିଆସୁଛି । ନାସା ଓ ସ୍ପେସ୍ ୱେଦର ପ୍ରେଡିକ୍ସନ୍ ସେଣ୍ଟର ଏହାକୁ ନେଇ ଅତ୍ୟନ୍ତ ଗମ୍ଭୀର ଚେତାବନୀ ଜାରି କରିଛି । ଏହି ସୌରଝଡ଼ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ସହ ଧକ୍କା ହେବାକୁ ଯାଉଛି, ଯାହା ଯୋଗୁ ମହାକାଶ ପାଣିପାଗ ବିଭାଗ ଜି୩ ବିଭାଗର ଭୂ-ଚୁମ୍ବକୀୟ ଝଡ଼ ଅର୍ଥାତ୍ ଜିଓମ୍ୟାଗ୍ନେଟିକ୍ ଝଡ଼ ବିଷୟରେ ଘୋଷଣା କରିଛି । ଏହି ସୌର ଝଡ଼ ପ୍ରଭାବରେ ଭାରତର ଉତ୍ତର କ୍ଷେତ୍ର, ୟୁରୋପ, ଆମେରିକା ଓ ଅଷ୍ଟ୍ରେଲିଆ ଆକାଶରେ ଏକ ସ୍ୱତନ୍ତ୍ର ଓ ଚମକଦାର ଦୃଶ୍ୟ ଦେଖିବାକୁ ମିଳିପାରେ । ବୈଜ୍ଞାନିକ ଭାଷାରେ ଏହାକୁ ଅରୋରା ବା ନର୍ଦନ ଲାଇଟ୍ କୁହାଯାଏ ।

ସୂର୍ଯ୍ୟ ପୃଷ୍ଠରେ ‘ଆକ୍ଟିଭ୍ ରିଜନ୍ ୪୪୬୧’ ନାମକ ଏକ ଅତ୍ୟନ୍ତ ସକ୍ରିୟ କ୍ଷେତ୍ରରେ ଗତ ୬ ତାରିଖ ସକାଳେ ଏକ ଭୟଙ୍କର ବିସ୍ଫୋରଣ ହୋଇଥିଲା । ଏହାକୁ ବୈଜ୍ଞାନିକମାନେ ଏମ୍ ୧.୮ ଶ୍ରେଣୀର ସୋଲାର ଫ୍ଲେୟର୍ ନାମ ଦେଇଛନ୍ତି । ସୋଲାର ଫ୍ଲେୟର୍ ଅର୍ଥ ସୂର୍ଯ୍ୟ ପୃଷ୍ଠରୁ ହଠାତ୍ ନିର୍ଗତ ଅତ୍ୟଧିକ ତୀବ୍ର ବିକିରଣର ବିସ୍ଫୋରଣ । ଚୁମ୍ବକୀୟ ଶକ୍ତି ହଠାତ୍ ମୁକ୍ତ ହେବା ଯୋଗୁ ଏହା ଉତ୍ପନ୍ନ ହୋଇଥାଏ । ଏ ଥର ଏହି ବିସ୍ଫୋରଣ ସ୍ୱତନ୍ତ୍ର ଓ ଚିନ୍ତାଜନକ ହେବାର କାରଣ ଏହାର କେନ୍ଦ୍ରରୁ ଏକ ଅତ୍ୟନ୍ତ ଘନ, ଭାରୀ ଓ ଅତ୍ୟଧିକ ଚୁମ୍ବକୀୟ ‘ଫିଲାମେଣ୍ଟ’ ବାହାରିଛି । ଏହି ଫିଲାମେଣ୍ଟ ଏବେ ସୌରମଣ୍ଡଳକୁ ଅତିକ୍ରମ କରି ସେକେଣ୍ଡ ପିଛା ୧,୪୦୦ କିମି ଅବିଶ୍ୱସନୀୟ ଓ ଭୟଙ୍କର ବେଗରେ ସିଧା ପୃଥିବୀ ଆଡ଼କୁ ମାଡ଼ିଚାଲିଛି । ମହାକାଶ ପାଣିପାଗ ବୈଜ୍ଞାନିକ ତମିଥା ସ୍କୋଭ୍ ଉପଗ୍ରହ ଚିତ୍ରଗୁଡ଼ିକର ବିଶ୍ଳେଷଣ କରି ଏହାକୁ ଏକ ‘ଟେକ୍ସଟବୁକ୍ କୋର୍ ଫିଲାମେଣ୍ଟ ଇରପ୍ସନ’ କହିଛନ୍ତି । ଅର୍ଥାତ୍ ଏଭଳି ଏକ ବିସ୍ଫୋରଣ ଯାହା ସିଧାସଳଖ ପୃଥିବୀ ବାୟୁମଣ୍ଡଳକୁ ପ୍ରଭାବିତ କରିବାରେ ପୂର୍ଣ୍ଣ ସକ୍ଷମ । ସୂର୍ଯ୍ୟର ବାହ୍ୟ ବାୟୁମଣ୍ଡଳକୁ କୋରୋନା କୁହାଯାଏ । ସେଠାରେ ତାପମାତ୍ରା ହାରାହାରି ୧୦- ୨୦ ଲକ୍ଷ ଡିଗ୍ରୀ ସେଲ୍ସିୟସ୍ । କିନ୍ତୁ ଏହି ଫିଲାମେଣ୍ଟ ଭିତରେ ଫସିଥିବା ପ୍ଲାଜ୍ମାର ତାପମାତ୍ରା ୫,୦୦୦-୧୦,୦୦୦ ଡିଗ୍ରୀ ସେଲ୍ସିୟସ୍ ମଧରେ ଥାଏ । ସୂର୍ଯ୍ୟ ତୁଳନାରେ ଏହା ଅତ୍ୟନ୍ତ ଥଣ୍ଡା ଓ ବହୁତ ଭାରୀ । ଏହି ଭାରୀ ଗ୍ୟାସ୍କୁ ଧରି ରଖିଥିବା ଚୁମ୍ବକୀୟ ବଳୟ ଯେତେବେଳେ ଦୁର୍ବଳ ବା ଅସ୍ଥିର ହୁଏ, ଫିଲାମେଣ୍ଟ ହଠାତ୍ ଭାଙ୍ଗିଯାଏ । ରବର ବ୍ୟାଣ୍ଡ ଭଳି ଝଟ୍କା ଯୋଗୁ ତାହା ମହାକାଶରେ ବ୍ୟାପିଯାଏ । ଅତ୍ୟନ୍ତ ଭାରୀ ହୋଇଥିବାରୁ ଏହା ଯେତେବେଳେ ପୃଥିବୀର ଚୁମ୍ବକୀୟ କବଚ ସହ ଧକ୍କା ହେବ, ଅତ୍ୟନ୍ତ ତୀବ୍ର ସୌରଝଡ଼ ଉତ୍ପନ୍ନ କରିବ । ବୈଜ୍ଞାନିକଙ୍କ ଅନୁସାରେ, ସୂର୍ଯ୍ୟର ଯେଉଁ କ୍ଷେତ୍ରରୁ ଏହି ଫିଲାମେଣ୍ଟ ବାହାରିଛି, ତା’ର ଚୁମ୍ବକୀୟ ରେଖା ଇଂରାଜୀ ଅକ୍ଷର ‘ଏସ୍’ ଆକାରରେ ଏକ ସ୍ପ୍ରିଙ୍ଗ୍ ଭଳି ପରସ୍ପର ସହ ଛନ୍ଦି ହୋଇଥିଲା । କୌଣସି ଚୁମ୍ବକୀୟ କ୍ଷେତ୍ର ଏଭଳି ମୋଡ଼ିହେଲେ, ତାହା ନିଜ ଭିତରେ ଅତ୍ୟଧିକ ମାତ୍ରାରେ ଉର୍ଜ୍ଜା ଜମା କରିଥାଏ । ଏହା ଚରମ ସୀମାରେ ପହଞ୍ଚିବା ପରେ ରେଖା ହଠାତ୍ ଭାଙ୍ଗିଗଲା ଏବଂ ପରସ୍ପର ମଧରେ ପୁନଃ ଯୋଡ଼ିହେଲା । ଏହି ପ୍ରକ୍ରିୟାକୁ ମ୍ୟାଗ୍ନେଟିକ୍ ରିକନେକ୍ସନ୍ କୁହାଯାଏ । ଏହି ଝଟ୍କାରୁ ଗୋଟିଏ ପଟେ ଭୟଙ୍କର ଏକ୍ସ-ରେ ବିକିରଣ ନିର୍ଗତ ହେଲା, ଯାହା ପୃଥିବୀର ରେଡିଓ ସଂଚାର ବ୍ୟବସ୍ଥାକୁ ପ୍ରଭାବିତ କଲା । ଅନ୍ୟପକ୍ଷେ, ୧ ଅରବ ଟନ୍ ଓଜନର ଚୁମ୍ବକୀୟ ପ୍ଲାଜ୍ମାର ବାଦଲ ସେକେଣ୍ଡ ପିଛା ୧,୪୦୦ କିମି ବେଗରେ ପୃଥିବୀ ଆଡ଼କୁ ମାଡ଼ି ଆସିଲା ।

## ’ଶିଗେଲା’କୁ ନେଇ କେରଳରେ ହାଇ ଆଲର୍ଟ ! ସଂକ୍ରମଣ ବୃଦ୍ଧି ଓ ମୃତ୍ୟୁ ରିପୋର୍ଟ ପରେ ଟେନସନରେ ସ୍ୱାସ୍ଥ୍ୟ ବିଭାଗ, ମନ୍ତ୍ରୀ ଦେଲେ ଏଭଳି ନିର୍ଦ୍ଦେଶ

ଥିରୁବନନ୍ତପୁରମ: କେରଳ କାୟା ମେଲାଇଲାଣି ସଂକ୍ରାମକ ରୋଗ। ଦିନକୁ ଦିନ ଦୁଇଗୁଣା ବ୍ୟାପୁଛି। ଶିଗେଲା ଇନେଫକ୍ସନକୁ ନେଇ ଟେନସନ। ଚାରି ବର୍ଷର ଶିଶୁର ମୃତ୍ୟୁ। ରାଜ୍ୟର ଅନେକ ସ୍ଥାନରେ ଭାଇରସ ସଂକ୍ରମଣ ବୃଦ୍ଧି ପାଇବାର ରିପୋର୍ଟ ଆସିଛି। ଦୁଇଟି ଭିନ୍ନ ସଂକ୍ରମଣର ଏକକାଳୀନ ବୃଦ୍ଧି ପାଇବା ସ୍ୱାସ୍ଥ୍ୟ ସେବା ଉପରେ ଚାପ ବୃଦ୍ଧି କରୁଛି। ମୌସୁମୀ ଏବଂ ଆର୍ଦ୍ର ପାଗ ବିଭିନ୍ନ ଭାଇରାଲ ଏବଂ ଜୀବାଣୁ ସଂକ୍ରମଣର ବିପଦ ବୃଦ୍ଧି କରେ। ବର୍ତ୍ତମାନ କେରଳରେ ବ୍ୟାପୁଥିବା ଶିଗେଲା ଏବଂ ପଶ୍ଚିମ ନାଇଲ ସଂକ୍ରମଣର ବ୍ୟାପିବାରେ ଲାଗିଛି। ତଥାପି, ଏହି ମାମଲାଗୁଡ଼ିକର ଏକକାଳୀନ କାୟା ବିସ୍ତାର କରି ସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ସଂକ୍ରମଣର ଆହୁରି ବ୍ୟାପିବାକୁ ରୋକିବା ପାଇଁ ତଦାରଖ, ପରିମଳ ପ୍ରୟାସ ଏବଂ ଜଳ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ କେ ମୁରଲୀଧରନ ସ୍ଥାନୀୟ ସ୍ୱାୟତ୍ତ ସରକାରୀ ସଂସ୍ଥା ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ । ରାଜ୍ୟ ସରକାର ପାନୀୟ ଜଳ ଉତ୍ସଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଜରୁରୀ ପଦକ୍ଷେପ ମଧ ଆରମ୍ଭ କରିଛନ୍ତି। ବିଶେଷ କରି କ୍ଲୋରିନେସନ, ସାର୍ବଜନୀନ କୂଅଗୁଡ଼ିକର ଯାଞ୍ଚ ଏବଂ ପ୍ରଦୂଷଣ ରୋକିବା ତଦାରଖ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଭାବିତ ଅଞ୍ଚଳରେ ପରିମଳ ଅଭିଯାନକୁ ତୀବ୍ର କରାଯାଇଛି। କର୍ତ୍ତୃପକ୍ଷମାନେ ଅଳିଆ ଆବର୍ଜନାକୁ ଶୀଘ୍ର ସଫା କରିବା ଏବଂ ସାର୍ବଜନୀନ ସ୍ଥାନରେ ସ୍ୱଚ୍ଛତା ମାନଦଣ୍ଡକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକ ମିଳିତ ଭାବରେ କାର୍ଯ୍ୟ



କରୁଛନ୍ତି। କ୍ଷେତ୍ର ପରିଦର୍ଶନ ବେଳେ ଅଧିକ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ହସ୍ପିଟାଲଗୁଡ଼ିକୁ ପର୍ଯ୍ୟାପ୍ତ ଭିତ୍ତିଭୂମି ବଜାୟ ରଖିବା, ଆଇସୋଲେସନ ଆବଶ୍ୟକତା ପାଇଁ ପ୍ରସ୍ତୁତି ସୁନିଶ୍ଚିତ କରିବା ଏବଂ ମାମଲା ବୃଦ୍ଧିର ସମ୍ଭାବ୍ୟ ମୁକାବିଲା ପାଇଁ ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଗେଲୋସିସ୍, ଏକ ଜୀବାଣୁ ସଂକ୍ରମଣ ଯାହା ମୁଖ୍ୟତଃ ଦୂଷିତ ଖାଦ୍ୟ ଏବଂ ପାଣି ମାଧ୍ୟମରେ ସଂକ୍ରମିତ ହୁଏ। ସାଧାରଣତଃ ଡାଇରିଆ, ଜ୍ୱର, ପେଟ ଯନ୍ତ୍ରଣା ଏବଂ ବାନ୍ତି ଭଳି ଲକ୍ଷଣ ସୃଷ୍ଟି କରେ।

ପିଲାମାନେ ସଂକ୍ରମଣର ଶିକାର ହେବାର ଆଶଙ୍କା ରହିଥିବା ସ୍ୱାସ୍ଥ୍ୟ ଅଧିକାରୀମାନେ ସତର୍କ କରାଇଛନ୍ତି। ଜନସାଧାରଣଙ୍କୁ ନିରୋଧୀ ପଦକ୍ଷେପଗୁଡ଼ିକରେ ପୂର୍ଣ୍ଣ ସହଯୋଗ କରିବାକୁ ଏବଂ ପରିଷ୍କାର ପରିଚ୍ଛନ୍ନତା ଏବଂ ପରିମଳ ଅଭ୍ୟାସଗୁଡ଼ିକୁ କଡ଼ାକଡ଼ି ପାଳନ କରିବାକୁ ଅନୁରୋଧ କରିଛନ୍ତି ମନ୍ତ୍ରୀ ।

ସଂକ୍ରମଣର ଆଶଙ୍କା କମାଇବା ପାଇଁ ଲୋକଙ୍କୁ କେବଳ ଫୁଟାଯାଇଥିବା କିମ୍ବା ବିଶୁଦ୍ଧ ପାଣି ପିଇବା, ସାବୁନ ସହିତ ନିୟମିତ ହାତ ଧୋଇବା ଏବଂ ଉପଯୁକ୍ତ ଖାଦ୍ୟ ପରିଷ୍କାର ଅଭ୍ୟାସ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି। ଜଟିଳତାକୁ ଏଡାଇବା ଏବଂ ଅଧିକ ସଂକ୍ରମଣକୁ ରୋକିବା ପାଇଁ ପ୍ରାରମ୍ଭିକ ଚିହ୍ନଟ ଏବଂ ଚିକିତ୍ସା ଅତ୍ୟନ୍ତ ଜରୁରୀ ହୋଇଥିବାରୁ ଲକ୍ଷଣ ଅନୁଭବ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ବିଳମ୍ବ ନକରି ତୁରନ୍ତ ଡାକ୍ତରୀ ପରାମର୍ଶ ନେବାକୁ ଅନୁରୋଧ କରାଯାଇଛି।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ନିରନ୍ତର ସମସ୍ତଙ୍କୁ ସତର୍କତା ଅବଲମ୍ବନ କରିବାକୁ, ସ୍ୱଚ୍ଛ ପାଣି ପିଇବା ଏବଂ ମଶାଠାରୁ ନିଜକୁ ରକ୍ଷା କରିବାକୁ ପରାମର୍ଶ ଦେଉଛନ୍ତି। ଆସନ୍ତୁ ଏହି ଦୁଇଟି ରୋଗ ବିଷୟରେ ଅଧିକ ଜାଣିବା।

ଶିଗେଲା ସଂକ୍ରମଣ ହେଉଛି ଏକ ଜୀବାଣୁ ଜନିତ ରୋଗ ଯାହା ମୁଖ୍ୟତଃ ଦୂଷିତ ପାଣି ଏବଂ ଖାଦ୍ୟ ମାଧ୍ୟମରେ ବ୍ୟାପିଥାଏ। ଏହା ପେଟ ଏବଂ ଅନ୍ତନଳୀକୁ ପ୍ରଭାବିତ କରେ ଏବଂ ଗୁରୁତର କ୍ଷେତ୍ରରେ, ଶରୀରକୁ ଗୁରୁତର ଭାବରେ ଦୁର୍ବଳ କରିପାରେ। ପଶ୍ଚିମ ନାଇଲ ଭାଇରସ ହେଉଛି ଏକ ମଶା ବାହିତ ଭାଇରସ ସଂକ୍ରମଣ ଯାହା ସଂକ୍ରମିତ ମଶା କାମୁଡ଼ା ମାଧ୍ୟମରେ ବ୍ୟାପିଥାଏ ଏବଂ ମେନିଞ୍ଜାଇଟିସ୍ ମଧ ହୋଇପାରେ।

## ତାମିଲନାଡୁରେ ସରକାରୀ ଶିକ୍ଷାକୁ ଗୁରୁତ୍ୱ : ଘରୋଇ ସ୍କୁଲ ବର୍ଜନ କରି ପିଲାଙ୍କୁ ସରକାରୀ ସ୍କୁଲ ପଠାଇବାକୁ ଗ୍ରାମସଭାରେ ପ୍ରସ୍ତାବ ପାରିତ



ତେଲେଙ୍ଗାନାର ନିର୍ମଳ ଜିଲ୍ଲାର ଲକ୍ଷ୍ମଣଚନ୍ଦ ମଣ୍ଡଳର ବାବାପୁରର ଗ୍ରାମବାସୀମାନେ ସର୍ବସମ୍ମତିକ୍ରମେ ସେମାନଙ୍କ ପିଲାମାନଙ୍କୁ ଘରୋଇ ଶିକ୍ଷାନୁଷ୍ଠାନ ବଦଳରେ ସରକାରୀ ସ୍କୁଲରେ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି । ଗ୍ରାମସଭା ବୈ?ଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା । ବୈ?ଠକରେ ବାସିନ୍ଦାମାନେ ସେମାନଙ୍କ ଗ୍ରାମରେ ଶିକ୍ଷାର ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟତଃ ଚାଷୀ ସମ୍ପ୍ରଦାୟର ଗ୍ରାମବାସୀମାନେ ପଞ୍ଚାୟତରେ ବିସ୍ତୃତ ଆଲୋଚନା କରିଥିଲେ ଏବଂ ଏକ ପ୍ରସ୍ତାବ ପାରିତ କରିଥିଲେ ଯେ, ଗ୍ରାମର ସମସ୍ତ ପିଲାଙ୍କୁ ସରକାରୀ ସ୍କୁଲରେ ନାମ ଲେଖାଯିବା ଉଚିତ୍ । ଗ୍ରାମବାସୀମାନଙ୍କ ଅନୁସାରେ ସରକାରୀ ସ୍କୁଲ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିପାରିବ । ପିଲା ଏବଂ ଗାଁ ଉଭୟଙ୍କର ବିକାଶ ପାଇଁ ଗୁଣାତ୍ମକ ଶିକ୍ଷା ଅତ୍ୟନ୍ତ ଜରୁରୀ ବୋଲି ଗ୍ରାମର ସରପଞ୍ଚ ପଡ଼ିଗେଲା ଲକ୍ଷ୍ମୀ କହିଛନ୍ତି । ଛାତ୍ର ସଂଖ୍ୟା ବୃଦ୍ଧି ସରକାରୀ ସ୍କୁଲଗୁଡ଼ିକର ଗୁଣବତ୍ତା ଆହୁରି ବୃଦ୍ଧି କରିବ। ସେ ସରକାରୀ ସ୍କୁଲ ଶିକ୍ଷକମାନଙ୍କ ଅଭିଜ୍ଞତାକୁ ପ୍ରଶଂସା କରିଥିଲେ । ତେଲେଙ୍ଗାନାର ବିଭିନ୍ନ ଗାଁର ଗରିବ ଏବଂ ମଧ୍ୟବିତ୍ତ ପରିବାରକୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ସରକାରୀ ସ୍କୁଲଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ବୋଲି ସେ କହିଥିଲେ । ଗ୍ରାମବାସୀଙ୍କ ନିଷ୍ପତ୍ତିକୁ ଶିକ୍ଷାବିତ୍ ଏବଂ ସ୍ଥାନୀୟ ବାସିନ୍ଦାମାନେ ବ୍ୟାପକ ଭାବରେ ପ୍ରଶଂସା କରି କହିଛନ୍ତି, ଏହା ତେଲେଙ୍ଗାନାର ଅନ୍ୟ ଗ୍ରାମ ପାଇଁ ଏକ ମଡେଲ ହୋଇପାରିବ । ଏହି ପଦକ୍ଷେପକୁ ସରକାରୀ ଶିକ୍ଷା ଏବଂ ସରକାରୀ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବାରେ ଜନସାଧାରଣଙ୍କ ସମର୍ଥନର ଏକ ବାର୍ତ୍ତା ଭାବରେ ଦେଖାଯାଉଛି ।

## ମିଳିତ ଜାତିସଂଘରେ ପାକିସ୍ତାନକୁ ଭାରତର କଡ଼ା ଆକ୍ରମଣ

ନୂଆଦିଲ୍ଲୀ : ମିଳିତ ଜାତିସଂଘରେ ପାକିସ୍ତାନକୁ ପୁଣି କଡ଼ା ଭାଷାରେ ସମାଲୋଚନା କଲା ଭାରତ । ନିଜ ସୀମା ଭିତରେ ସକ୍ରିୟ ଥିବା ଆତଙ୍କବାଦୀ ସଂଗଠନଗୁଡ଼ିକୁ ଫିତନା ଅଲ୍-ହିନ୍ଦୁସ୍ତାନ କହି ଭାରତ ବିରୋଧରେ ପାକିସ୍ତାନ ବିଷ ଉଗାଳୁଛି। ପାକିସ୍ତାନର ଅସଲ ଚେହେରାକୁ ବିଶ୍ୱ ଦରବାରରେ ପଦାରେ ପକାଇଛନ୍ତି ଭାରତୀୟ କୂଟନୀତିଜ୍ଞ । ଜାତିସଂଘ ସୁରକ୍ଷା ପରିଷଦରେ ଆଫଗାନିସ୍ତାନ ସ୍ଥିତି ନେଇ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭାରତ ପକ୍ଷରୁ ପାକିସ୍ତାନ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି । ଜାତିସଂଘରେ ଭାରତର ରାଷ୍ଟ୍ରଦୂତ ହରିଶ ପର୍ବତନେନୀ କହିଛନ୍ତି ଯେ, ଇସଲାମାବାଦ ନିଜର ବିଫଳତାକୁ ଲୁଚାଇବା ପାଇଁ ଧାର୍ମିକ ଶବ୍ଦାବଳୀର ସାହାରା ନେଉଛି । ପାକିସ୍ତାନ ସରକାର ନିଜ ସରକାରୀ ଏଜେନ୍ସିଗୁଡ଼ିକୁ ସୀମା ମଧ୍ୟରେ ସକ୍ରିୟ ଆତଙ୍କବାଦୀ ଗୋଷ୍ଠୀଙ୍କୁ ଫିତନା ଅଲ୍-ହିନ୍ଦୁସ୍ତାନ କହିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ଭାରତ ସ୍ପଷ୍ଟ କରିଛି ଯେ, ଏହା କେବଳ ଧାର୍ମିକ ଶବ୍ଦ ପରିଧାନରେ ଆବୃତ୍ତ ଏକ ସରକାରୀ ପ୍ରାୟୋଜିତ ଭ୍ରମାତ୍ମକ ତଥ୍ୟ ଓ ଅପପ୍ରଚାର ଅଭିଯାନ ବୋଲି ଭାରତ କହିଛି ।

## ଖାନ୍ ସାରଙ୍କୁ ଗିରଫ କରିପାରିବନି ପୋଲିସ, ସୁରକ୍ଷା ଦେଲେ ପାଟନା ଜିଲ୍ଲା କୋର୍ଟ୍

ପାଟନା :ଖାନ୍ ସାରଙ୍କୁ ଗିରଫ କରିପାରିବନି ପୋଲିସ । ରୋକ୍ ଲଗାଇଲେ ପାଟନା କୋର୍ଟ୍ । ଖାନ୍ ସାରଙ୍କ ଗିରଫଦାରୀ ଉପରେ ରୋକ୍ ଲଗାଇଛନ୍ତି ପାଟନା ଜିଲ୍ଲା କୋର୍ଟ । ମଙ୍ଗଳବାର ତାଙ୍କର ଆଗୁଆ ଜାମିନ୍ ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ମଙ୍ଗଳବାର କୋର୍ଟରେ ଗିରଫଦାରୀ ମାମଲାରେ ଆଗୁଆ ଜାମିନ୍ ଉପରେ ବିଚାର ହୋଇଥିଲା । ଏଥିରେ କୋର୍ଟ୍ ଖାନ୍ ସାରଙ୍କ ବିରୋଧରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ ବୋଲି କହିଛନ୍ତି। ଖାନ୍ ସାରଙ୍କ ଓକିଲ କୋର୍ଟରେ କହିଛନ୍ତି ଯେ, ଖାନ୍ ସାରଙ୍କୁ ଜାଣିଶୁଣି ଫସାଯାଇଛି । ତାଙ୍କର ଅପରାଧରେ ପ୍ରତ୍ୟକ୍ଷ ରୂପରେ କିଛି ହାତ ନାହିଁ । ପୋଲିସ ତରଫରୁ ତଦନ୍ତର ରିପୋର୍ଟ କୋର୍ଟଙ୍କ ସମ୍ମୁଖରେ ଓକିଲ ରଖିଛନ୍ତି । ଏହାପରେ ସରକାରୀ ଓକିଲ ମଧ ଯୁକ୍ତି ଉପସ୍ଥାପନ କରିଥିଲେ । ତେବେ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣି କୋର୍ଟ ଖାନ୍ ସାରଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି । ତାଙ୍କୁ ସୁରକ୍ଷା ପ୍ରଦାନ କରାଯାଇଛି । ଏହାସହ ଆଗାମୀ ଶୁଣାଣି ଯାଏଁ ତାଙ୍କୁ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି । ପାଟନାରେ ଥିବା ଖାନ୍ ସାରଙ୍କ କୋଚିଂ ସଂସ୍ଥାନ ’ଜିଏସ୍ ଗ୍ଲୋବାଲ୍ ଷ୍ଟଡିଜ୍’ (ଏଝ ଏକ୍ଷକ୍ଟ-ଭବକ୍ଷ ଝଙ୍ଖଙ୍କୟସରଶ୍ବ) ବାହାରେ କିଛି ଦିନ ପୂର୍ବରୁ ପ୍ରବଳ ହଙ୍ଗାମା ଏବଂ ପଥର ମାଡ଼ ହୋଇଥିଲା। ଗତ ମଙ୍ଗଳବାର ରାତିରେ ପ୍ରାୟ ୧୫ ରୁ ୨୦ ଜଣ ଦୁର୍ବୃତ୍ତ ଖାନ୍ ସାରଙ୍କ କୋଚିଂ ସେଣ୍ଟର ପରିସରରେ ପଶି ଭଙ୍ଗାରୁଜା କରିବା ସହ ପଥର ମାଡ଼ କରିଥିଲେ। ଏହି ଘଟଣା ପରେ ଖାନ୍ ସାର୍ ପ୍ରଥମେ ଦାବି କରିଥିଲେ ଯେ, ତାଙ୍କ କୋଚିଂର ସୁରକ୍ଷାକର୍ମୀ (ଗାର୍ଡ)ଙ୍କ ସହ ମାଡ଼ପିଟ୍ କରାଯାଇଛି ଏବଂ ସେଠାରେ ଗୁଳିମାଡ଼ ହୋଇଛି । କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ବୟାନରୁ ଓହରି ଯାଇଥିଲେ। ଏହି ବିବାଦ ଭିତରେ ଅନ୍ୟ ଏକ ପ୍ରତିଷ୍ଠିତ କୋଚିଂ ସେଣ୍ଟର ‘ଜ୍ଞାନ ବିନ୍ଦୁ କୋଚିଂ’ ପକ୍ଷରୁ ଏକ ଭିଡିଓ ଜାରି କରାଯାଇଥିଲା।

## କମ୍ପାନୀର ଆର୍ଥିକ ସଙ୍କଟ ଏତେ ଗଭୀର ହୋଇଯାଇଛି ଯେ, ମାର୍ଚ୍ଚ ମାସରୁ ଏପର୍ଯ୍ୟନ୍ତ ଏହା ନିଜର ଶତାଧିକ କର୍ମଚାରୀ ଓ ପାଇଲଟ୍ଙ୍କୁ ଦରମା ପ୍ରଦାନ କରିପାରିନାହିଁ

ରଏଟର୍ସର ଏକ ଖବର ଅନୁଯାୟୀ, କମ୍ପାନୀର ଆଭ୍ୟନ୍ତରୀଣ ବାର୍ତ୍ତାଗୁଡ଼ିକରୁ ଜଣାପଡ଼ିଛି ଯେ ସ୍ପାଇସଜେଟ୍ ଭୟଙ୍କର ନଗଦ ଅଭାବ ସମସ୍ୟାରେ ଜର୍ଜରିତ। ନିଜର ବିମାନ ସେବାକୁ ଚାଲୁ ରଖିବା ପାଇଁ ଆବଶ୍ୟକ ଖର୍ଚ୍ଚ ବହନ କରିବାରେ କମ୍ପାନୀ ଅସମର୍ଥ ହେଉଛି। ଏହି ଗମ୍ଭୀର ପରିସ୍ଥିତିରୁ ମୁକାବିଲା କରିବା ଏବଂ ନିଜକୁ ଦେବାଳିଆ ହେବାରୁ ରକ୍ଷା କରିବା ପାଇଁ, ସ୍ପାଇସଜେଟ୍ ସରକାରଙ୍କ ନିକଟରେ ସହାୟତା ପାଇଁ ଗୁହାରି କରୁଛି। ଆର୍ଥିକ ସଙ୍କଟରେ ଜର୍ଜରିତ ସ୍ପାଇସଜେଟ୍ ସରକାରୀ ଗ୍ୟାରେଣ୍ଟି ଥିବା ସ୍ପେଶାଲ୍ କ୍ରେଡିଟ୍ ସ୍କିମ୍ ଅଧୀନରେ ଜରୁରୀକାଳୀନ ଋଣ ପାଇଁ ଆବେଦନ କରିଛି। ଏହି ଯୋଜନା ଅନୁସାରେ ମିଳିବାକୁ ଥିବା ଋଣ ମାଧ୍ୟମରେ ବିମାନ କମ୍ପାନୀ ନିଜର କାର୍ଯ୍ୟକଳାପକୁ ପୁଣିଥରେ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବାକୁ ଆଶା ରଖିଛି।



ମାର୍ଚ୍ଚ ମାସର ତଥ୍ୟ ଅନୁଯାୟୀ, ସ୍ପାଇସଜେଟ୍ର ପେରୋଲ୍ରେ ମୋଟ ୩୭୫ ଜଣ ପାଇଲଟ୍ ନିଯୁକ୍ତ ଥିଲେ। ଦୁଇଜଣ ପାଇଲଟ୍ ନିଜର ପରିଚୟ ଗୋପନ ରଖିବା ସର୍ତ୍ତରେ ରଏଟର୍ସକୁ କହିଛନ୍ତି ଯେ, ଗତ କିଛି ମାସ ଧରି ସେମାନଙ୍କ ଦରମା ପ୍ରଦାନରେ ଲଗାତାର ବିଳମ୍ବ ହେଉଛି। ସମସ୍ୟା କେତେ ଗମ୍ଭୀର, ତାହାର ଅନୁମାନ ଏହି କଥାରୁ କରାଯାଇପାରେ ଯେ, ୧୮୦ରୁ ଅଧିକ ସଦସ୍ୟ ଥିବା ଏକ ହ୍ୱାଟସଆପ୍ ଗ୍ରୁପ୍ରେ, ଯେଉଁଥିରେ ବୋଇଂ ବିମାନ ଚଳାଉଥିବା ପାଇଲଟମାନେ ଏବଂ ବିମାନ କମ୍ପାନୀର ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି, ପାଇଲଟମାନେ ନିଜର ଆର୍ଥିକ ଦୁର୍ଦ୍ଦଶା ଓ ଅସହାୟତା ପ୍ରକାଶ କରିଛନ୍ତି ।ନଗଦ ସଙ୍କଟ, ଦରମା ବକେୟା ଏବଂ ଋଣର ଚାପ ମଧ୍ୟରେ ସ୍ପାଇସଜେଟର ଭବିଷ୍ୟତକୁ ନେଇ ଏବେ ଗଭୀର ଚିନ୍ତା ପ୍ରକାଶ ପାଉଛି। ଦୈନନ୍ଦିନ ଖର୍ଚ୍ଚ ବହନ କରିବା ଏବେ କର୍ମଚାରୀମାନଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ରେ ପରିଣତ ହୋଇଛି। ହ୍ୱାଟସଆପ୍ କ୍ରୁ ଗ୍ରୁପ୍ରେ ଜଣେ ପାଇଲଟ୍ ଲେଖିଥିଲେ ଯେ, ଦୈନିକ ଜୀବନର ଖର୍ଚ୍ଚ ସମ୍ଭାଳିବା ଏବେ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି।

ପରିସ୍ଥିତି ଏତେ ଖରାପ ହୋଇଯାଇଛି ଯେ, ଜରୁରୀ ଆର୍ଥିକ ଦାୟିତ୍ୱ ଏବଂ ଇଏମଆଇ ପରିଶୋଧ କରିବା ପାଇଁ ଅନ୍ୟମାନଙ୍କଠାରୁ ଋଣ କିମ୍ବା ଆର୍ଥିକ ସହାୟତା ମାଗିବାକୁ ପଡୁଛି। କର୍ମଚାରୀମାନଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ଦୃଷ୍ଟିରେ ରଖି, ସ୍ପାଇସଜେଟର ଫ୍ଲାଇଟ୍ ଅପରେସନ୍ସର ସିନିୟର ଭାଇସ୍ ପ୍ରେସିଡେଣ୍ଟ ବୀରେନ୍ଦ୍ର ମଲହୋତ୍ରା ୨୬ ମେ ତାରିଖରେ ଏକ ଆଭ୍ୟନ୍ତରୀଣ ବାର୍ତ୍ତା ଜାରି କରିଥିଲେ। ସେହି ବାର୍ତ୍ତାରେ ସେ ଲେଖିଥିଲେ, “ଦରମା ପ୍ରଦାନରେ ବିଳମ୍ବ ହେତୁ ଆପଣମାନେ ସମସ୍ତେ ଏକ ଅତ୍ୟନ୍ତ କଷ୍ଟଦାୟକ ସମୟ ଦେଇ ଗତି କରୁଛନ୍ତି ବୋଲି ମୁଁ ଭଲଭାବେ ଜାଣିଛି।”

କର୍ମଚାରୀମାନଙ୍କୁ ଆଶ୍ୱସ୍ତ କରି ସେ କହିଥିଲେ ଯେ, ଏହା ଏକ କଠିନ ସମୟ ହେଲେ ମଧ ଏହି ପରିସ୍ଥିତି ସ୍ଥାୟୀ ନୁହେଁ। ଖୁବ୍ ଶୀଘ୍ର ଫେବୃଆରୀ ମାସର ବକେୟା ଦରମା ଜାରି କରାଯିବ। ଅନ୍ୟପକ୍ଷରେ, ସ୍ପାଇସଜେଟ୍ ଏକ ଅଧିକାରିକ ବିବୃତି ଜାରି କରି ଦରମା ପ୍ରଦାନରେ ବିଳମ୍ବ ହୋଇଥିବା କଥା ସ୍ୱୀକାର କରିଛି। କମ୍ପାନୀ କହିଛି ଯେ, ଗତ କିଛି ମାସ ଧରି ଯେପରି ହେଉଥିଲା, ସେହିପରି ପର୍ଯ୍ୟାୟକ୍ରମେ କର୍ମଚାରୀମାନଙ୍କୁ ଦରମା ପ୍ରଦାନ କରାଯାଉଛି। କମ୍ପାନୀର ଦାବି ଅନୁସାରେ, ଅଧିକାଂଶ କର୍ମଚାରୀଙ୍କ ମାର୍ଚ୍ଚ ମାସର ଦରମା ଏବେ ସୁଦ୍ଧା ପ୍ରଦାନ କରାଯାଇଛି।

ନଗଦ ସଙ୍କଟରୁ ବାହାରିବା ପାଇଁ ସ୍ପାଇସଜେଟ୍ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ସରକାରୀ ସହାୟତା ଉପରେ ନିର୍ଭର କରୁଛି। ବିମାନ କମ୍ପାନୀ କହିଛି ଯେ, ସେ ସରକାରଙ୍କ ‘ଇମର୍ଜେନ୍ସି କ୍ରେଡିଟ୍ ଲାଇନ୍ ଗ୍ୟାରେଣ୍ଟି ସ୍କିମ୍’ ଅଧୀନରେ ଆର୍ଥିକ ସହାୟତା ପାଇବାକୁ ପ୍ରୟାସ କରୁଛି। ଏହି ଯୋଜନା ଅନୁଯାୟୀ ବିମାନ କମ୍ପାନୀମାନଙ୍କୁ ୧,୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ସରକାରୀ ଗ୍ୟାରେଣ୍ଟିଯୁକ୍ତ ଋଣ ମିଳିପାରିବ। କମ୍ପାନୀ କହିଛି ଯେ, ପରିସ୍ଥିତିକୁ ସାଧାରଣ କରିବା ପାଇଁ ସମ୍ଭବ ସମସ୍ତ ପଦକ୍ଷେପ ନିଆଯାଉଛି।

ସ୍ପାଇସଜେଟ୍ର ମତାନୁସାରେ, ମଧ୍ୟପ୍ରାଚ୍ୟରେ ଚାଲିଥିବା ସଙ୍କଟ ଯୋଗୁଁ ଏୟାର୍ ଟର୍ବାଇନ୍ ଫ୍ୟୁଏଲ୍ ଦର ଅତ୍ୟଧିକ ବୃଦ୍ଧି ପାଇଛି। ଏହାସହ କିଛି ଆକାଶପଥ ଉପରେ ନିଷେଧାଜ୍ଞା ଲାଗୁ ହେବାରୁ ବିମାନ ଚଳାଚଳ ଖର୍ଚ୍ଚ ମଧ ବହୁତ ବଢ଼ିଯାଇଛି। ଏହାର ସିଧାସଳଖ ପ୍ରଭାବ କମ୍ପାନୀର ଆର୍ଥିକ ସ୍ଥିତି ଉପରେ ପଡ଼ିଛି। ତେବେ ଆସନ୍ତା କିଛି ମାସ ମଧ୍ୟରେ ବ୍ୟବସାୟିକ କାର୍ଯ୍ୟକଳାପ ପୁଣିଥରେ ସାଧାରଣ ହେବ ବୋଲି କମ୍ପାନୀ ଆଶା ରଖିଛି। ୨୦୧୯ ମସିହାରେ ଦେଶର ଘରୋଇ ବିମାନ ବଜାରରେ ୧୫ ପ୍ରତିଶତ ସହ ସ୍ପାଇସଜେଟ୍ ଦେଶର ଦ୍ୱିତୀୟ ସର୍ବବୃହତ ବିମାନ କମ୍ପାନୀ ଥିଲା। କିନ୍ତୁ ବର୍ତ୍ତମାନ ଏହାର ବଜାର ହ୍ରାସ ପାଇ ମାତ୍ର ୩.୪ ପ୍ରତିଶତରେ ପହଞ୍ଚିଛି। ଫଳରେ, ସ୍ପାଇସଜେଟ୍ ଏବେ ଦେଶର ଚତୁର୍ଥ ସର୍ବବୃହତ ବିମାନ କମ୍ପାନୀ ଭାବେ ସୀମିତ ହୋଇଯାଇଛି।

ଆର୍ଥିକ ସଙ୍କଟର ସିଧା ପ୍ରଭାବ କମ୍ପାନୀର ବିମାନ ସେବା ଉପରେ ପଡ଼ିଛି। ବର୍ତ୍ତମାନ ସ୍ପାଇସଜେଟ୍ ପ୍ରତିଦିନ ମାତ୍ର ୨୧ଟି ବିମାନ ଚଳାଚଳ କରୁଛି। ତେବେ, କମ୍ପାନୀ ନିକଟରେ କିଛି ସକାରାତ୍ମକ ଖବର ମଧ ଦେଇଛି। ସେ ଏକ ବୋଇଂ ୭୩୭ ମ୍ୟାକ୍ସ ବିମାନକୁ ପୁଣିଥରେ ସେବାରେ ସାମିଲ କରିଛି। ଏହାସହ, କ୍ରୁ ସଦସ୍ୟଙ୍କ ସହିତ ତିନୋଟି ଏୟାରବସ୍ ଏ-୩୨୦ ବିମାନକୁ ଲିଜ୍ରେ ନେବା ପାଇଁ ଚୁକ୍ତି କରାଯାଇଛି। ଏହି ବିମାନଗୁଡ଼ିକୁ ଜୁଲାଇ ମାସ ସୁଦ୍ଧା କମ୍ପାନୀର ବେଡ଼ାରେ ସାମିଲ କରାଯାଇପାରେ। ସ୍ପାଇସଜେଟ୍ର ଆର୍ଥିକ ଦୁର୍ବଳତାର ପ୍ରଭାବ ଶେୟାର ବଜାରରେ ମଧ ସ୍ପଷ୍ଟ ଭାବେ ଦେଖାଯାଇଛି। କମ୍ପାନୀର ଶେୟାର ମୂଲ୍ୟରେ ପ୍ରାୟ ୬୦ ପ୍ରତିଶତ ପତନ ଘଟିଛି, ଯାହା ନିବେଶକମାନଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି।

# ଭାରତୀୟ ଏ' ଟିମର ନାଟକୀୟ ବିଜୟ

ଦାମ୍ବୁଲା,୯।୬: ଟାର୍ଗେଟ ଥିଲା ୨୭୮। ଶେଷ ୧୨ ବଲରେ ଦରକାର ଥିଲା ୧୦ ରନ। ହାତରେ ୩ ୱିକେଟ ରହିଥିଲା। ଲାଗୁଥିଲା ଶ୍ରୀଲଙ୍କା ଏ ବେଶ ସହଜରେ ତ୍ରିପାକ୍ଷିକ ସିରିଜର ପ୍ରଥମ ମ୍ୟାଚ୍ ଜିତି ନେବ। କିନ୍ତୁ ୪୯ତମ ଓଭର ପକାଇବାକୁ ଆସିଥିବା ଅର୍ଶଦ ଖାନ କମାଲ କରିଥିଲେ।

ତାଙ୍କ ଓଭରର ଶେଷ ୪ ବଲରେ ଭାରତୀୟ ଏ ଟିମକୁ ମିଳିଥିଲା ୩ ୱିକେଟ।

## ଶ୍ରୀଲଙ୍କା ଏ'ର ୪ ବଲରେ ୩ ୱିକେଟ, ଫିକା ପଡ଼ିଲେ ବୈଭବ

ଦୁଇଟି ଅର୍ଶଦ ବୋଲିଂରେ ନେଇଥିବା ବେଳେ ଗୋଟିଏ ରନ ଆଉଟ ରୂପରେ ମିଳିଥିଲା। ସେ କେବଳ ପ୍ରଥମ ବଲରେ ୧ ରନ ହିଁ ଦେଇଥିଲେ। ବାସ୍ ଏହାପରେ ଭାରତୀୟ ଏ ଟିମ ବେଶ ନାଟକୀୟ ଢଙ୍ଗରେ ୮ ରନର ବିଜୟ ହାସଲ କରିଛି। ଶ୍ରୀଲଙ୍କା ଏର ଅଧିନାୟକ ସାହାନ ଆରାଚିଗେ ଶେଷ ଯାଏ ଲଢ଼ି କରି ୭୪ ରନ କରିଥିଲେ ହେଁ ଭାରତୀୟ ବୋଲର ଏହାକୁ ଫିକା କରି ଦେଇଛନ୍ତି।






ଟସ୍ ଜିତି ଡମ୍ବୁଲାରେ ପ୍ରଥମେ ବ୍ୟାଟିଂ କରୁଥିବା ତିଳକ ବର୍ମାଙ୍କ ଭାରତ ଆରମ୍ଭରୁ ବୈଭବ ସୂର୍ଯ୍ୟବଂଶୀ(୧୪) ଓ ପ୍ରଭସିମରନ ସିଂହ(୨)ଙ୍କୁ ହରାଇଥିଲା। ପ୍ରିୟାଂଶ ଆର୍ଯ୍ୟ ମଧ କେବଳ ୩୨ ରନ କରିଥିଲେ। କିନ୍ତୁ ମଧ୍ୟକ୍ରମରେ ଋତୁରାଜ ଗାଏକ୍ୱାଡଙ୍କ ୧୦୧ ଓ ତିଳକ ବର୍ମାଙ୍କ ୬୦ ରନ ଯୋଗୁ ଭାରତର ସ୍ଥିତ ମଜବୁତ ହୋଇଥିଲା। ଶେଷ ଭାଗରେ ଆୟୁଷ ବଦୋନି ୨୪ ଓ ସୂର୍ଯ୍ୟାଂଶ ଶେଡଗେ ୧୪ ବଲରେ ୨୬ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୨୭୭ ରନ କରିଥଲା।

ଏହାର ଜବାବରେ ଶ୍ରୀଲଙ୍କା ଏ ଟିମ ଦମଦାର ଆରମ୍ଭ କରିଥିଲା। ଦଳର ଦୁଇ ଓପନର ନିରୋଶନ ଡିକ୍‌ୱେଲା(୪୭) ଓ ଅଭିସ୍କା ଫର୍ଣ୍ଣାଣ୍ଡୋ(୪୫) ପ୍ରଥମ ୱିକେଟ ପାଇଁ ୯୩ ରନର ଭାଗିଦାରୀ କରିଥିଲେ। ଏହି ସମୟରେ ବଦୋନି ଉଭୟଙ୍କୁ ୬ ରନ ଭିତରେ ଆଉଟ କରି ଭାରତୀୟ ଏ ଟିମକୁ କମବ୍ୟାକର ସୁଯୋଗ ଦେଇଥିଲେ।

ବଦୋନିଙ୍କ ସହ ତାଳ ଦେଇ ବିପରାଜ ନିଗମ ବି ଗୋଟିଏ ୱିକେଟ ନେଇଥିଲେ। କିନ୍ତୁ ଏହାପରେ ସଦୀରା ସମରାବିକ୍ରମା ଓ ଆରାଚିଗେ ସ୍ଥିତି ସମ୍ଭାଳିଥିଲେ। ଉଭୟ ଦଳୀୟ ସ୍କରକୁ ୧୦୯ରୁ ନେଇ ୧୮୭ ରନରେ ପହଞ୍ଚାଇ ଦେଇଥିଲେ। କିନ୍ତୁ ୪୬ ରନ କରିଥିବା ସଦୀରାଙ୍କୁ ଆଉଟ କରି ଅନୁକୂଳ ରୟ ପୁଣି ସୁଯୋଗ ସୃଷ୍ଟି କରିଥିଲେ। ରବିନ୍ଦୁ ଫର୍ଣ୍ଣାଣ୍ଡୋ(୧) ମଧ ରୟଙ୍କ ଶିକାର ବନିଥିଲେ। ଅଭିଜ୍ଞ ଚାମିକା କରୁଣାରତ୍ନେ(୯)ଙ୍କୁ ନଗମ ପ୍ୟାଭିଲିୟନ ପଠାଇଥିଲେ। ଏହି ସମୟରେ ଦଳୀୟ ସ୍କର ୨୩୭ ହୋଇଥିଲା। ଏଠାରୁ ଆରାଚିଗେ ସ୍ଥିତି ସମ୍ଭାଳି ଶ୍ରୀଲଙ୍କା ଏକୁ ବିଜୟ ଆଡକୁ ନେଇ ଯାଇଥିଲେ। ସେ ନିଜର ଅର୍ଦ୍ଧଶତକ ହାସଲ କରି କ୍ରିଜରେ ପୂରା ଜମି ସାରିଥିଲେ। ଦଳୀୟ ସ୍କର ୨୬୧ ଥିବା ବେଳେ ଘଟିଥିଲା ବିପର୍ଯ୍ୟୟ। ୪୮ତମ ଓଭର ପକାଉଥିବା ଅଂଶୁଲ କମ୍ବୋଜ ୭୪ ରନ କରିଥିବା ଆରାଚିଗେଙ୍କୁ ବୋଲ୍ଡ କରି ବଡ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ୪୮ ଓଭର ଶେଷ ବେଳକୁ ଶ୍ରୀଲଙ୍କା ଏ ଟିମର ସ୍କୋର ୨୬୮/୭ ରହିଥିଲା। ଏହାପରେ କମାଲ କରି ଅର୍ଶଦ ଖାନ ଗୋଟିଏ ଓଭରରେ ୩ଟି ସଫଳତା ଦଳ ପାଇଁ ନେଇ ଆସିଥିଲେ। ସେଟ ବ୍ୟାଟର ୱାନୁଜା ସାହାନ(୨୩) ମଧ ଏହି ଓଭରରେ ରନ ଆଉଟ ହୋଇଥିଲେ। ଏଥିଯୋଗୁ ଶ୍ରୀଲଙ୍କା ଏ ୪୮.୫ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୨୬୯ ରନ ହିଁ କରିପାରିଥିଲା। ୧୧୪ ବଲରେ ୧୦୧ ରନର ଇନିଂସ ଖେଳିଥିବା ଗାଏକ୍ୱାଡ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ଭାରତ ପକ୍ଷରୁ ବଦୋନି, ରୟ, ନିଗମ ଓ ଖାନ ୨ଟି ଲେଖାଏଁ ୱିକେଟ ନେଇଥିବା ବେଳେ କମ୍ବୋଜ ଗୋଟିଏ ସଫଳତା ପାଇଛନ୍ତି।

## ଆଫଗାନିସ୍ତାନ ସିରିଜ୍ ଖେଳିବେ ରୋହିତ, ହାର୍ଦ୍ଦିକ

ନୂଆ ଚଣ୍ଡିଗଡ଼,୯।୬- ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଭେଟେରାନ ଷ୍ଟାର ଓପନର ରୋହିତ ଶର୍ମା ଆସନ୍ତା ରବିବାରଠାରୁ ଧର୍ମଶାଳାରେ ଆଫଗାନିସ୍ତାନ ବିପକ୍ଷରେ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ



ସିରିଜ୍‌ରେ ଖେଳିବେ।ସେମାନଙ୍କୁ ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସର ସ୍ପୋର୍ଟସ୍ ସାଇନ୍ସ ଟିମଠାରୁ କ୍ଲିଅରାନ୍ସ ମିଳିଛି। ଦୁଇ ଖେଳାଳି ମୁମ୍ବାଇ ଇଣ୍ଡିଆନ୍ସ ପାଇଁ କିଛି ଆଇପିଏଲ୍ ମ୍ୟାଚ୍ ମିସ୍ କରିଥିଲେ। ପାଣ୍ଡ୍ୟା ଅଣ୍ଟା ଜନିତ ସମସ୍ୟା ଓ ରୋହିତ ହାମଷ୍ଟ୍ରିଙ୍ଗ ଇଞ୍ଜୁରୀର ସମ୍ମୁଖୀନ ହୋଇଥିଲେ। ହାର୍ଦ୍ଦିକ ସିଓଇରେ ପହଞ୍ଚିବା ପୂର୍ବରୁ ଛୁଟି କାଟିବା ଲାଗି ବିଦେଶ ଯାଇଥିଲେ। ସେ ସିଓଇରେ ୫ ଦିନ ଧରି ବିଭିନ୍ନ ମ୍ୟାଚ୍ ପରିସ୍ଥିତିରେ ବୋଲିଂ କରିବା ସହ ସମ୍ପୂର୍ଣ୍ଣ ୧୦ ଓଭର ବୋଲିଂ କରିଥିଲେ। ବର୍ତ୍ତମାନ ତାଙ୍କଠାରେ କୌଣସି ଫିଟ୍‌ନେସ ସମସ୍ୟା ନାହିଁ ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି।

## ସୂର୍ଯ୍ୟକୁମାରଙ୍କ ବିଷୟରେ ନିଷ୍ପତ୍ତି ସହଜ ନ ଥିଲା : ଅଗରକର

ନୂଆଦିଲ୍ଲୀ,୯।୬: ମାତ୍ର ୩ ମାସ ତଳେ ପୂରା ଦେଶକୁ ଖୁସି କରି ଦେଇଥିଲେ ସୂର୍ଯ୍ୟ କୁମାର ଯାଦବ। ଇତିହାସକୁ ବଦଳାଇ ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱାଧୀନ ଟିମ ଇଣ୍ଡିଆ ଜିତିଥିଲା ୨୦୨୬ ଟି-୨୦ ବିଶ୍ୱକପ। କିନ୍ତୁ ଏବେ ସୂର୍ଯ୍ୟ କୁମାର ନିଜର କ୍ୟାପ୍‌ଟେନ୍ସି ପଦ ହରାଇଛନ୍ତି। ବିସିସିଆଇ ତାଙ୍କୁ କେବଳ ଅଧିନାୟକ ପଦରୁ ବହିଷ୍କାର କରିନି, ବରଂ ଟି-୨୦ ଟିମରେ ମଧ ସୂର୍ଯ୍ୟ କୁମାରଙ୍କୁ ସାମିଲ କରାଯାଇ ନାହିଁ।

ବିସିସିଆଇ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଦଳ ଘୋଷଣା ବେଳେ ସୂର୍ଯ୍ୟ କୁମାର ଟିମ ଓ କ୍ୟାପ୍‌ଟେନ ପଦରୁ ବିଦା ହୋଇଥିବା ସୂଚନା ଦେଇଛନ୍ତି। ଆଗାମୀ ଟି-୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଭାରତୀୟ ଟିମ୍‌ର ନୂଆ ଯୋଜନା ଅନୁସାରେ ଶ୍ରେୟସ ଆୟରଙ୍କୁ ଦଳର ନୂଆ ଅଧିନାୟକ କରାଯାଇଥିବା ସେ ସଙ୍କେତ ଦେଇଛନ୍ତି।



ଅଗରକରଙ୍କ କହିବା କଥା ଯେ ସୂର୍ଯ୍ୟ କୁମାରଙ୍କ ଫର୍ମ ଓ ଭବିଷ୍ୟତ ପାଇଁ ଟିମ ଗଠନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ସେ କହିଛନ୍ତି, "ସୂର୍ଯ୍ୟଙ୍କ ସମ୍ପର୍କରେ ନିଷ୍ପତ୍ତି ନେବା ଆଦୌ ସହଜ ନଥିଲା। ସେ ନିକଟରେ ଭାରତକୁ ବିଶ୍ୱକପ୍ ଜିତାଇଛନ୍ତି। କିନ୍ତୁ ପ୍ରାୟ ସମସ୍ତ ବିଶ୍ୱକପ୍ ଭଳି ଏଥର ମଧ ଆମେ ଆଗାମୀ ଦିନର ଯୋଜନାକୁ ସମୀକ୍ଷା କରିଛୁ।ତାଙ୍କର ଫର୍ମ ଓ ଆଗାମୀ ଦୁଇ ବର୍ଷରୁ ଅଧିକ ସମୟ ପରେ ହେବାକୁ ଥିବା ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଆମେ ଏହାକୁ ସର୍ବୋତ୍ତମ ବିକଳ୍ପ ବୋଲି ମନେ କରିଛୁ। ଶ୍ରେୟସ ଏହି ଦାୟିତ୍ୱ ପାଇଁ ଯୋଗ୍ୟ ଓ ହକଦାର।"

ସୂର୍ଯ୍ୟ କୁମାରଙ୍କ ନେତୃତ୍ୱରେ ଭାରତ ଟି-୨୦ ବିଶ୍ୱକପ୍ ଜିତିଥିଲେ ମଧ ଟୁର୍ଣ୍ଣାମେଣ୍ଟରେ ତାଙ୍କ ବ୍ୟାଟିଂ ପ୍ରଦର୍ଶନ ଆଦୌ ଭଲ ନଥିଲା। ସେ ୯ଟି ଇନିଂସରେ ୨୪୨ ରନ୍ ସଂଗ୍ରହ କରିଥିଲେ ଓ ତାଙ୍କ ଷ୍ଟ୍ରାଇକ୍ ରେଟ୍ ୧୩୬.୭୨ ଥିଲା।ଆଇପିଏଲ୍ ୨୦୨୬ରେ ମଧ ସେ ଫର୍ମରେ ନଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ସେ ୧୩ଟି ଇନିଂସରେ ମାତ୍ର ୨୭୦ ରନ୍ କରିଥିଲେ। ତାଙ୍କ ବ୍ୟାଟିଂ ହାର ୨୦.୭୬ ଓ ଷ୍ଟ୍ରାଇକ୍ ରେଟ୍ ୧୪୭.୫୪ ରହିଥିଲା। ଏଥିପାଇଁ ଚୟନକର୍ତ୍ତା ଶ୍ରେୟସ ଆୟରଙ୍କ ଉପରେ ଭରସା ଦେଖାଇଛନ୍ତି।ବେଶ କିଛି ବର୍ଷ ଧରି ଜଣେ ବ୍ୟାଟର ଓ ଅଧିନାୟକ ଭାବେ ସେ ନିଜର ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିପାରିଛନ୍ତି। ୨୦୨୩ରେ ସେ ଭାରତ ପାଇଁ ଶେଷ ଥର ଟି-୨୦ ଖେଳିଥିଲେ। ୨୦୨୪ ଓ ୨୦୨୬ ବିଶ୍ୱକପ ସମୟରେ ତାଙ୍କ ନାଁକୁ ବିଚାରକୁ ନିଆଯାଇ ନଥିଲା। ହେଲେ ଏବେ ସେ ଦଳକୁ କ୍ୟାପ୍‌ଟେନ ଭାବେ କମବ୍ୟାକ କରିବାକୁ ଯାଉଛନ୍ତି। ଅଗରକର କହିଛନ୍ତି, "ଶ୍ରେୟସ ଗତ କିଛି ବର୍ଷ ଧରି ବିଭିନ୍ନ ଫ୍ରାଞ୍ଚାଇଜ୍‌ର ନେତୃତ୍ୱ ନେଇ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ସେ ଗୋଟିଏ ଥର ନିଜ ଟିମକୁ ଟାଇଟଲ୍ ଦେଇଛନ୍ତି ଓ ଅନେକ ଥର ଟିମକୁ ଫାଇନାଲ୍‌ରେ ପହଞ୍ଚାଇଛନ୍ତି।ଅଧିନାୟକ ଭାବେ ଯାହା କିଛି ଅନୁଭବ ଦରକାର, ସେସବୁ ତାଙ୍କ ପାଖରେ ରହିଛି। ବ୍ୟକ୍ତିଗତ ଭାବେ ମଧ ତାଙ୍କ ପ୍ରଦର୍ଶନ ଖୁବ ଭଲ। ସେ ବିଶ୍ୱକପ ସ୍କ୍ୱାଡରେ ସାମିଲ ହେବାର ଅତି ନିକଟରେ ରହିଥିଲେ। ହେଲେ ସୂର୍ଯ୍ୟ କୁମାର ରହିଥିବାରୁ, ତାଙ୍କ ପାଇଁ ସ୍ଥାନ ବନି ନଥିଲା।" ଡିସେମ୍ବର ୨୦୨୩ ପରେ ଶ୍ରେୟସ ଭାରତ ପାଇଁ କୌଣସି ଟି-୨୦ ମ୍ୟାଚ୍ ଖେଳି ନାହାନ୍ତି। ସୂର୍ଯ୍ୟ କୁମାର ଯାଦବ ଓ ତିଲକ ବର୍ମାଙ୍କୁ ମଧକ୍ରମରେ ପ୍ରାଥମିକତା ଦିଆଯାଉଥିବାରୁ ଶ୍ରେୟସ ଆୟର ଦଳରୁ ବାଦ ପଡୁଥିଲେ। ଚଳିତ ବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜ୍‌ରେ ଶ୍ରେୟସଙ୍କୁ ବଦଳ ଖେଳାଳି ଭାବେ ଚୟନ କରାଯାଇଥିଲା। ହେଲେ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ପାଇ ନଥିଲେ।ହେଲେ ଆଇପିଏଲ୍‌ରେ ତାଙ୍କ ତାଙ୍କ ପ୍ରଦର୍ଶନ ପୁଣି ଥରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ୨୦୨୪ରେ ସେ କୋଲକାତା ନାଇଟ୍ ରାଇଡର୍ସକୁ ଆଇପିଏଲ୍ ଚାମ୍ପିୟନ୍ କରାଇଥିଲେ। ୨୦୨୦ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ୨୦୨୫ରେ ପଞ୍ଜାବ କିଙ୍ଗ୍ସ ତାଙ୍କ ନେତୃତ୍ୱରେ ଫାଇନାଲ୍ ଖେଳିଥିଲା। ବ୍ୟାଟିଂରେ ମଧ ଶ୍ରେୟସଙ୍କ ପ୍ରଦର୍ଶନ ଚମତ୍କାର ରହିଛି। ଆଇପିଏଲ୍ ୨୦୨୫ରେ ସେ ୬୦୪ ରନ୍ କରିଥିବା ବେଳେ ଷ୍ଟ୍ରାଇକ୍ ରେଟ୍ ଥିଲା ୧୭୫.୦୭। ଆଇପିଏଲ୍ ୨୦୨୬ରେ ସେ ୪୯୮ ରନ୍ କରିଥିଲେ ଓ ତାଙ୍କ ଷ୍ଟ୍ରାଇକ୍ ରେଟ୍ ରହିଥିଲା ୧୬୮.୮୧।

## ବାଦ୍ ପଡ଼ିଲେ ସିରାଜ, ପ୍ରସିଦ୍ଧ ସାମିଲ

ନୂଆଦିଲ୍ଲୀ,୯।୬: ଆଗାମୀ ଆୟର୍ଲ୍ୟାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ସ୍କ୍ୱାଡରେ ପରିବର୍ତ୍ତନ କରିଛି ବିସିସିଆଇ। ଆଜି ବିସିସିଆଇ ସ୍କ୍ୱାଡରୁ ଟିମର ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ବାଦ ଦେଇଛି। ୱାର୍କ ଲୋଡ ମ୍ୟାନେଜମେଣ୍ଟ କାରଣରୁ ସିରାଜଙ୍କୁ ଆୟର୍ଲ୍ୟାଣ୍ଡ ଓ ଇଂଲଣ୍ଡ ସିରିଜରୁ ବାଦ ଦିଆଯାଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି।

ସିରାଜଙ୍କୁ ବାଦ ଦିଆଯାଇଥିବା ବେଳେ ତାଙ୍କ ସ୍ଥାନରେ କର୍ଣ୍ଣାଟକାର ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସାମିଲ କରାଯାଇଛି। ଏବେ ଶ୍ରେୟସ ଆୟରଙ୍କ ନେତୃତ୍ୱାଧିନ ଟିମ ଇଣ୍ଡିଆ ସହ ଆୟର୍ଲ୍ୟାଣ୍ଡ ଓ ଇଂଲଣ୍ଡ ଗସ୍ତ କରିବେ।

ବିସିସିଆଇର କହିବା କଥା ଯେ ଆୟର୍ଲ୍ୟାଣ୍ଡ ଓ ଇଂଲଣ୍ଡ ସିରିଜ ପରେ ଟିମ ଇଣ୍ଡିଆର ବ୍ୟସ୍ତବହୁଳ ମ୍ୟାଚୀ ସୂଚୀର ଆରମ୍ଭ ହେବ। ଏଥିପାଇଁ ସିରାଜଙ୍କୁ ବିଶ୍ରାମ ଦିଆଯାଇଛି। ବିସିସିଆଇର ମେଡିକାଲ ଟିମ ଓ ଟିମ ମ୍ୟାନେଜମେଣ୍ଟର ଆଲୋଚନା ପରେ ସିରାଜଙ୍କୁ ବିଶ୍ରାମ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ୱାର୍କଲୋଡ ମ୍ୟାନେଜମେଣ୍ଟର ଅଂଶବିଶେଷ। ଏବେ ପ୍ରସିଦ୍ଧ କ୍ରିଷ୍ଣା ଆୟର୍ଲ୍ୟାଣ୍ଡ ଓ ଇଂଲଣ୍ଡ ସିରିଜରେ ସାମିଲ ହୋଇଛନ୍ତି। ଟି-୨୦ ସିରିଜ ପରେ ଦିନିକିଆ ମ୍ୟାଚ ଖେଳାଯିବ। ସେତେବେଳକୁ ସିରାଜ ଆବଶ୍ୟକ ବିଶ୍ରାମ ପାଇ ସାରିଥିବେ ବୋଲି ବିସିସିଆଇ କହିଛି। ନିକଟରେ ସିରାଜ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟରେ ନଜର ଆସିଥିଲେ। ସେ ଏହି ମ୍ୟାଚ୍‌ରେ ଗୋଟିଏ ୱିକେଟ ନେବା ସହ ବ୍ୟାଟରେ ୨୨ ରନ କରିଥିଲା। ଉକ୍ତ ମ୍ୟାଚ୍‌ରେ ପ୍ରସିଦ୍ଧ ମଧ ଖେଳୁଥିଲେ। ସେ ୪୩ ରନରେ ୩ ୱିକେଟ ପାଇଛନ୍ତି। ସୋମବାର ଭାରତ ଜିତିବା ପରେ ଆଜି ବିସିସିଆଇ ସିରାଜଙ୍କୁ ବିଶ୍ରାମ ଦିଆଯାଉଥିବା ସମ୍ପର୍କରେ ଘୋଷଣା କରିଛି। ସିରାଜଙ୍କ ସ୍ଥାନରେ ସୁଯୋଗ ପାଇଥିବା ପ୍ରସିଦ୍ଧ ଭାରତ ପାଇଁ ଶେଷଥର ୨୦୨୩ରେ କୌଣସି ଟି-୨୦ ମ୍ୟାଚ ଖେଳିଥିଲେ। ଗୁହାଟୀରେ ଅଷ୍ଟ୍ରେଲିଆ ବିପକ୍ଷ ଉକ୍ତ ମ୍ୟାଚ୍‌ରେ ସେ ୪ ଓଭରରେ ୬୮ ରନ ଦେଇ କୌଣସି ୱିକେଟ ପାଇ ନଥିଲେ। ଏବେ କିନ୍ତୁ ତାଙ୍କୁ ସିରାଜଙ୍କ ବଦଳ ଖେଳାଳି ଭାବେ ସୁଯୋଗ ମିଳିଛି। ଆୟର୍ଲ୍ୟାଣ୍ଡ ଓ ଇଂଲଣ୍ଡ ସିରିଜରୁ ଶ୍ରେୟସ ଆୟରଙ୍କ କ୍ୟାପ୍‌ଟେନ୍ସି ମଧ ଆରମ୍ଭ ହେବ। ତାଙ୍କୁ ବିଶ୍ୱ ବିଜେତା ଟିମର ଅଧିନାୟକ ସୂର୍ଯ୍ୟ କୁମାର ଯାଦବଙ୍କ ସ୍ଥାନରେ ବିସିସିଆଇ କମାଣ ଧରାଇଛି।




## ଆୟରଲାଣ୍ଡ-ଇଂଲଣ୍ଡ ବିପକ୍ଷରେ କାହାକୁ ମିଳିବ ଭାରତ ଓପନିଂ ସୁଯୋଗ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଆୟରଲାଣ୍ଡ ଏବଂ ଇଂଲଣ୍ଡ ଗସ୍ତ ବ୍ୟତୀତ ଏସୀୟ କ୍ରୀଡା ୨୦୨୬ ପାଇଁ ଟି୨୦ ଟିମ୍ ଘୋଷଣା କରିଦେଇଛି। ଟିମ୍ ଇଣ୍ଡିଆର ଏହି ପୂରା କ୍ରୀଡାସୂଚୀରେ କେଉଁ ଦୁଇଜଣଙ୍କୁ ପ୍ରାରମ୍ଭିକ ବ୍ୟାଟର ଭାବେ ଚୟନ କରାଯିବ, ଏହା ହେଉଛି ବଡ ପ୍ରଶ୍ନ। ଅଭିଷେକ ଶର୍ମା, ଈଶାନ କିଶନ, ସଂଜୁ ସାମସନ ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଖେଳାଳି ଭାରତୀୟ ଟିମ୍‌ରେ ସାମିଲ ଅଛନ୍ତି, ଯେଉଁମାନେ କି ନିଜର ଦମଦାର ବ୍ୟାଟିଂ ବଳରେ ଦର୍ଶକ ଏବଂ କ୍ରିକେଟପ୍ରେମୀଙ୍କୁ ଆକର୍ଷିତ କରିପାରିଛନ୍ତି। ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଆୟରଲାଣ୍ଡ ବିପକ୍ଷ ୨ଟି ମୁକାବଲା ପାଇଁ ଯୁବ ଖେଳାଳିଙ୍କୁ ପରୀକ୍ଷା କରିପାରେ। ଅଭିଷେକ ଶର୍ମା ଏବଂ ଈଶାନ କିଶନ, ଯେଉଁମାନେ କି ପାୱାରପ୍ଲେରେ ଆକ୍ରମଣାତ୍ମକ ଭାବେ ଖେଳିପାରନ୍ତି। ବ୍ୟାଟିଂ ସମେତ ଈଶାନ ୱିକେଟକିପର ଦାୟିତ୍ୱ ସମ୍ଭାଳିବେ। ଏହି ମ୍ୟାଚ୍ ପାଇଁ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ମଧ ସୁଯୋଗ ଦିଆଯାଇପାରେ, ଯିଏକି ଆଇପିଏଲ୍‌ର ୨୦୨୬ ସଂସ୍କରଣରେ ସର୍ବାଧିକ ରନ୍ ସଂଗ୍ରହକାରୀ ହୋଇପାରିଥିଲେ। ବୈଭବ ସୂର୍ଯ୍ୟବଂଶୀଙ୍କୁ ଅନ୍ତର୍ଜାତୀୟସ୍ତରରେ ସୁଯୋଗ ଦେବା ଆଦର୍ଶ ଶୃଙ୍ଖଳା ହୋଇପାରେ। ଅଭିଷେକଙ୍କ ଅଭିଜ୍ଞତା ଏବଂ ବୈଭବଙ୍କ ଆକ୍ରମଣାତ୍ମକ ଭାରତକୁ ବିସ୍ଫୋରକ ଆରମ୍ଭ ଦେଇପାରେ। ଟି୨୦ ବିଶ୍ୱକପ୍ ୨୦୨୬ରେ ବିସ୍ଫୋରକ ବ୍ୟାଟିଂ କରିଥିବା ସଂଜୁ ସାମସନ ମଧ ନିଜର ଦାବି ଉପସ୍ଥାପନ କରିପାରନ୍ତି। ମାତ୍ର ୩୧ ବର୍ଷୀୟ ଡାହାଣହାତୀ ବ୍ୟାଟରଙ୍କ ମଧ୍ୟକ୍ରମରେ ପରୀକ୍ଷା ନିଆଯାଇପାରେ। ଏହା ପରେ ଭାରତୀୟ ଟିମ୍ ଇଂଲଣ୍ଡ ଗସ୍ତରେ ୫ଟି ଟି୨୦ ମୁକାବିଲା ଖେଳିବ, ଯେଉଁଥିରେ ସର୍ବଶ୍ରେଷ୍ଠ ଏବଂ ଅଭିଜ୍ଞ ସଂଯୋଜନକୁ ଓହ୍ଲାଯିବ। ଅଭିଷେକ ଶର୍ମା ଏବଂ ସଂଜୁ ସାମସନଙ୍କୁ ଭାରତୀୟ ଟିମରେ ପ୍ରାଥମିକତା ଦିଆଯାଇପାରେ। ଉଭୟ ବ୍ୟାଟର ପାୱାରପ୍ଲେରେ ଦ୍ରୁତଗତିରେ ରନ ସଂଗ୍ରହ କରିପାରନ୍ତି। ବୈଭବ ଯଦି ଆୟରଲାଣ୍ଡ ଗସ୍ତରେ ସୁଯୋଗ ପାଇଲେ ଦମଦାର ପ୍ରଦର୍ଶନ କରିବେ, ତାହେଲେ ତାଙ୍କୁ ଇଂଲଣ୍ଡ ବିପକ୍ଷରେ ପରୀକ୍ଷାମୂଳକ ସୁଯୋଗ ମିଳିପାରେ। ଯଦି ଟିମ୍ ଇଣ୍ଡିଆ ପ୍ରାରମ୍ଭିକ ମୁକାବିଲାକୁ ଜିତି ଶୃଙ୍ଖଳା ଅକ୍ତିଆର କରିନେବ, ଏଭଳି ସ୍ଥିତିରେ ମଧ ବୈଭବଙ୍କୁ ସୁଯୋଗ ମିଳିପାରେ।

## ବିଶ୍ୱ ଯୋଗାସନ ଚାମ୍ପିଅନ୍‌ସିପ୍‌ରେ ଭାରତ ବିଜେତା

ଅହମଦାବାଦ,୯।୬: ଗୁଜରାଟର ଅହମଦାବାଦରେ ଆୟୋଜିତ ବିଶ୍ୱ ଯୋଗାସନ ପ୍ରତିଯୋଗିତାରେ ଭାରତ ସଂପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ୧୦୨ ସ୍ୱର୍ଣ୍ଣ ସହ ମୋଟ ୧୧୪ ପଦକ ଜିତି ନେଇଛି। ଏହି ପାଞ୍ଚଦିନିଆ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଜାପାନ ୩ଟି ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୫ଟି କାଂସ୍ୟ ପଦକ ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଆର୍ଜେଣ୍ଟିନାର ନାବିଲା ବାରାଜା ଏକାକୀ ୨ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ଜିତି ନିଜ ଦେଶକୁ ତୃତୀୟ ସ୍ଥାନରେ ପହଞ୍ଚାଇଥିଲେ। ନେପାଳ ମୋଟ ୫୨ଟି ପଦକ (୧ ସ୍ୱର୍ଣ୍ଣ, ୩୬ ରୌପ୍ୟ ଓ ୧୫ ବ୍ରୋଞ୍ଜ) ଜିତି ପଦକ ସଂଖ୍ୟାରେ ଦ୍ୱିତୀୟ ସ୍ଥାନରେ ରହିଥିଲେ ମଧ ସ୍ୱର୍ଣ୍ଣ ବିଜୟରେ ପଛୁଆ ରହିଥିଲା। ଅନ୍ୟପକ୍ଷରେ ଉଜ୍‌ବେକିସ୍ତାନ ୨୫ଟି ପଦକ ହାସଲ କରିଥିଲା। ଏଥିରେ ୭୯ଟି ଦେଶର ୫୨୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୧ଟି ଦେଶ ଅତି କମ୍‌ରେ ଗୋଟିଏ ପଦକ ଜିତିଥିବାବେଳେ ୧୦ଟି ଦେଶ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଥିଲେ। ଭାରତର ୧୨୨ ଜଣିଆ ଦଳ ଉପକନିଷ୍ଠରୁ ଆରମ୍ଭ କରି ବରିଷ୍ଠ ପର୍ଯ୍ୟନ୍ତ ୬ଟି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ବିଶ୍ୱ ଯୋଗାସନ ସଂଘର ସଭାପତି ସ୍ୱାମୀ ରାମଦେବ ଏକ ଭିଡିଓ ସନ୍ଦେଶରେ କହିଥିଲେ, ବିଶ୍ୱ ଯୋଗାସନ



ପ୍ରତିଯୋଗିତା ମାଧ୍ୟମରେ ବିଶ୍ୱବ୍ୟାପୀ ଏକ ନୂଆ ଆନ୍ଦୋଳନର ଶୁଭାରମ୍ଭ। ଯୋଗ କେବଳ ଏକ ଖେଳ ନୁହେଁ, ଏହା ସ୍ୱାସ୍ଥ୍ୟ, ସମନ୍ୱୟ, ଶାନ୍ତି ଓ ମାନବ ଏକତାର ପଥ। ଅହମଦାବାଦରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆଗାମୀ ଦିନରେ ଯୋଗାସନକୁ ଅଲିମ୍ପିକ୍ସ ମଞ୍ଚରେ ପହଞ୍ଚାଇବ।

## ଫିଫା ବିଶ୍ୱକପ୍: ନଜରରେ ୬ ଡାର୍କ ହର୍ସ

ନ୍ୟୁୟର୍କ: ଗୋଟିଏ ଦିନ ପରେ ଫିଫା ବିଶ୍ୱକପ୍ ଖେଳାଯିବାକୁ ଥିବାବେଳେ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି। ଆର୍ଜେଣ୍ଟିନା, ବ୍ରାଜିଲ୍, ଫ୍ରାନ୍ସ, ସ୍ପେନ୍, ଜର୍ମାନି ଓ ଇଂଲଣ୍ଡ ଭଳି ବଡ ବଡ ଦଳ ନିଜକୁ ପ୍ରତିଥର ଭଳି ଦାବିଦାର ତ ରଖିଛନ୍ତି। କିନ୍ତୁ ଏଭଳି ୬ ଦେଶ ରହିଛନ୍ତି ଯେଉଁମାନେ ଡାର୍କ ହର୍ସ ବା କଳାଘୋଡା ଭାବେ କରିଶ୍ମା କରିବାର ଦକ୍ଷତା ରଖିଛନ୍ତି। ସମସ୍ତଙ୍କ ନଜରରେ ଥିବା ଏହି ୬ ଦେଶ ହେଉଛନ୍ତି ମରକ୍‌କୋ, ନରୱେ, ତୁର୍କି, କଲମ୍ବିଆ, ମେକ୍ସିକୋ ଏବଂ ଜାପାନ। ଲୟ ବଜାୟ ରଖିଲେ ଏହି ଦଳଗୁଡିକ ମଧ ପାରମ୍ପରିକ ଶକ୍ତିର ଦଳ ପାଇଁ ଆହ୍ୱାନ ଆଣିପାରିବେ। ୨୦୧୮ରେ କ୍ରୋଏସିଆ ଏବଂ ୨୦୨୨ରେ ମରକ୍‌କୋର ଐତିହାସିକ ସେମିଫାଇନାଲ୍ ପ୍ରବେଶ ବି ଆଶା ରଖିଛି ସେଭଳି କିଛି ଅପ୍ରତ୍ୟାଶିତ ଫଳାଫଳକୁ। ମୋଟ ଦଳ ୪୮କୁ ବଢ଼ିଥିବାରୁ ଏକାଧିକ ବିପର୍ଯ୍ୟୟର ବିପଦ ବି ରଖିଛି ଏଥରର ବିଶ୍ୱକପ୍।

### ମରକ୍‌କୋ (ଫିଫା ମାନ୍ୟତା ୭)

ଆଫ୍ରିକାର ସର୍ବୋଚ୍ଚ ମାନ୍ୟତା ତଥା ଶକ୍ତିଶାଳୀ ତଥା ସଂଗଠିତ ଦଳ ଭାବେ ମରକ୍‌କୋ ଏଥର ବି କମାଲ କରିବ ବୋଲି ଆଶା ରଖିଛି। ପ୍ରଥମ ଆଫ୍ରିକୀୟ ଦେଶ ଭାବେ ୨୦୨୨ କତର ସଂସ୍କରଣରେ ମରକ୍‌କୋ ସେମିଫାଇନାଲ୍ ପହଞ୍ଚି ଇତିହାସ ରଚିଥିଲା। ଅଚରାଫ ହାକିମି, ସୋଫ୍ୟାନ୍ ଅମ୍ରାବାଟ, ବ୍ରାହ୍ମିମ ଡାଏଜଙ୍କ ଭଳି ଅଭିଜ୍ଞ ଖେଳାଳିଙ୍କ ଉପସ୍ଥିତି ଏଥର ବି ଅନ୍ୟ ଦଳ ପାଇଁ ବିପଦର ଘଣ୍ଟି ବଜାଇପାରିବ।

### ନରୱେ (ଫିଫା ମାନ୍ୟତା ୩୧)

ଦୀର୍ଘ ୨୮ ବର୍ଷ ପରେ ନରୱେ ଫିଫା ବିଶ୍ୱକପ୍‌କୁ ଫେରିଛି। ଶେଷ ଥର ପାଇଁ ଏହି ଦେଶ ୧୯୯୮ରେ ଖେଳିଥିଲା। ଆକ୍ରମଣାତ୍ମକ ଫୁଟ୍‌ବଲ୍ ଖେଳ ପାଇଁ ପରିଚିତ ନରୱେ। ଏର୍ଲିଙ୍ଗ ହାଲାଣ୍ଡ, ଅଧିନାୟକ ମାର୍ଟିନ ଓଡିଗାର୍ଡଙ୍କ ସ୍କୋରିଂ ଦକ୍ଷତା ଏହି ଦଳକୁ ଉଭା କରାଇଛି। ଆଲେକଜାଣ୍ଡର ସୋରଲଥ୍, ଓସ୍କାର ବବ୍, ଆଣ୍ଟୋନିଓ ନୁସାଙ୍କ ଭଳି ପ୍ରତିଭା ବି ବିଶ୍ୱକପ୍ ଦାବିଦାରଙ୍କ ପାଇଁ ବାଟ ଓଗାଳିବାର କ୍ଷମତା ରଖିଛନ୍ତି। ମରକ୍କୋ ବିପକ୍ଷ ୱାର୍ମ ଅପ୍ ମ୍ୟାଚ୍‌ରେ ଦଳର ପରିପକ୍ୱ ଖେଳ ବି ଚର୍ଚ୍ଚାକୁ ଆସିଛି।

### ତୁର୍କି (ଫିଫା ମାନ୍ୟତା ୨୨)

୨୦୦୨ ଜାପାନ/କୋରିଆ ସଂସ୍କରଣରେ ଉଲ୍ଲେଖନୀୟ ଭାବେ ତୃତୀୟ ସ୍ଥାନ ପାଇଥିବା ତୁର୍କି ଏବେ ନୂଆ ପିଢ଼ିଙ୍କୁ ନେଇ ଚମତ୍କାର ଖେଳୁଛି। ଯୁବ ତାରକାଙ୍କୁ ନେଇ ଏହି ଦଳ ଦେଶର ସୁବର୍ଣ୍ଣ ଯୁଗରେ ରହିଛି ବୋଲି କୁହାଯାଉଛି। ଯୁବ ତାରକା ତଥା ପ୍ଲେ ମେକର ଆର୍ଡା ଗୁଲର ଏବଂ ଫରୱାର୍ଡ କିନାନ ଲିଡିଜ୍ ଏହି ପିଢ଼ିର ପ୍ରତିନିଧିତ୍ୱ କରିଛନ୍ତି। ୨୪ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିଥିବା ଏହି ପଶ୍ଚିମ ଏସିଆ ଏବଂ ଆଂଶିକ ୟୁରୋପୀୟ ମାଟିର ଦେଶ ନକ୍‌ଆଉଟ୍ ପର୍ଯ୍ୟାୟରେ ସବୁଠାରୁ ବିପଦଜ୍ଜନକ ଦଳ ହେବ ବୋଲି ଆଶା କରାଯାଉଛି।

### କଲମ୍ବିଆ (ଫିଫା ମାନ୍ୟତା ୧୩)

ସବୁଠାରୁ ସନ୍ତୁଳିତ ଦଳ ଭାବେ କଲମ୍ବିଆ ଆସିଛି ଫିଫା ବିଶ୍ୱକପ୍ ମଇଦାନକୁ। ୨୦୨୨ ସଂସ୍କରଣ ମିସ୍ କରିଥିବା ଏହି ଦେଶ ଏବେ ଶୃଙ୍ଖଳିତ ଡିଫେନ୍ସ ଓ ଆକ୍ରମଣାତ୍ମକ ଫରୱାର୍ଡକୁ ନେଇ ଭରସାଯୋଗ୍ୟ ଶକ୍ତି ଭାବେ ଉଭା ହୋଇଛି। ୱିଙ୍ଗର୍ ଲୁଇସ୍ ଡାଏଜ୍ ସବୁଠାରୁ ଆକ୍ରମଣାତ୍ମକ ଖେଳାଳି ଥିବାବେଳେ ଷ୍ଟ୍ରାଇକର୍ ଝୋନ ଡୁରାନ ଅଗ୍ରଭାଗରେ ପେସ୍ ଓ ପାୱାରର ପ୍ରତିଫଳନ ହେବେ। ଦକ୍ଷିଣ ଆମେରିକାର ଏହି ପାରମ୍ପାରିକ ବଡ ଦଳ ସମସ୍ତ ସାମର୍ଥ୍ୟ ଓ କ୍ଷମତା ରଖିଛି ଡାର୍କ ହର୍ସ ଭାବେ।

### ମେକ୍ସିକୋ (ଫିଫା ମାନ୍ୟତା ୧୪)

ମାତ୍ର କିଛି ଦେଶ ରହିଛନ୍ତି ଯେଉଁମାନେ ଘରୋଇ ପ୍ରଶଂସକଙ୍କ ଦୃ ସମର୍ଥନ ପାଇବେ ପଡିଆ ପାର୍ଶ୍ୱରୁ। ସେମାନଙ୍କ ମଧ୍ୟରେ ମେକ୍ସିକୋ ସବୁଠାରୁ ଆଗରେ ରହିଛି। ଅନ୍ୟତମ ଯୁଗ୍ମ ଆୟୋଜକ ଭାବେ ଏହି 'ଏଲ୍ ଟ୍ରିଏକଲର୍' ଦେଶକୁ ପ୍ରତିଯୋଗିତା ସାରା ଘରୋଇ ପ୍ରଶଂସକ ଅତିରିକ୍ତ ମନୋବଳ ଯୋଗାଇବେ। ଫରୱାର୍ଡ ସାଣ୍ଟିଆଗୋ ଗିମେନେଜ୍ ଏହି ନୂଆ ପିଢ଼ି ଦଳକୁ ନେତୃତ୍ୱ ନେବେ। ଭେଟେରାନ୍ ଗୋଲକିପର୍ ଗୁଲେର୍ମୋ ଓଚାଓ ନିଜ ଷଷ୍ଠ ବିଶ୍ୱକପ୍ ଖେଳି ଇତିହାସ ରଚିବେ। ଅନ୍ୟତମ ଉତ୍ତର ଆମେରିକୀୟ ଦଳ ମେକ୍ସିକୋ ବିଗତ ୮ ସଂସ୍କରଣ ବିଶ୍ୱକପ୍‌ରେ ନକ୍ ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ ମଧ ଆଗକୁ ବଢ଼ିପାରିନାହିଁ। ଘରୋଇ ପରିବେଶ କାରଣରୁ ଏହାର ପ୍ରଶଂସକଙ୍କୁ ବିଶ୍ୱାସ ଏଥର ଦେଶ ଆଉ କିଛି ପାଦ ଆଗକୁ ଯିବ।

### ଜାପାନ (ଫିଫା ମାନ୍ୟତା ୧୮)

ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରେ ଯେତେ ଅଣ୍ଡରରେଟେଡ୍ ଦେଶ ରହିଛନ୍ତି ଜାପାନ ସେମାନଙ୍କ ଭିତରେ ସବୁଠାରୁ ସ୍ଥିର ପ୍ରଦର୍ଶନକାରୀ। 'ସମୁରାଇ ବ୍ଲୁ' ବାହିନୀ ଶେଷ ୫ଟି ବିଶ୍ୱକପ୍ ମଧ୍ୟରୁ ୪ଟିରେ ନକ୍ ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏସିଆର ସବୁଠାରୁ ପ୍ରତିଭାବାନ ଖେଳାଳିଙ୍କୁ ରଖିଥିବା ଏହି ଦେଶ ନିଜ ମହାଦେଶର ସମ୍ମାନ ରଖିବ ବୋଲି ଆଶା କରାଯାଉଛି। କାଓରୁ ମିତୋମା, ତାକେଫୁସା କୁବା, ୱାତାରୁ ଏଣ୍ଡୋ ପ୍ରମୁଖ ୟୁରୋପରେ ଉଚ୍ଚସ୍ତରୀୟ ଫୁଟ୍‌ବଲ୍ ଖେଳିଛନ୍ତି। ବୈଷୟିକ ଗୁଣବତ୍ତା, ଶୃଙ୍ଖଳିତ କୌଶଳ ଓ ପ୍ରତିଯୋଗିତା ଅଭିଜ୍ଞତା ଦୃଷ୍ଟିକୋଣରୁ ଜାପାନ ମଧ ଏଥର ପାରମ୍ପରିକ ଦଳଗୁଡିକୁ କଡା ଟକ୍କର ଦେବ ବୋଲି ବିଶ୍ୱାସ ନେଇ ଆସିଛି।

## ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ

ଲଣ୍ଡନ,୯।୬: ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ତାଙ୍କ ଟିମ୍‌ମେଟ୍ ଗସ୍ ଆଟକିନସନ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ କ୍ରିକେଟରୁ ବାଦ୍ ପଡ଼ିଛନ୍ତି। ଦଳର ପ୍ରୋଟୋକଲ ଭଙ୍ଗ କରିଥିବାରୁ ଦୁହିଁଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଇଂଲଣ୍ଡ ଓ ଓ୍ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ କୁହାଯାଇଛି ଯେ, ରବିବାର ଲର୍ଡସଠାରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିବା ପରେ ଏକ ଘଟଣା ସହ ଏହି ଦୁଇଜଣ ସମ୍ପୃକ୍ତ ଥିଲେ। ସୋମବାର ସକାଳେ ବେନ୍ ଷ୍ଟୋକ୍ସ ଓ ଗସ୍ ଆଟକିନସନ ଏକ ନାଇଟ୍ କ୍ଲବରେ ଉପସ୍ଥିତ ଥିବାବେଳେ ଘଟଣାଟି ଘଟିଥିବା ଇସିବି କହିଛି। ଘଟଣାଟି ସମ୍ପର୍କରେ ଅଧିକ ତଥ୍ୟ ମଗାଯାଇଛି। ଦ୍ୱିତୀୟ ଟେଷ୍ଟ ପାଇଁ ଠିକଣା ସମୟରେ ଦଳ ଘୋଷଣା କରାଯିବ ବୋଲି ଇସିବି କହିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ